ବର୍ଷ-୨୬, ସଂଖ୍ୟା-୨୨୮
ଭୁବନେଶ୍ୱର
ଅଗଷ୍ଟ ୨୪, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 228
Bhubaneswar
August, 24 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ଜଗତସିଂହପୁର ମହିଳାଙ୍କୁ ତାମିଲନାଡୁରେ ଜଘନ୍ୟ ହତ୍ୟା

## ଶରୀରକୁ ଖଣ୍ଡଖଣ୍ଡ କଲେ, ଆସାମ ପୁଅ ଓ ଓଡିଆ ଝିଅଙ୍କୁ ଖୋଜୁଛି ପୁଲିସ୍

ଭୁବନେଶ୍ୱର, ୨୩।୮ (ମହାଭାରତ):ତାମିଲନାଡୁ ଏକ୍ସପ୍ରେସରୁ ମିଳିଥିବା ସୁଟ୍‌କେସ୍ ଭିତରୁ ମୁଣ୍ଡହୀନ ମହିଳାଙ୍କ ମୃତଦେହ ଠାବ ହେବା ଘଟଣାରେ ନୂଆ ଟ୍ୱିଷ୍ଟ। ମୃତକଙ୍କ ପରିଚୟ ପୁଲିସ୍ ହାସଲ କରିବା ସହ ଏହା ପଛରେ ଥିବା ଅଭିଯୁକ୍ତଙ୍କୁ ମଧ୍ୟ ଚିହ୍ନଟ କରିଛି। ମୃତକ ଜଣଙ୍କ ଓଡିଶାର ଜଗତସିଂହପୁର ହୋଇଥିବା ବେଳେ ପୁଲିସ୍ ଏବେ ଆସାମର ଜଣେ ଯୁବକ ଓ ଓଡିଶାର ଜଣେ ଯୁବତୀଙ୍କୁ ଖୋଜିବା ଆରମ୍ଭ କରିଛି।

ଅଗଷ୍ଟ ୫ରେ ଆଗ୍ରା କ୍ୟାଣ୍ଟନମେଣ୍ଟରେ ତାମିଲନାଡୁ ଏକ୍ସପ୍ରେସ ପହଞ୍ଚିବା ପରେ ଗୋଟିଏ ସନ୍ଦିଗ୍ଧ ସୁଟକେସ ମିଳିଥିଲା। ଏହା ଭିତରୁ ମୁଣ୍ଡ ନଥିବା ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ଓ ଅଧା ପୋଡି ଯାଇଥିବା ମୃତଦେହ ଠାବ ହୋଇଥିଲା। ଏହାପରେ ଜିଆରପି ଓ ସ୍ଥାନୀୟ ପୁଲିସ୍ ଏହାର ତଦନ୍ତ କରି ତାମିଲନାଡୁର ଗୁଡୁଭାନଚେରୀରର ଗୋଟିଏ ଘରେ ପହଞ୍ଚିଛନ୍ତି। ଉକ୍ତ ଘରୁ ମହିଳାଙ୍କ ମୁଣ୍ଡ ଓ ଶରୀରର ଆଉ କିଛି ଅଂଶ ମିଳିଛି।

ଇଣ୍ଡିଆ ଟୁଡେ ରିପୋର୍ଟ ଅନୁସାରେ, ଘର ଭିତରେ ମୁଣ୍ଡ ଆଉ କିଛି ଅଂଶ ଝୁଲି ରହିଥିଲା। ବାକି ଅଂଶ ବିରିୟାନୀ ତିଆରି ପାଇଁ ବ୍ୟବହୃତ ହୋଇଥିବା ଗୋଟିଏ ହାଣ୍ଡି ମଧ୍ୟରୁ ପୁଲିସ୍ ଜବତ କରିଛି। ଏଥିସହ ଏଠାରେ ଭଡାରେ ରହୁଥିବା ଆସାମର ଯୁବକ ଓ ଓଡିଶାର ଜଣେ ଯୁବତୀଙ୍କୁ ମଧ୍ୟ ପୁଲିସ ଖୋଜିବା ଆରମ୍ଭ କରିଥିବା ଏହି ରିପୋର୍ଟରେ କୁହାଯାଇଛି।

ଦ ହିନ୍ଦୁରେ ମୃତ ମହିଳାଙ୍କ ପରିଚୟ ସମ୍ପର୍କରେ ବଡ ଦାବି କରାଯାଇଛି। ଏଥିରେ କୁହାଯାଇଛି ଯେ ଅଗଷ୍ଟ ୫ ତାରିଖ ଭୋର ପ୍ରାୟ ୫ଟା ସମୟରେ ଆଗ୍ରା ରେଳ ଷ୍ଟେସନରେ ତାମିଲନାଡୁ ଏକ୍ସପ୍ରେସ୍ (ଟ୍ରେନ୍ ନଂ. ୧୨୬୨୧)ର ପଛପଟ ସାଧାରଣ ବଗିରୁ ଗୋଟିଏ ନାଲି ରଙ୍ଗର ଟ୍ରଲି ବ୍ୟାଗ୍ ମିଳିଥିଲା।

ଏହା ଖୋଲିବା ମାତ୍ରେ ତା' ଭିତରୁ ମୁଣ୍ଡ ବିହୀନ ଓ ପଚିଯାଇଥିବା ଜଣେ ମହିଳାଙ୍କ ମୃତଦେହର କିଛି ଅଂଶ ମିଳିଥିଲା। ଆଗ୍ରା ରେଳ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଥିବା ବେଳେ ଏହାର ଚେର ଚେନ୍ନାଇର ଗୁଡୁଭାନଚେରୀ ଯାଏ ଲମ୍ବିଥିବା ଜଣାପଡିଥିଲା।



ସେଠାକୁ ଯାଇ ଅଧିକ ତଦନ୍ତ କରାଯିବାରୁ ଜଣାପଡିଛି ଯେ ମୃତ ମହିଳା ଜଣଙ୍କ ଓଡ଼ିଶାର ଜଗତସିଂହପୁର ମୂଳବାସିନ୍ଦା। ସେ ଜହୁର ଖାନଙ୍କ ୩୮ ବର୍ଷୀୟ ପତ୍ନୀ ହାୟାତୁନ୍ ନିଶା। ସେ ଚେନ୍ନାଇରେ ଥିବା ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ସୁଟ୍‌କେସ୍ ମିଳିବା ପରେ ଚେନ୍ନାଇ ସେଣ୍ଟ୍ରାଲ ଜିଆରପି ଓ ରେଳ ସୁରକ୍ଷା ବଳର କ୍ରାଇମ୍ ଇଣ୍ଟେଲିଜେନ୍ସ ବ୍ରାଞ୍ଚ ଚେନ୍ନାଇ ସେଣ୍ଟ୍ରାଲର ପ୍ଲାଟଫର୍ମ ନଂ. ୪ର ସିସିଟିଭି ଫୁଟେଜକୁ ଭଲ ଭାବେ ଯାଞ୍ଚ କରିଥିଲେ। ଏହି ସମୟରେ ଜଣେ ଯୁବକ ଓ ଜଣେ ଯୁବତୀଙ୍କ ହାତରେ ଠାବ ହୋଇଥିବା ନାଲି ସୁଟକେସ୍‌କୁ ଦେଖିବାକୁ ମିଳିଥିଲା।

ସେମାନେ ଏହି ଟ୍ରଲି ବ୍ୟାଗ୍ ଧରି ତାମିଲନାଡୁ ଏକ୍ସପ୍ରେସ୍‌ରେ ଚଢୁଥିବା ସିସିଟିଭିରେ କଏଦ ହୋଇଛି। ଟ୍ରେନ୍ ଅଗଷ୍ଟ ୩ ତାରିଖ ରାତି ପ୍ରାୟ ୧୦ଟାରେ ଚେନ୍ନାଇ ସେଣ୍ଟ୍ରାଲରୁ ଦିଲ୍ଲୀ ଅଭିମୁଖେ ଯାତ୍ରା କରିଥିଲା।

ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ପୁଲିସ ଅଧୀକ୍ଷକ ପି ରାଜନଙ୍କ ନେତୃତ୍ୱରେ ପୁଲିସ ଟିମ୍ ଏହି ଦୁଇ ଜଣଙ୍କୁ ଚିହ୍ନଟ କରି ସେମାନେ ଗୁଡୁଭାନଚେରୀର ରହୁଥିବା ଜାଣିବାକୁ ପାଇଥିଲା। ଶୁକ୍ରବାର ପୁଲିସ ଟିମ୍ ଏହି ଦୁଇ ସନ୍ଦିଗ୍ଧ ରହୁଥିବା ଗୁଡୁଭାନଚେରୀର ମସଜିଦ୍ ଷ୍ଟ୍ରିଟ୍ ସ୍ଥିତ ଘରକୁ ଠାବ କରି ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲା।

ଘରେ ଯାଞ୍ଚ ବେଳେ ପୁଲିସ ମହିଳାଙ୍କ ମୃତଦେହର ଅବଶିଷ୍ଟାଂଶ ଠାବ କରିଛି। ପୁଲିସ ଜାଣିବାକୁ ପାଇଛି ଯେ ଏହି ଘରେ ଆସାମର ମାଣିକ ଉଦ୍ଦିନ ଲସ୍କର ଓ ଓଡ଼ିଶାର ଭଗବତୀ ମାଝୀ ଏଠାରେ ରହୁଥିଲେ। କିନ୍ତୁ ଘଟଣା ପରଠାରୁ ସେମାନେ ଫେରାର ହୋଇ ଯାଇଛନ୍ତି। ସେହିପରି ସେମାନଙ୍କ ହାତରେ ହିଁ ଟ୍ରେନରୁ ଠାବ ହୋଇଥିବା ନାଲି ସୁଟକେସ୍ ଦେଖିବାକୁ ମିଳିଥିଲା। ତେଣୁ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଭାବେ ପୁଲିସ୍ ସେମାନଙ୍କୁ ଚିହ୍ନଟ କରିଛି।

ସେମାନଙ୍କ ମୋବାଇଲ୍ ଫୋନ୍ ଟ୍ରାକିଂ କରିବା ପରେ ଏହି ଘଟଣାର ଲିଙ୍କ୍ ଓଡିଶା ସହ ଥିବା ପୁଲିସ୍ ସୂଚନା ପାଇଛି। ହତ୍ୟାକାଣ୍ଡ ପରେ ସନ୍ଦିଗ୍ଧ ଦମ୍ପତି ଓଡିଶା ଚାଲି ଆସିଥିବା କୁହାଯାଉଛି। ତେଣୁ ତାମିଲନାଡୁ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଓଡିଶାରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବା ଜଣାପଡିଛି। ଏବେ ସନ୍ଦିଗ୍ଧ ଦମ୍ପତିଙ୍କ ଠିକଣା, ଯାତାୟାତ ଓ ଫୋନ୍ ଲୋକେସନ୍ ଆଦି ସମ୍ପର୍କରେ ତଦନ୍ତକାରୀ ଟିମ୍ ତଥ୍ୟ ସଂଗ୍ରହ କରୁଛି।

ଦ ହିନ୍ଦୁରେ ମୃତକ ଜଣଙ୍କ ଓଡିଶାର ହାୟାତୁନ୍ ନିଶା ବୋଲି କୁହାଯାଇଥିଲେ ହେଁ ଟାଇମ୍ସ ଅଫ ଇଣ୍ଡିଆରେ କିନ୍ତୁ ଅଲଗା ରିପୋର୍ଟ ପ୍ରକାଶ ପାଇଛି। ଟାଇମ୍ସ ଅଫ ଇଣ୍ଡିଆ କହିଛି ଯେ ମୃତକ ଜଣକ ହେଲେ ହୈଦୁଲ ନିଶା। ତାଙ୍କ ଘର ତାମିଲନାଡୁର ପାରାମାକୁଡି ଅଞ୍ଚଳରେ। ସେହିପରି ଦୁଇ ଅଭିଯୁକ୍ତ ଦମ୍ପତି ଓଡିଶାର ବୋଲି ଚିହ୍ନଟ ହୋଇଛନ୍ତି।

ରିପୋର୍ଟରେ ଦାବି କରାଯାଇଛି ଯେ ଗୁଡୁଭାନଚେରୀ ସ୍ଥିତ ଘରେ ପୁଲିସ ପହଞ୍ଚିବା ପରେ ଏହା ବନ୍ଦ ରହିଥିଲା। ତେଣୁ ପୁଲିସ୍ ପ୍ରଥମେ ପଡଶୀଙ୍କୁ ପଚରାଉଚରା କରିଥିଲା। ଏତିକି ବେଳେ ସେମାନେ କହିଥିଲେ ଯେ ଏଠାରେ ଦୁଇ ଜଣ ମହିଳା ଓ ଓଡିଶାର ଜଣେ ଯୁବକ ରହୁଥିଲେ।

ଏହାପରେ ପୁଲିସ୍ ସନ୍ଦିଗ୍ଧଙ୍କ ମୋବାଇଲକୁ ଟ୍ରାକ କରି ସେମାନେ ଓଡିଶା ପଳାଇ ଆସିଥିବା ଜାଣିବାକୁ ପାଇଛି। ଏଥିପାଇଁ ଓଡିଶାକୁ ୩ଟି ଟିମ ପଠାଯାଇଛି। ହେଲେ ଏଯାଏ ପୁଲିସ୍ ଏ ସମ୍ପର୍କରେ କିଛି ବି କୁହାଯାଇ ନାହିଁ।

## ଇ-ଲଟେରୀରେ କଟକ ଜିଲ୍ଲାର ବାଲିଘାଟ ହେବ ନିଲାମ

କଟକ ୨୩।୮ (ମହାଭାରତ):: ପ୍ରାୟ ଦୁଇ ବର୍ଷ ଖାଲି ଛଡାଯିବା ପରେ କଟକ ଜିଲ୍ଲାର ୪୦ଟି ବାଲିଘାଟକୁ ନିଲାମ ପାଇଁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ଆବେଦନ କରିବାର ଶେଷ ସମୟ ହେଉଛି ସେପ୍ଟେମ୍ବର ୨୧ ତାରିଖ । ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୬ ତାରିଖ ମଧ୍ୟରେ ଟେଣ୍ଡର ଖୋଲାଯିବ । ଅକ୍ଟୋବର ୧୨ରୁ ୧୬ ତାରିଖ ମଧ୍ୟରେ ଇ-ଲଟେରୀ ଜରିଆରେ ଉପଯୁକ୍ତ ନିଲାମଧାରୀଙ୍କୁ ବଛାଯିବ । ତେବେ ଚଳିତ ଥର ପ୍ରଥମ ଥର ଲାଗି ବାଲିଘାଟଗୁଡିକ ନିଲାମ ଇ-ଲଟେରୀ ଜରିଆରେ ଆବଣ୍ଟନ କରାଯିବ ।

କଟକ ବଡମ୍ବାରେ ୩ଟି ବାଲିଘାଟ ରହିଥିଲା ବେଳେ କଟକ ସଦରରେ ୫ଟି ବାଲିଘାଟ, କଣ୍ଟାପଡା ତହସିଲ୍ ପାଇଁ ଗୋଟିଏ, କିଶୋରନଗର ଏବଂ ନିଶ୍ଚିନ୍ତକୋଇଲି ତହସିଲ୍ ପାଇଁ ସର୍ବାଧିକ ୯ଟି ଲେଖାଏଁ ବାଲିଘାଟ, ନରସିଂହପୁର ତହସିଲ୍ ରେ ୬ଟି, ଟିଗିରିଆ ତହସିଲ୍‌ରେ ୨ଟି ପଥର ଖଣି, ଆଠଗଡରେ ଗୋଟିଏ ମୋରମ୍ ଖଣି, ଡମପଡାରେ ଗୋଟିଏ ମୋରମ ଖଣି, ଟାଙ୍ଗୀ-ଚୌଦ୍ୱାରରେ ମୋରମ୍ ଖଣିର ନିଲାମ ପାଇଁ ସ୍ଥିର ହୋଇଛି । ପ୍ରାୟ ପ୍ରତ୍ୟେକ ବାଲିଘାଟ ୧୨ ଏକର ପରିମିତ ଅଞ୍ଚଳରେ ଉପରେ ରହିଛି । ପ୍ରତ୍ୟେକ ବାଲିଘାଟରୁ ବାର୍ଷିକ ୫୦ ହଜାର ଘନଫୁଟ୍‌ରୁ ୯୫ ହଜାର ଘନଫୁଟ୍ ପର୍ଯ୍ୟନ୍ତ ବାଲି ଉଠିପାରିବ ବୋଲି ଧାର୍ଯ୍ୟ ହୋଇଛି । ପ୍ରତି ଘନମିଟର ପିଛା ୭୦ ଟଙ୍କା ଧାର୍ଯ୍ୟ କରାଯାଇଛି ।

## ଦୁଷ୍କର୍ମ ମାମଲାରେ ନିଲମ୍ବିତ ଆଇଆଇସିଙ୍କୁ ଖୋଜୁଛି କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୨୩।୮ (ମହାଭାରତ): ଦୁଷ୍କର୍ମ ଅଭିଯୋଗରେ ସସପେଣ୍ଡ ହୋଇଥିବା ଶରଣକୁଳ ଥାନା ପୂର୍ବତନ ଆଇଆଇସି ସୁଜିତ କୁମାର ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତେଜ ହୋଇଛି। ମାମଲାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚର କ୍ରାଇମ ଅଗେନଷ୍ଟ ୱିମେନ୍ ଶାଖା ବର୍ତ୍ତମାନ ତାଙ୍କୁ ଗିରଫ କରିବା ପାଇଁ ଜୋରଦାର ଖୋଜାଖୋଜି ଚଳାଇଛି ।ଜଣେ ମହିଳାଙ୍କ ଦୁଷ୍କର୍ମ ଅଭିଯୋଗ ପରେ ସୁଜିତ ଦାସଙ୍କୁ ସସପେଣ୍ଡ କରାଯାଇଥିଲା। ପ୍ରଥମେ ସ୍ଥାନୀୟ ପୋଲିସ ମାମଲାର ତଦନ୍ତ କରିଥିବା ବେଳେ ପରେ ଏହାକୁ କ୍ରାଇମବ୍ରାଞ୍ଚ ଉଇଙ୍ଗକୁ ହସ୍ତାନ୍ତର କରାଯାଇଥିଲା। ତଦନ୍ତ ସମୟରେ ଅଭିଯୋଗର ପ୍ରାଥମିକ ସତ୍ୟତା ଓ ପ୍ରମାଣ ମିଳିଥିବା ଦାବି କରିଛି କ୍ରାଇମବ୍ରାଞ୍ଚ ।ଏହାପରେ ସୁଜିତ ଦାସ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ ଓ ତାଙ୍କୁ ଅନ୍ତରୀଣ ସୁରକ୍ଷା ମିଳିଥିଲା। କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ସେ କ୍ରାଇମବ୍ରାଞ୍ଚ ସମ୍ମୁଖରେ ହାଜର ମଧ୍ୟ ହୋଇଥିଲେ। ତେବେ କ୍ରାଇମବ୍ରାଞ୍ଚ ପକ୍ଷରୁ ହାଇକୋର୍ଟରେ ଅନ୍ତରୀଣ ସୁରକ୍ଷା ପ୍ରତ୍ୟାହାର ପାଇଁ ଆବେଦନ କରାଯାଇଥିଲା। ଅଗଷ୍ଟ ୨୦ରେ ଶୁଣାଣି ପରେ ହାଇକୋର୍ଟ ସୁଜିତ ଦାସଙ୍କ ଅନ୍ତରୀଣ ସୁରକ୍ଷା ହଟାଇବା ସହ ଆଗୁଆ ଜାମିନ ଆବେଦନ ଖାରଜ କରି ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ରାୟ ପରେ ଗିରଫ ଏଡ଼ାଇବାକୁ ସୁଜିତ ଦାସ ଫେରାର ଥିବା ସୂଚନା ମିଳିଛି। ଏହି ଚର୍ଚ୍ଚିତ ମାମଲାରେ କ୍ରାଇମବ୍ରାଞ୍ଚର ତଦନ୍ତ ଜାରି ରହିଛି। ସୁଜିତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି କ୍ରାଇମବ୍ରାଞ୍ଚ ସିଏଡବ୍ଲୁ।

# ସୃଷ୍ଟି ହେଲା ଲଘୁଚାପ

## ଭୀଷଣ ବର୍ଷା ଆଶଙ୍କା, ୫ ଜିଲ୍ଲାକୁ ରେଡ୍ ୱାର୍ଣ୍ଣିଂ

ଭୁବନେଶ୍ୱର, ୨୩।୮ (ମହାଭାରତ): ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟି ହୋଇଛି ଗୋଟିଏ ଲଘୁଚାପ କ୍ଷେତ୍ର। ଏଥିଯୋଗୁ ଓଡିଶାର ବିଭିନ୍ନ ସ୍ଥାନରେ ହୋଇପାରେ ଭୀଷଣ ବର୍ଷା। ଉତ୍ତର, ଦକ୍ଷିଣ ଓ ପଶ୍ଚିମ ଓଡିଶାର ବିଭିନ୍ନ ସ୍ଥାନରେ ଆଜି ଓ ଆସନ୍ତାକାଲି ସକାଳ ୮.୩୦ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର।

ବର୍ଷାକୁ ଦୃଷ୍ଟିରେ ରଖି ସାରା ରାଜ୍ୟକୁ ଆଲର୍ଟ ଜାରି କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଭୀଷଣ ବର୍ଷା ଆଶଙ୍କାରେ ଆସନ୍ତାକାଲି ସକାଳ ୮.୩୦ ଯାଏ ରାଜ୍ୟର ୫ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ଅନୁଗୁଳ, ଢେଙ୍କାନାଳ, କଟକ, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ପାଇଁ ଏହି ରେଡ ୱାର୍ଣ୍ଣିଂ ଜାରି ହୋଇଛି। ଅର୍ଥାତ ଏହି ଜିଲ୍ଲାଗୁଡିକରେ ଭୀଷଣରୁ ଅତି ଭୀଷଣ ବର୍ଷା ହୋଇପାରେ। ଏଠାରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ରେକର୍ଡ ହେବାର ଆଶଙ୍କା ରହିଛି।

ସେହିପରି ମାଲକାନଗିରି, ରାୟଗଡା, ୨୩।୮ (ମହାଭାରତ): କୋରାପୁଟ, କନ୍ଧମାଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ ଓ ନୟାଗଡରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ଆଶଙ୍କା ଥିବାରୁ ଏହି ସବୁ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହାବାଦ ନୂଆପଡା, ବଲାଙ୍ଗୀର, ବରଗଡ, ଝାରସୁଗୁଡା, ସୁନ୍ଦରଗଡ, ଗଞ୍ଜାମ ଓ ଗଜପତି ପାଇଁ ପାଣିପାଗ କେନ୍ଦ୍ର ୟେଲୋ ୱାର୍ଣ୍ଣିଂ ଜାରି କରିଛି। ଏହି ସବୁ ଜିଲ୍ଲାର କିଛି ସ୍ଥାନରେ ବିକ୍ଷିପ୍ତ ବର୍ଷା ହୋଇପାରେ।

୨୪ ତାରିଖ ସକାଳ ୮ଟା ୩୦ରୁ ୨୫ ତାରିଖ ୮.୩୦ ଯାଏ ରାଜ୍ୟର କୌଣସି ଜିଲ୍ଲାକୁ ରେର୍ଡ ଆଲର୍ଟ ଜାରି କରାଯାଇନାହିଁ। କିନ୍ତୁ ପଶ୍ଚିମ ଓଡିଶାର ଏକାଧିକ ଜିଲ୍ଲାକୁ ଅରେଞ୍ଜ ଆଲର୍ଟରେ ରଖାଯାଇଛି। ବାକି ରାଜ୍ୟର ସମସ୍ତ ଜିଲ୍ଲା ୟେଲୋ ୱାର୍ଣ୍ଣିଂ ମଧ୍ୟରେ ରହିଛନ୍ତି। ୨୫ ତାରିଖ ସକାଳ ୮.୩୦ ପରେ ବର୍ଷାର ପ୍ରକୋପ କମିବ। କିନ୍ତୁ ସୁନ୍ଦରଗଡ ଜିଲ୍ଲାରେ ୨୭ ତାରିଖ ସକାଳ ଯାଏ ପ୍ରବଳରୁ ଅତି ପ୍ରବଳ ବର୍ଷା ଲାଗି ରହିପାରେ। ଏପରି ଭାବେ ୩୦ ତାରିଖ ଯାଏ ରାଜ୍ୟର ଅନେକ ସ୍ଥାନରେ ବିକ୍ଷିପ୍ତ ବର୍ଷା ଲାଗି ରହିପାରେ ବୋଲି କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

## ୩ଟି ଜିଲ୍ଲାର ୧୭ଟି ବ୍ଲକରେ ସ୍କୁଲ-ଅଙ୍ଗନବାଡି ବନ୍ଦ

ଭୁବନେଶ୍ୱର, ୨୩।୮ (ମହାଭରାତ): ଆସନ୍ତାକାଲି ରାଜ୍ୟର ୩ଟି ଜିଲ୍ଲାର ୧୭ଟି ବ୍ଲକର ସମସ୍ତ ସରକାରୀ ଏବଂ ଘରୋଇ ବିଦ୍ୟାଳୟ ବନ୍ଦ ରହିବ। ଏହି ବ୍ଲକଗୁଡିକରେ ଥିବା ଅଙ୍ଗନବାଡିଗୁଡିକ ମଧ୍ୟ ପିଲାଙ୍କ ପାଇଁ ବନ୍ଦ ରହିବ। ସ୍କୁଲ ଏବଂ ଅଙ୍ଗନବାଡି ବନ୍ଦ ତାଲିକାରେ ଯାଜପୁର, ଭଦ୍ରକ ଏବଂ ନବରଂଗପୁର ଜିଲ୍ଲା ସାମିଲ ଅଛି।ସୂଚନା ଅନୁସାରେ ଯାଜପୁର ଜିଲ୍ଲାର ୮ଟି ବ୍ଲକରେ ୧୬୨ଟି ସ୍କୁଲ ବନ୍ଦ ରହିବ। ଏଥି ସହିତ ଏହି ବ୍ଲକର ସମସ୍ତ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିବ। ସେହିପରି ଭଦ୍ରକ ଜିଲ୍ଲାରେ ଲଗାଣ ବର୍ଷା, ବନ୍ୟା ପରିସ୍ଥିତି ଓ ପୁନରୁଦ୍ଧାର କାର୍ଯ୍ୟକୁ ଦୃଷ୍ଟିରେ ରଖି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଭଦ୍ରକ, ତିହିଡି, ଓ ଚାନ୍ଦବାଲିରେ ୮୯ଟି ସ୍କୁଲ ୨୪ ଅଗଷ୍ଟ ୨୦୨୬ରେ ବନ୍ଦ ରହିବ। ଓଡିଶାର ଅନେକ ଜିଲ୍ଲାରେ ଗତକାଲି ଠାରୁ ପ୍ରବଳ ବର୍ଷା ଜାରି ରହିଛି। ପ୍ରବଳ ବର୍ଷା ଯୋଗୁଁ ନବରଂଗପୁର ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି। ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ନବରଂଗପୁର ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ବଜ୍ରପାତକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ନେଇ ଜିଲ୍ଲାପାଳ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶନାମା ଅନୁସାରେ ଆସନ୍ତାକାଲି (୨୦୨୬ ଅଗଷ୍ଟ ୨୪)ରେ ନବରଂଗପୁର ଜିଲ୍ଲାର ସମସ୍ତ ଅଙ୍ଗନବାଡି, ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ତେବେ ସ୍କୁଲ ଏବଂ ଅଙ୍ଗନବାଡିରେ ଯଦିଓ ପାଠ ପା ଯିବ ନାହିଁ, କିନ୍ତୁ ପ୍ରଧାନଶିକ୍ଷକ/ଶିକ୍ଷକ ଏବଂ ଅଙ୍ଗନବାଡି କର୍ମଚାରୀମାନେ ନିଜନିଜ କର୍ମସ୍ଥଳରେ ଉପସ୍ଥିତ ରହିବେ।

# ବାଂଲାଦେଶରେ ହିନ୍ଦୁ ପରିବାରର ୪ ସଦସ୍ୟଙ୍କୁ ହତ୍ୟା

ଢାକା, ୨୩।୮ (ମହାଭାରତ): ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସଂପ୍ରଦାୟ ବିରୋଧରେ ପୁଣି ଆରମ୍ଭ ହୋଇଯାଇଛି ଆକ୍ରମଣ। ହିନ୍ଦୁ ପରିବାରର ୪ ଜଣଙ୍କୁ ଅତ୍ୟନ୍ତ ନିର୍ମମ ଭାବେ କରାଯାଇଛି ହତ୍ୟା। ବନ୍ଦ ଘର ଭିତରୁ ମିଳିଛି ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ। ଏମାନଙ୍କ ମଧ୍ୟରେ ଜଣେ ୧୨ ବର୍ଷର ବାଳକ ମଧ୍ୟ ରହିଛନ୍ତି।

ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ, ତାଙ୍କ ପତ୍ନୀ, ଝିଅ ଓ ୧୨ ବର୍ଷର ପୁଅ ହତ୍ୟାର ଶିକାର ହୋଇଥିବା ଅଭିଯୋଗ ହୋଇଛି। ବାଂଲାଦେଶର ରଙ୍ଗପୁର ସିଟି ସ୍ଥିତ ଶିକ୍ଷକଙ୍କ ଘର ଭିତରୁ ୪ ଜଣଙ୍କ ମୃତଦେହ ମିଳିବା ପରେ ହଇଚଇ ସୃଷ୍ଟି ହୋଇଛି।



ଦାସପଡା ଅଞ୍ଚଳରେ ରହୁଥିଲେ ରଙ୍ଗପୁର ଜିଲ୍ଲା ସ୍କୁଲର ପୂର୍ବତନ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ। ଶନିବାର ରାତି ୧୧.୩୦ରେ ସେ ରହୁଥିବା ଘରୁ ଭିତରୁ ମିଳିଥିଲା ୪ ଜଣଙ୍କ ମୃତଦେହ। ଏହି ଘରଟି ବନ୍ଦ ରହିଥିଲା। କିନ୍ତୁ ପୁଲିସ୍ କବାଟ ଭାଙ୍ଗି ଘର ଭିତରୁ ୪ ଜଣଙ୍କ ମୃତଦେହ ଠାବ କରିଛି। ଗଣପତିଙ୍କ ସମେତ ତାଙ୍କ ପତ୍ନୀ ପ୍ରୀତିଲତା, ଝିଅ ଅଗ୍ନି ଚକ୍ରବର୍ତ୍ତୀ ପ୍ରାଥି ଓ ପୁଅ ପ୍ରିୟମଙ୍କ ମୃତଦେହକୁ ପୁଲିସ୍ ଜବତ କରିଛି। ଗଣପତି ଗତବର୍ଷ ଡିସେମ୍ବର ୩୧ରେ ରଙ୍ଗପୁର ଜିଲ୍ଲା ସ୍କୁଲରୁ ଅବସର ନେଇଥିଲେ। ତାଙ୍କ ଝିଅ ଅଗ୍ନି ଚଳିତ ବର୍ଷ ଇଂରାଜୀରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପୁଅ ପ୍ରିୟ ୫ମ ଶ୍ରେଣୀରେ ପଢୁଥିଲେ। ସବୁ କିଛି ଠିକଠାକ ଚାଲିଥିବା ବେଳେ ହଠାତ୍ ଗୁରୁବାର ମଧ୍ୟାହ୍ନରୁ ଗଣପତି ଓ ତାଙ୍କ ପରିବାର ସଦସ୍ୟଙ୍କ ଦେଖା ମିଳି ନଥିଲା। ସେହିପରି ସମ୍ପର୍କୀୟଙ୍କମାନେ ସେମାନଙ୍କ ସହ ଯୋଗାଯୋଗ କରି ନପାରିବାକୁ ସନ୍ଦେହ ବିଥିଲା। ପ୍ରୀତିଲତାଙ୍କ ସାନ ଭଉଣୀ ପୂଜାଙ୍କ କହିବା କଥା ଯେ ସେ ଗୁରୁବାର ମଧ୍ୟାହ୍ନରେ ଶେଷଥର ପାଇଁ ତାଙ୍କ ଭଉଣୀଙ୍କ ସହ କଥା ହୋଇଥିଲେ। ହେଲେ ଦିନକ ପରେ ପରିବାରର ୪ ଜଣ ସଦସ୍ୟଙ୍କ ଫୋନ ଏକାସଙ୍ଗେ ବନ୍ଦ ହୋଇଯାଇଥିଲା।ସେ କହିଛନ୍ତି, "ଆମେ ଶନିବାର ରାତିରେ ଦାସପଡା ଆସିଥିଲୁ। ଏହି ସମୟରେ ଘରର ମୁଖ୍ୟ ଗେଟ ବନ୍ଦ ଥିଲା। ଘର ଭିତରେ ଲାଇଟ ମଧ୍ୟ ଜଳୁ ନଥିଲା। ଏହାକୁ ଦେଖି ଆମେ ପୁଲିସ୍‌କୁ ଖବର ଦେଇଥିଲୁ। ପୁଲିସ୍ ଲକ ଭାଙ୍ଗି ଘର ଭିତରେ ପଶିଥିଲା। ଏହି ସମୟରେ ସମସ୍ତଙ୍କ ମୃତଦେହ ଘର ଭିତରେ ପଡିଥିବା ଦେଖିବାକୁ ମିଳିଥିଲା।" ଘଟଣାରେ ପୂଜା ସ୍ତବ୍ଧ ହୋଇ ଯାଇଥିବା ବେଳେ କିଏ ଓ କାହିଁକି ଏତେ ବଡ ଘଟଣା ଘଟାଇଲା ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ତାଙ୍କ କହିବା କଥା ଯେ ଗଣପତି ବେଶ ଭଲ ଲୋକ ଥିଲେ। ତାଙ୍କର କୌଣସି ଶତ୍ରୁ ନଥିଲେ।

ଏଥିସହ ଦାସପଡା ଅଞ୍ଚଳରେ ଗଣପତି ନୂଆ ଘର କରିବା ସହ ପରିବାର ସହ ରହୁଥିଲେ ବୋଲି ସେ କହିଛନ୍ତି। ଏଥିସହ ପୁଲିସ୍ ଓ ଫରେନ୍ସିକ ଟିମକୁ ଘଟଣା ପଛରେ ଥିବା ଲୋକଙ୍କୁ ଧରିବାକୁ ଅନୁରୋଧ କରିଛନ୍ତି। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ସିଆଇଡି ଓ ଡିଟେକ୍ଟିଭ ବ୍ରାଞ୍ଚ ଏହାର ତଦନ୍ତ ଆରମ୍ଭ କରିଛନ୍ତି। ଘରର ସି ପାଖରୁ ପ୍ରୀତିଲତା ଓ ତାଙ୍କ ଝିଅଙ୍କ ମୃତଦେହ ମିଳିଥିଲା। ଗଣପତିଙ୍କ ମୃତଦେହକୁ ପୁଲିସ୍ ଛାତରୁ ଜବତ କରିଛି। ପରିବାରର ସବୁଠାରୁ ସାନ ୧୨ ବର୍ଷୀୟ ପ୍ରିୟମଙ୍କ ମୃତଦେହ ଘରର ଖଟ ତଳେ ପଡି ରହିଥିଲା। ଏବେ ଏହାର ଅଧିକ ତଦନ୍ତ କରାଯାଉଥିବା ପୁଲିସ୍ କହିଛି।

## ଓଡ଼ିଶା ଉପକୂଳରେ ଜାହାଜ ବୁଡ଼ିବା ଦୁର୍ଭାଗ୍ୟଜନକ: ସୋନୱାଲ

ଭୁବନେଶ୍ୱର ୨୩।୮ (ମହାଭରାତ)::ଓଡ଼ିଶା ଉପକୂଳରେ ପାନାମା ପତାକା ବହନକାରୀ ମାଲବାହୀ ଜାହାଜ 'ଏମ୍‌ଭି ଓସେନ୍ ୱିନର' ବୁଡ଼ିଯିବା ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ। ଏହି ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କହିବା ସହ ଜାହାଜରେ ଥିବା ଅନ୍ୟ କ୍ରୁ ମେମ୍ବରଙ୍କ ସୁରକ୍ଷା କାମନା କରିଛନ୍ତି ମନ୍ତ୍ରୀ।



ସୋନୱାଲ ନିଜର 'ଏକ୍ସ' ହ୍ୟାଣ୍ଡଲରେ ଘଟଣା ସମ୍ପର୍କରେ ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ, ଏମ୍‌ଭି ଓସେନ୍ ୱିନର ନାମକ ଜାହାଜଟି ଓଡ଼ିଶା ଉପକୂଳରେ ବୁଡ଼ିଯାଇଛି। ପାନାମା ପତାକା ଥିବା ଏହି ଜାହାଜଟି ପାରାଦୀପରୁ ଲୁହାପଥର ନେଇ ଚୀନ୍ ଅଭିମୁଖେ ଯାଉଥିଲା।

ଘଟଣା ପରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯାଇଛି। ରେସ୍କ୍ୟୁ ଅପରେସନରେ ସମସ୍ତ ସମ୍ପୃକ୍ତ ଏଜେନ୍ସିକୁ ନିୟୋଜିତ କରାଯାଇଥିବା ସୋନୱାଲ କହିଛନ୍ତି। ଏପର୍ଯ୍ୟନ୍ତ ୨ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି।


ଅଗଷ୍ଟ ୫ ତାରିଖରେ ଏହି ଜାହାଜଟି ପାରାଦୀପ ବନ୍ଦରକୁ ଆସିଥିଲା। କିନ୍ତୁ ବର୍ଥରେ ସ୍ଥାନ ନ ଥିବାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଭିତରେ ଜାହାଜକୁ ଅପେକ୍ଷା କରିବାକୁ ପଡିଥିଲା। ଅଗଷ୍ଟ ୨୦ ତାରିଖରେ ଲୁହାପଥର ବୋଝେଇ କରି ଜାହାଜଟି ପାରାଦୀପ ବନ୍ଦର ଛାଡିଥିଲା। ଭୁବନେଶ୍ୱରରୁ କୋଷ୍ଟଗାର୍ଡ ଟିମ୍ ଓ ହେଲିକପ୍ଟର ଘଟଣାସ୍ଥଳକୁ ଯାଇଛି। ଜାହାଜକୁ ଖୋଜିବା ପାଇଁ ଅଭିଯାନ ଆରମ୍ଭ ହୋଇଥିବା ବେଳେ ବିଶାଖାପାଟଣା ପଟୁ ମଧ୍ୟ ଉଦ୍ୟମ ଆରମ୍ଭ ହୋଇଛି। ମିଳିଥିବା ସୂଚନା ମୁତାବକ ଲୁହାପଥର ବୋଝେଇ ଜାହାଜଟି ୧୦.୫ ନଟ୍ ବେଗରେ ଆଗକୁ ବୁଥିଲା। ପ୍ରଚୁର ମାଲ୍ ବୋଝେଇ ହୋଇଥିବାରୁ ପାଣି ଭିତରେ ୧୪.୨ ମିଟର ପର୍ଯ୍ୟନ୍ତ ବୁଡି ରହିଥିଲା। ଅଗଷ୍ଟ ୨୭ ତାରିଖ ସକାଳ ୭.୩୦ ସୁଦ୍ଧା ଜାହାଜଟି ସିଙ୍ଗାପୁର ବନ୍ଦରରେ ପହଞ୍ଚିବାର ଥିଲା। ତେବେ ୨୧ ତାରିଖ ରାତିରୁ ଜାହାଜ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା।

## ଇମ୍ରାନ୍ ଖାନଙ୍କ ପାଇଁ ଆଗକୁ ଆସିଲେ ଗାଭାସ୍କର-କପିଲ ଦେବ, ପ୍ରଧାନମନ୍ତ୍ରୀଙ୍କୁ ଲେଖିଲେ ଚିଠି

ଇସଲାମବାଦ, ୨୩।୮: ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି ଆନ୍ତର୍ଜାତୀୟ କ୍ରିକେଟର ୨୨ ଜଣ ପୂର୍ବତନ ଅଧିନାୟକ। ଇମ୍ରାନ ଖାନଙ୍କୁ ଉନ୍ନତ ଚିକିତ୍ସା ସୁବିଧା ଦେବା ସହ ତାଙ୍କ ସହ ଉଚିତ ବ୍ୟବହାର କରିବାକୁ ଦାବି କରି ସେମାନେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କୁ ପୁଣିଥରେ ଚିଠି ଲେଖିଛନ୍ତି ।ଏହି ୨୨ ଜଣ କ୍ୟାପଟେନଙ୍କ ମଧ୍ୟରେ ଭାରତର ୩ ଜଣ ପୂର୍ବତନ କ୍ରିକେଟ୍ ଅଧିନାୟକ ରହିଛନ୍ତି । ସେମାନେ ହେଲେ ୧୯୮୩ ବିଶ୍ୱକପ୍ ବିଜେତା ଅଧିନାୟକ କପିଲ ଦେବ, ଭାରତର ପୂର୍ବତନ ଓପନର ସୁନୀଲ ଗାଭାସ୍କର ଏବଂ ଦିଲୀପ ଭେଙ୍ଗସରକର।ଏହି କ୍ୟାପଟେନମାନେ ଫେବୃଆରୀରେ ମଧ୍ୟ ଇମ୍ରାନ ଖାନଙ୍କ ମାମଲାରେ ଚିନ୍ତା ପ୍ରକାଶ କରି ପାକିସ୍ତାନ ସରକାରଙ୍କୁ ଚିଠି ଲେଖିଥିଲେ। ଏବେ ପୁଣିଥରେ ସେମାନେ ଚିଠି ଲେଖିଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପୂର୍ଣ୍ଣ ଭାବେ ପାଳନ କରାଯାଉନଥିବା ନେଇ ଅଭିଯୋଗ ମଧ୍ୟରେ ଏହି ଚିଠି ସାମ୍ନାକୁ ଆସିଛି । ଚିଠିରେ ପୂର୍ବତନ ଅଧିନାୟକମାନେ ଇମ୍ରାନ ଖାନଙ୍କ ମାମଲାରେ ତିନୋଟି ପ୍ରମୁଖ ଦାବି ରଖିଛନ୍ତି ।ପ୍ରଥମ: ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗଠିତ ମେଡିକାଲ ବୋର୍ଡକୁ ଇମ୍ରାନ ଖାନଙ୍କ ସ୍ୱାସ୍ଥ୍ୟର ସମ୍ପୂର୍ଣ୍ଣ ଓ ସ୍ୱାଧୀନ ମୂଲ୍ୟାଙ୍କନ କରିବାକୁ ଅନୁମତି ଦିଆଯାଉ । ଏଥିରେ ଇମ୍ରାନଙ୍କ ନିଜ ଡାକ୍ତରମାନଙ୍କୁ ମଧ୍ୟ ସାମିଲ କରାଯାଉ। ବିଶେଷକରି ତାଙ୍କ ଡାହାଣ ଆଖିର ଦୃଷ୍ଟି ସମସ୍ୟାର ଯାଞ୍ଚ କରାଯାଉ।

# ୩୧ ରୁ ରତ୍ନଭଣ୍ଡାର ଗଣତିମଣତି

ପୁରୀ ୨୩।୮ (ମହାଭାରତ): ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ତଥା କମାଣ୍ଡରଙ୍କ ପରାମର୍ଶ ଅନୁଯାୟୀ ଅଗଷ୍ଟ ୩୧ (ସୋମବାର) ଏବଂ ସେପ୍ଟେମ୍ବର ୧ (ମଙ୍ଗଳବାର) ରତ୍ନଭଣ୍ଡାର ଗଣତିମଣତି କରାଯିବ। ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ଗଣତି ହେବ। ଗଣତିମଣତି ପାଇଁ ପାଖାପାଖି ଅପରାହ୍ଣ ୪ଟାରୁ ସନ୍ଧ୍ୟା ଧୂପ ଶେଷ ହେବା ପର୍ଯ୍ୟନ୍ତ ଭିତର କାଠ ଦର୍ଶନ ବନ୍ଦ ରହିବ। ଗଣତି ପ୍ରକ୍ରିୟା ଚାଲୁ ରହିଥିବା ସମୟରେ ଶ୍ରୀଜୀଉଙ୍କ ନୀତି ସମ୍ପାଦନ ଅବ୍ୟାହତ ରହିବ ଏବଂ ଅଧିକୃତ ପାଳିଆ ସେବକମାନେ ଜଗମୋହନ ଓ ଗର୍ଭଗୃହକୁ ନୀତି ସମ୍ପାଦନ ନିମନ୍ତେ ସ୍ୱଚ୍ଛନ୍ଦରେ ପ୍ରବେଶ କରିପାରିବେ। କଡ଼ା ସୁରକ୍ଷା ଦୃଷ୍ଟିରୁ ସର୍ବସାଧାରଣଙ୍କ ନିମନ୍ତେ ଗଣତି ଦିନମାନଙ୍କରେ ଧାର୍ଯ୍ୟ ସମୟ ଅବଧିରେ ଦର୍ଶନ ବ୍ୟବସ୍ଥା ଭିତର କାଠ ନିକଟରୁ ବନ୍ଦ ରଖାଯିବ।



କେବଳ ବାହାର କାଠ ନିକଟରୁ ଶ୍ରୀଜୀଉଙ୍କୁ ଦର୍ଶନ କରି ଭକ୍ତ ଫେରିବେ। ଗଣତି କାର୍ଯ୍ୟ ସମୟରେ ସମସ୍ତ ସେବକ ତଥା ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପୂର୍ବପରି ସଂପୂର୍ଣ୍ଣ ସହଯୋଗ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ନିବେଦନ କରିଛନ୍ତି। ସୂଚନାନୁଯାୟୀ, ରାଜ୍ୟ ସରକାରଙ୍କ ଅନୁମୋଦିତ ମାର୍ଗଦର୍ଶିକା ଆଧାରରେ ୨୦୨୫ ମାର୍ଚ୍ଚ ୨୫ରୁ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ବର୍ତ୍ତମାନ ପର୍ଯ୍ୟନ୍ତ ୭୮ ଘଣ୍ଟା ୩ ମିନିଟ ରତ୍ନଭଣ୍ଡାର ଗଣତି ହୋଇସାରିଛି। ଚଳିତବର୍ଷ ରଥଯାତ୍ରା ଏବଂ ବହୁଳ ନୀତିକାନ୍ତି ପରିପାଳନ ପାଇଁ ଗଣତିମଣତି ବନ୍ଦ ରହିଥିଲା।

## ଶବ ଚିହ୍ନଟ ପାଇଁ ଡିଏନ୍‌ଏ ରିପୋର୍ଟକୁ ଅପେକ୍ଷା

ରଣପୁର, ୨୩।୮ (ମହାଭାରତ): ନୟାଗଡ ଜିଲ୍ଲା ଚାନ୍ଦପୁର ଥାନା ୧୬ ନମ୍ବର ଜାତୀୟ ରାଜପଥକଡ ଚମ୍ପାଗଡ଼, କନ୍ଦନୟାଗଡ ଓ ଚାନ୍ଦପୁର ଗ୍ରାମ ପଞ୍ଚାୟତ ଅଂଚଳରେ ପୂର୍ବରୁ ବହୁ ସମୟରେ ଅନେକ ନର କଙ୍କାଳ ମିଳିଥିଲା। ନର କଙ୍କାଳର ପରିଚୟ ଖୋଜୁଖୋଜୁ ତଦନ୍ତ ଅଟକି ଯାଏ। ହତ୍ୟା ହୋଇଥିଲେ ବି ଅପମୃତ୍ୟୁ ମାମଲାରେ ରହିଯାଏ। ଏବେ ସେଭଳି ଗତ ଅଗଷ୍ଟ ୧୯ ତାରିଖରେ କିଛି ସ୍ଥାନୀୟ ଲୋକଙ୍କ ଠାରୁ ଚାନ୍ଦପୁର ପୁଲିସ ବେଷ୍ଟ ଜଙ୍ଗଲ ନାଳରେ ଏକ ଗଳିତ ନର କଙ୍କାଳ ଶବ ପଡିଥିବାର ଖବର ପାଇଥିଲା। ପୁଲିସ ନରକଙ୍କାଳ ଉଦ୍ଧାର କରିଛି। ଡିଏନ୍‌ଏ ପରୀକ୍ଷା ପାଇଁ ପଠାଇଛି। ରିପୋର୍ଟକୁ ଅପେକ୍ଷା କରାଯାଇଛି ଯେ, ଶବ କାହାର ଘଟଣା ଦିନ ଜଙ୍ଗଲରେ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ପୁଲିସ ପହଂଚିଥିଲେ ଓସ୍ତପଡା ଗ୍ରାମର ପାଣୁ ସାହୁ। କିଛି ଲୋକ ପାଣୁଙ୍କ ମାନସିକ ବିକୃତ ମଦୁଆ ପୁଅ କାଳିଆ ବୋଲି ଚିହ୍ନଟ କରି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଚାନ୍ଦପୁର ଥାନା ଅପମୃତ୍ୟୁ ମାମଲା ରୁଜୁ କରି ଦାୟିତ୍ୱ ଉପନିରୀକ୍ଷକ ସଂଗୀତା ବେଶ୍ରାଙ୍କୁ ଦେଇ ଶବ ଜବତ କରି ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ଶବ ଗଳିତ ହୋଇଥିବାରୁ ପଞ୍ଚନାମା ପାଇଁ ରାଜ୍ୟ ଅପରାଧ ବିଧି ବିଜ୍ଞାନଗାରକୁ ପଠାଇଛି।

## ଲାଉ ପଲାଉ

ଲାଉ , ବାସୁମତୀ ଚାଉଳ, ତେଲ , ଲୁଣ , ଜିରା ତେଜପତ୍ର, ଡ଼ାଲଚିନି, ଜାଇଫଳ, ଗୋଲମରିଚ , ଗୁଜୁରାତି, ଗାଜର , ଗ୍ରୀନ ମଟର , କାଜୁବାଦାମ, କିସମିସ ଚିନି, ପୋଦିନା ପତ୍ର, ଧନିଆ ପତ୍ର, ଗରମ ମସଲା , କସ୍ତୁରୀ ମେଥି ଘିଅ ଓ ଲେମ୍ବୁରସ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଲାଉକୁ କୋରି ତାକୁ ଭଲ ଭାବେ ଚିପୁଡ଼ି ତା'ର ପାଣି ବାହାର କରି ଦିଅନ୍ତୁ। ଏହାପରେ ବାସୁମତୀ ଚାଉଳକୁ ଧୋଇ ରଖନ୍ତୁ। ଏବେ କଡ଼େଇରେ ତେଲ ଗରମ କରି କୋରା ଲାଉକୁ ଭଲ ଭାବେ ଭାଜି ଦିଅନ୍ତୁ। ଏହା ପରେ ଆଉ ଥରେ କେଡ଼ଇରେ ତେଲ ଗରମ ଜିରା , ତେଜପତ୍ର, ଡ଼ାଲଚିନି , ଜାଇଫଳ, ଗୋଲମରିଚ , କଟା ଗାଜର , ଗ୍ରୀନ ମଟର , କାଜୁବାଦାମ ଓ କିସମିସ ପକାଇ ଭାଜନ୍ତୁ । ଏସବୁ ଭାଜି ହୋଇଯିବା ପରେ ବାସୁମତୀ ଚାଉଳ ପକାଇ ଭଲ ଭାବେ ଭାଜନ୍ତୁ। ଚାଉଳ ଅଳ୍ପ ଭାଜି ହୋଇଯିବା ପରେ ସେଥିରେ ଲାଉରସ ଓ ଆବଶ୍ୟକ ଅନୁଯାୟୀ ପାଣି ଦିଅନ୍ତୁ। ପାଣି ଫୁଟିବା ପରେ ଏଥିରେ ଭଜା ଲାଉ, ଅଳ୍ପ ଚିନି , ଲୁଣ , ପୋଦିନାପତ୍ର , କସ୍ତୁରୀ ମେଥି , ଘିଅ ଓ ଲେମ୍ବୁରସ ପକାଇ ଘୋଡ଼ାଇ ଦିଅନ୍ତୁ। ୧୦ ମିନିଟ ପରେ ଘୋଡ଼ଣୀ ବାହାର କରି ଧନିଆ ପତ୍ର ଓ ଗରମ ମସଲା ପକାଇ କଡ଼େଇକୁ ଚୁଲିରୁ ଓହ୍ଲାନ୍ତୁ। ବତର୍ମାନ ପ୍ରସ୍ତୁତ ହୋଇଗଲା 'ଲାଉ ପଲାଉ' ।



**ଖବର**

## ସେପ୍ଟେମ୍ବରରେ ଆରମ୍ଭ ହେବ ସାରା ଅର୍ଜୁନଙ୍କ ଅଭିନୀତ ମଧୁବାଲା ବାୟୋପିକ୍





ପ୍ରଖ୍ୟାତ ନିର୍ମାତା- ନିର୍ଦ୍ଦେଶକସଞ୍ଜୟ ଲୀଲା ଭନସାଲୀ ସଂପ୍ରତି ତାଙ୍କର ନୂଆ ଛବି 'ଲଭ୍ ଆଣ୍ଡ୍ ୱାର' କୁ ନେଇ ବ୍ୟସ୍ତ ଅଛନ୍ତି। ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକି କୌଶଲ ଅଭିନୀତ ତାଙ୍କର ଏହି ଫିଲ୍ମର ସୁଟିଂ ଶେଷ କରିବା ପରେ ସଞ୍ଜୟ ଲୀଲା ଭନସାଲୀ ସେପଟ୍ମେବରରେ ବହୁ ପ୍ରତୀକ୍ଷିତ ମଧୁବାଲା ବାୟୋପିକ୍ ଉପରେ କାମ ଆରମ୍ଭ କରିବାକୁ ଯାଉଛନ୍ତି । ନିର୍ଦ୍ଦେଶକ ଅଗଷ୍ଟ ଶେଷ ସୁଦ୍ଧା ଗୋରେଗାଓଁର ରୟାଲ୍ ପାମ୍ସରେ ଫିଲ୍ମର ଶେଷ ପର୍ଯ୍ୟାୟ ସୁଟିଂ ଶେଷ କରିବେ ବୋଲି ଆଶା କରାଯାଉଛି ।ଏହି ସିନେମାର ଟାଇଟଲ୍ ଫାଇନାଲ୍ ହୋଇନାହିଁ ନିର୍ମାତା ସଞ୍ଜୟ ଲୀଲା ଭନସାଲୀ ସେପଟ୍ମେବରରେ ସାରା ଅର୍ଜୁନଙ୍କ ଅଭିନୀତ ମଧୁବାଲା ବାୟୋପିକ୍ ଆରମ୍ଭ କରିବେ ।ତେବେ ଏଯାଏ ଏହି ସିନେମାର ଟାଇଟଲ୍ ଫାଇନାଲ୍ ହୋଇନାହିଁ। ଡାର୍ଲିଙ୍ଗସ୍ (୨୦୨୨) ପାଇଁ ଜଣାଶୁଣା ଜସମିତ କେ ରୀନ ଏହାର ନିର୍ଦ୍ଦେଶନା ଦେବେ ବୋଲି ଜଣାଯାଇଛି। ଆର୍ଥିକ ସମସ୍ୟା ଯୋଗୁଁ ଏହି ପ୍ରକଳ୍ପ ପୂର୍ବରୁ ସ୍ଥଗିତ ରଖାଯାଇଥିଲା ବୋଲି କୁହାଯାଉଛି। ତଥାପି, ଭନସାଲୀପ୍ରଯୋଜକ ଭାବରେ ଯୋଗ ଦେବା ପରେ ଫିଲ୍ମଟି ଗତିଶୀଳ ହୋଇଥିଲା।ସାରା ଅର୍ଜୁନ ମଧ୍ୟ ଏହି ପ୍ରସିଦ୍ଧ ଅଭିନେତ୍ରୀଙ୍କ ଚରିତ୍ର ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। 'ସାରା ଏହି ଭୂମିକା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜସମିତ ମଧୁବାଲାଙ୍କ ବ୍ୟକ୍ତିତ୍ୱ, ଆଚରଣ ଏବଂ ସେ ରହୁଥିବା ବିଶ୍ୱକୁ କଏଦ କରିବାକୁ ଚାହାଁନ୍ତି।'ସୂଚନାଯୋଗ୍ୟ, ସାରା ଅର୍ଜୁନ 'ଧୁରନ୍ଧର' ଫ୍ରାଞ୍ଚାଇଜ୍ ମାଧ୍ୟମରେ ବ୍ୟାପକ ପରିଚିତି ହାସଲ କରିଥିଲେ, ସେ ୟାଲିନା ଜମାଲି ଭୂମିକାରେ ଅଭିନୟ କରିଥିଲେ, ଯିଏକି ରଣବୀର ସିଂହଙ୍କ ଚରିତ୍ର, ହମଜା ଅଲି ମଜାରିଙ୍କ ନାୟିକା ଏବଂ ପ୍ରେମିକା ଭୂମିକାରେ ନଜର ଆସିଥିଲେ।

## ସୁସ୍ଥ ଜୀବନଯାପନ ପାଇଁ



ପୂର୍ବ ଅପେକ୍ଷା ଆଜିକାଲି ଲୋକେ ନିଜର ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ହେଲେଣି। କିନ୍ତୁ ଏବେ ବି କିଛିଲୋକ ଅଛନ୍ତି ଯେଉଁମାନେ ନିଜର ସ୍ୱାସ୍ଥ୍ୟ ପ୍ରତି କଦାପି ଧ୍ୟାନ ଦିଅନ୍ତି ନାହିଁ। ଏମିତିକି ଯେତେବେଳେ ଯାହା ମିଳିଲା ଖାଇ ଦେଇଥାଆନ୍ତି ଶୋଇବାର ବି କିଛି ସମୟସୀମା ନଥାଏ। ଏମିତି ଅଭ୍ୟାସ ଥିବା ବ୍ୟକ୍ତିଙ୍କୁ ବୟସ ବଢ଼ିବା ସହିତ ବିଭିନ୍ନ ପ୍ରକାର ଶାରୀରିକ ସମସ୍ୟା ସହିତ ରୋଗମାଡ଼ି ବସିଥାଏ। ତେବେ ଆସନ୍ତୁ ଜାଣିବା ବୟସ ବଢ଼ିବା ସହିତ ଆମକୁ କେଉଁ ସବୁ ଦିଗ ପ୍ରତି ଯତ୍ନବାନ ହେବାକୁ ପଡ଼ିବ। ପ୍ରଥମତଃ ପ୍ରତି ଦୁଇମାସରେ ଆପଣ ମଧୁମେହ ପରୀକ୍ଷା କରାଇ ନିଅନ୍ତୁ। ସେହିପରି ଶରୀରରେ କୋଲେଷ୍ଟ୍ରଲସ୍ତର କେତେ ତାହା ବି ଜାଣି ରଖନ୍ତୁ। ଏତଦ ବ୍ୟତୀତ ମାସ ?ରେ ଥରେ ରକ୍ତଚାପ କେତେ ଅଛି। ଛଅମାସରେ ଥରେ କ୍ୟାନସର ସ୍କ୍ରିନିଂ ପରୀକ୍ଷା କରାଇ ନିଅନ୍ତୁ। କେବଳ ଏତିକି ନୁହେଁ କିଡନି ଓ ଲିଭର କେମିତି ଅଛି ତାହାବି ଡାକ୍ତରଙ୍କ ପରାମର୍ଶରେ ପରୀକ୍ଷା କରାନ୍ତୁ। ୩୦-୪୦ବର୍ଷ ଅତିକ୍ରମ କରିଗଲେ କେଉଁ ଖାଦ୍ୟ କେତେ ପରିମାଣରେ ଖାଇବାର ଅଛି ସେନେଇ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହାପରେ ଏହାର ଏକ ତାଲିକା ପ୍ରସ୍ତୁତ କରି ଦିଅନ୍ତୁ। ଏହି ତାଲିକା ଅନୁଯାୟୀ ଆପଣ ଖାଦ୍ୟ ଖାଇ ସୁସ୍ଥ ଜୀବନଯାପନ କରି ପାରିବେ। କାରଣ ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ ଠିକ ଥିଲେ ମନ ଖୁସି ରହିବ।

## ବାତ, ପିତ୍ତ, କଫ ଦୂର କରେ ଭସତ୍ରିକା ପ୍ରାଣାୟଣମ

ଭସତ୍ରିକା ପ୍ରାଣାୟମ୍ ଅଭ୍ୟାସଦ୍ୱାରା ଶରୀରର ବିଷାକ୍ତ ଦ୍ରବ୍ୟଗୁଡ଼ିକ ଜଳିଯାଏ ଏବଂ ବାତ, ପିତ୍ତ, କଫ ରୋଗରୁ ଶରୀର ମୁକ୍ତ ହୁଏ। ଫୁସଫୁସ ବାୟୁ ଶୀଘ୍ର ବିନିମୟ ହେବାଦ୍ୱାରା ରକ୍ତ ସ୍ରୋତରେ ମଧ୍ୟ ଅମ୍ଳଜାନ ଓ ଅଙ୍ଗାରକାମ୍ଳ ବିନିମୟରେ ବୃଦ୍ଧି ହୁଏ। ସ୍ତ୍ରୀ ଲୋକମାନେ ସନ୍ତାନ ଜନ୍ମ ସମୟରେ ଏହାକୁ ବ୍ୟବହାର କରିପାରିବେ। ଶ୍ୱାସ ରୋଗୀଙ୍କ ପାଇଁ ବା ଫୁସଫୁସ ଅନ୍ୟ ସମସ୍ୟା ଥିଲେ ଏହା ଏକ ଉତ୍ତମ ଅଭ୍ୟାସ। ଗଳାଫୁଲା ବା କଫ ଜମାହେଲେ କମାଇ ଦିଏ। ସ୍ନାୟୁ ତନ୍ତ୍ରରେ ଭାରସାମ୍ୟ ଆଣେ ଏବଂ ଶକ୍ତିଶାଳୀ କରେ, ମନ ଶାନ୍ତ ଓ ସ୍ମରଣ ଶକ୍ତି ବଢ଼ାଇଥାଏ ବୋଲି ଯୋଗ ଗୁରୁ ଗଣେଶ୍ୱର ଗୋଛିକାର କହନ୍ତି। ଏହି ଅଭ୍ୟାସ କରିବା ପାଇଁ ପ୍ରଥମେ;



(୧): ଯେ କୌଣସି ଆରାମଦାୟକ ଧ୍ୟାନାସନରେ ବସ, ପଦ୍ମାସନ ବା ଅର୍ଦ୍ଧ ପଦ୍ମାସନ ହେଲେ ମଧ୍ୟ ଭଲ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରହିବ।

(୨) ମୁଣ୍ଡ ଓ ମେରୁଦଣ୍ଡ ସିଧା ରଖନ୍ତୁ, ଆଖି ବନ୍ଦ କରନ୍ତୁ ଓ ପୂରା ଦେହଲା କରନ୍ତୁ।

(୩)ଗଭୀର ନିଶ୍ୱାସ ନିଅନ୍ତୁ ଏବଂ ଜୋରରେ ନାକବାଟେ ଛାଡ଼ନ୍ତୁ।

(୪) ତା'ପରେ ସଙ୍ଗେ ସଙ୍ଗେ ଜୋରରେ ନିଶ୍ୱାସ ନିଅନ୍ତୁ।

(୫) ନିଶ୍ୱାସ ନେଲାବେଳେ ମଧ୍ୟଛେଦ ତଳକୁ ଖସିବ ଏବଂ ପେଟ ପଦାକୁ ବାହାରିବ।

(୬) ଏହି ସବୁ ଗତି ସାମାନ୍ୟ ବର୍ଦ୍ଧିତ ଆକାରରେ ହେବ।

(୬)ଏହିପରି ଭାବେ ୧୦ ଗଣିବା ପର୍ଯ୍ୟନ୍ତ ନିଶ୍ୱାସ ଜାରି ରଖନ୍ତୁ।

(୭) ଦଶଥର ନିଶ୍ୱାସ ପରେ ଗଭୀର ନିଶ୍ୱାସ ନିଅନ୍ତୁ ଓ ଧୀରେ ଛାଡ଼ନ୍ତୁ।


(୮)ପ୍ରଥମେ ବାମ ନାସାରନ୍ଧ୍ରକୁ ବୁା ଆଙ୍ଗୁଳିରେ ବନ୍ଦ କରି ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ ।

(୯): ସେହିପରି ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ନେଇ ଜୋରରେ ଛାଡ଼ନ୍ତୁ।

(୧୦): ସେହିପରି ଦୁଇ ନାସାରନ୍ଧ୍ର ବାଟେ ଜୋରରେ ୧୦ ଥର ନିଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ

ଏହିପରି ବାରମ୍ବାର ଏହି ଅଭ୍ୟାସକୁ ଜାରି ରଖନ୍ତୁ।

## ଆତ୍ମପ୍ରଶଂସାର କୁଫଳ




ମହାରାଜା ଯଯାତି ଦୀର୍ଘକାଳ ଧରି ରାଜ୍ୟଶାସନ କରିଥିଲେ। ସାଂସାରିକ ଭୋଗବିଳାସ ପ୍ରତି ବିତୃଷ୍ଣା ଆସିବାରୁ ପୁତ୍ର ପୁରୁ ହାତରେ ରାଜ୍ୟଭାର ଅର୍ପଣ କରି ଜଙ୍ଗଲକୁ ଚାଲିଯାଇଥିଲେ ତପସ୍ୟା ନିମିତ୍ତ। କ୍ରୋଧଜୟୀ ଯଯାତି ବାନପ୍ରସ୍ଥ ବ୍ରତ ଅବଲମ୍ବନ ଦୀର୍ଘକାଳ ଧରି କୃଚ୍ଛ୍ର ସାଧନା କରିଥିଲେ। ତପସ୍ୟା ଥିଲା ଅତି କଠୋର, କେବଳ ଜଳଗ୍ରହଣ କରି, ପରବର୍ତ୍ତୀ ସମୟରେ ବାୟୁ ସେବନ କରି ତଥା ଗୋଟିଏ ଗୋଡ଼ରେ ଠିଆ ହୋଇ ଦୀର୍ଘକାଳ ତପସ୍ୟା କରିଥିଲେ। ତପସ୍ୟା ପ୍ରଭାବରୁ ସ୍ୱର୍ଗଲୋକ ପ୍ରାପ୍ତି ହୋଇଥିଲେ ଯଯାତି। କେତେବେଳେ ସେ ଦେବତାଙ୍କ ସହ ସ୍ୱର୍ଗଲୋକରେ ରହୁଥିଲେ ତ କେତେବେଳେ ବ୍ରହ୍ମଲୋକରେ ବିଚରଣ କରୁଥିଲେ। ତାଙ୍କର ଏଭଳି ଅବାଧ ବିଚରଣ ଦେବତାମାନଙ୍କ ଈର୍ଷାର କାରଣ ହୋଇଥିଲା। ଯଯାତି ଯେତେବେଳେ ଦେବରାଜ ଇନ୍ଦ୍ରଙ୍କ ନିକଟକୁ ଯାଉଥିଲେ ସେତେବେଳେ ତାଙ୍କସହ ଇନ୍ଦ୍ରଙ୍କ ଆସନ (ସିଂହାସନ)ରେ ବସୁଥିଲେ। ଦେବରାଜ ଇନ୍ଦ୍ର ଏହି ପରମ ପୁଣ୍ୟାତ୍ମାଙ୍କୁ ଆପଣାଠାରୁ ନୀଚ ଆସନ ଦେବାକୁ ଚାହୁଁ ନଥିଲେ, ହେଲେ ମୃତ୍ୟୁଲୋକରୁ ଆସିଥିବା ଜଣେ ବ୍ୟକ୍ତି ଆପଣା ସିଂହାସନରେ, ପୁଣି ତାଙ୍କ ନିକଟରେ ବସିବାକୁ ସେ ଆଦୌ ପସନ୍ଦ କରୁନଥିଲେ। ଏହା ତାଙ୍କୁ ବହୁତ ଅସୁଖ ଲାଗୁଥିଲା। ଦେବରାଜ ଭାବରେ ସେ ଏହାକୁ ନିଜ ପ୍ରତି ଘୋର ଅପମାନ ବୋଲି ବିଚାରୁଥିଲେ। ଦେବତାମାନେ ମଧ୍ୟ ସର୍ବଦା ଭାବୁଥିଲେ କେଉଁ ପ୍ରକାରେ ଯଯାତିଙ୍କୁ ସ୍ୱର୍ଗଚ୍ୟୁତ କରାଯାଇପାରେ। ଦେବତାମାନଙ୍କ ଏତାଦୃଶ ମନୋଭାବ ଇନ୍ଦ୍ରଙ୍କୁ ଅଗୋଚର ନଥିଲା।

ଦେବରାଜ ଶେଷରେ ମନେମନେ ଏକ ଯୋଜନା ପାଞ୍ଚିଲେ। ସେଦିନ ସିଂହାସନରେ ଇନ୍ଦ୍ରଙ୍କ ନିକଟରେ ଯଯାତି ବସିଥାନ୍ତି। ଯଯାତିଙ୍କୁ ପ୍ରଲୁବ୍ଧ କରିବା ପାଇଁ ଇନ୍ଦ୍ର ଅତି ମଧୁର ସ୍ୱରରେ ତାଙ୍କର ଢ଼େର୍ ପ୍ରଶଂସା କରିଥିଲେ। କହିଥିଲେ- ଆପଣ ପରମ ପୁଣ୍ୟାତ୍ମାମାନଙ୍କ ମଧ୍ୟରୁ ଅନ୍ୟତମ। ଆପଣଙ୍କ ସରି ଭଲା କିଏ ହୋଇପାରିବ। ମୁଁ ଜାଣିବାକୁ ଚାହୁଁଛି ଆପଣ ଏପରି କି ତପସ୍ୟା କଲେ ଯେ ଯାହାଫଳରେ ଆପଣ ଇନ୍ଦ୍ରଲୋକ ଓ ବ୍ରହ୍ମଲୋକରେ ଅବାଧ ବିଚରଣ କ୍ଷମତା ପାଇଲେ। ଇନ୍ଦ୍ରଙ୍କଠାରୁ ଏଭଳି ତୋଷାମୋଦପୂର୍ଣ୍ଣ ବାକ୍ୟ ଶୁଣି ଯଯାତି ଭୁଲିଗଲେ ଯେ ମଧୁର ବାଣୀର ଜାଲରେ ସେ ଛନ୍ଦିହେବାକୁ ଯାଉଛନ୍ତି ବୋଲି। ନିଜର ତପସ୍ୟା ଓ ସାଧନା ନେଇ ସ୍ୱୟଂ ଦେବରାଜଙ୍କଠାରୁ ଢ଼େର ପ୍ରଶଂସା ଶୁଣି କହି ପକାଇଲେ- 'ଦେବରାଜ! ଦେବତା, ମନୁଷ୍ୟ, ଗନ୍ଧର୍ବ, କିନ୍ନର ମୁନିଋଷି କେହି ବି ମୋ ଭଳି ତପସ୍ୟା କରିବାର ଆପଣ ଦେଖି ନଥିବେ କି ଶୁଣିନ ଥିବେ।'

ବାସ୍, କଥା ଶେଷ ହେବା ପୂର୍ବରୁ ଇନ୍ଦ୍ରଙ୍କ ମୁହଁର ଭାବ ବଦଳି ଯାଇଥିଲା। କଠୋର ସ୍ୱରରେ କହିଥିଲେ- 'ଯଯାତି! ମୋର ଆସନରୁ ଅବିଳମ୍ବେ ଉଠିଯାଅ। ତୁମେ ନିଜ ମୁହଁରେ ନିଜର ଢ଼େର ପ୍ରଶଂସା ବଖାଣିଲଣି। ଏହାଦ୍ୱାରା ତୁମର ସକଳ ପୁଣ୍ୟ ନଷ୍ଟ ହୋଇଗଲା ଯାହାକୁ ନେଇ ତୁମେ ଚର୍ଚ୍ଚା କରୁଛ। ଦେବତା, ଗନ୍ଧର୍ବ, ମୁନିଋଷିମାନେ କିଏ କେତେ ତପ କରିଛନ୍ତି ତାହା ନଜାଣି ତୁମେ ସେମାନଙ୍କୁ ଆକ୍ଷେପ, ତିରସ୍କାର କଲ। ନିଜକୁ ବଡ଼ବୋଲି ଦେଖାଇବାକୁ ଯାଇ ସେମାନଙ୍କ ତପସ୍ୟାକୁ ନ୍ୟୂନଦୃଷ୍ଟିରେ ଦେଖିଲ। ଏହି କାରଣରୁ ତୁମେ ଏବେ ସ୍ୱର୍ଗଚ୍ୟୁତ ହେବ।' ଇନ୍ଦ୍ର ଏହା କହିବା ମାତ୍ରେ ଯଯାତି ସ୍ୱର୍ଗଚ୍ୟୁତ ହୋଇ ଯାଇଥିଲେ। ହେଲେ ଯଯାତିଙ୍କ ଆକୁଳ ଅନୁନୟ ବିନୟରେ ଦେବରାଜ ଇନ୍ଦ୍ର ଏକ ସର୍ତ୍ତ ରଖିଥିଲେ ସେ ସତ୍ ପୁରୁଷଙ୍କ ମଣ୍ଡଳୀରେ ପତିତ ହେବେ ଓ ସତସଙ୍ଗ ପ୍ରାପ୍ତିର ପରିଣାମରେ ପୁନଃ ସ୍ୱର୍ଗଲୋକ ଯିବେ।

## ଉପନିଷଦରେ ସିଦ୍ଧି ପ୍ରାପ୍ତିର ବିଭିନ୍ନ ମାର୍ଗ



ଉପନିଷଦ ଅନୁଯାୟୀ ଜନ୍ମ ଏବଂ ମୃତ୍ୟୁ ମଧ୍ୟରେ ତିନୋଟି ଅବସ୍ଥା ରହିଛି । ଜାଗୃତ, ସ୍ୱପ୍ନ ଏବଂ ସୁଷୁପ୍ତି। ଏହି ତିନୋଟି ଅବସ୍ଥାରୁ ଊର୍ଦ୍ଧ୍ୱକୁ ଯିବାର ମାର୍ଗ ହିନ୍ଦୁ ଧର୍ମରେ ରହିଛି।

ତୁରୀୟାତୀତ ଅବସ୍ଥା : ତୁରୀୟ ଅବସ୍ଥା ଠାରୁ ଊର୍ଦ୍ଧ୍ୱ ପ୍ରଥମ ସୋପାନକୁ ତୁରୀୟାତୀତ ଅନୁଭବ ଅବସ୍ଥା କୁହାଯାଏ। ଏହି ଅବସ୍ଥାରେ ମନୁଷ୍ୟର ଅନୁଭବ ସ୍ଥାୟୀ ହୋଇଥାଏ। ସେ ଚେତନାର ଏପରି ଅବସ୍ଥାକୁ ପ୍ରାପ୍ତ କରିଥାଏ, ଯାହାଦ୍ୱାରା ସେ ଯୋଗୀ ବା ଯୋଗସ୍ଥ ବୋଲାଇଥାଏ। ଏହି ଅବସ୍ଥାରେ ବ୍ୟକ୍ତିକୁ ଶରୀରର ଆବଶ୍ୟକତା ନଥାଏ।

ଭଗବତ ଚେତନା : ତୁରୀୟାତୀତ ଅବସ୍ଥାରେ ରହି ରହି ଭଗବତ ଚେତନା ଅବସ୍ଥା ପ୍ରାପ୍ତ ହୋଇଥାଏ। ଏଥିପାଇଁ କୌଣସି ସାଧନାର ଆବଶ୍ୟକତା ନଥାଏ। ଏହାପରେ ବିକାଶ ସହଜ, ସ୍ୱଭାବିକ ଏବଂ ନିଃପ୍ରୟାସ ହୋଇଥାଏ। ମହାନ ସିଦ୍ଧିଯୋଗୀମାନେ ଏହି ଅବସ୍ଥାକୁ ପ୍ରାପ୍ତ କରିଥାନ୍ତି।

ବ୍ରାହ୍ମୀ ଚେତନା : ଭଗବତ ଚେତନା ପରେ ମନୁଷ୍ୟ ଠାରେ ବ୍ରାହ୍ମୀ ଚେତନାର ଉଦୟ ହୋଇଥାଏ। ଅର୍ଥାତ୍, ପଦ୍ମ ପୂର୍ଣ୍ଣ ରୂପରେ ପ୍ରସ୍ଫୁଟିତ ହେବା। ଅହମ୍ ବ୍ରହ୍ମସ୍ମି ଏବଂ ତତ୍ତ୍ୱମସି ଅର୍ଥାତ୍ ମୁଁ ହିଁ ବ୍ରହ୍ମ ଅଟେ ଏହି ସମ୍ପୂର୍ଣ୍ଣ ଜଗତକୁ ହିଁ ମୁଁ ବ୍ରହ୍ମ ରୂପରେ ଦେଖୁଛି ।

ଜାଗୃତ ଅବସ୍ଥା : ଆଖି ଖୋଲା ରହିବାର ଅର୍ଥ ଜାଗ୍ରତ ଥିବା ବ୍ୟକ୍ତି କିନ୍ତୁ ଖୋଲା ଆଖିରେ ସ୍ୱପ୍ନ ଦେଖିବା, କଳ୍ପନା କରିବା, ବିଚାର କରିବା କିମ୍ବା କୌଣସି ଚିନ୍ତନରେ ମଜ୍ଜିଯିବାର ଅର୍ଥ ହେଉଛି ସ୍ୱପ୍ନରେ ବଞ୍ଚିବା । ମାତ୍ର ୧ ପ୍ରତିଶତ ଲୋକ ବର୍ତ୍ତମାନ ସଠିକ ଭାବେ ଜାଗ୍ରତ ରହିଛନ୍ତି। ଏପରି ମନୁଷ୍ୟ ହିଁ ମହାଯୋଗୀ ପଦବାଚ୍ୟ।

ସ୍ୱପ୍ନ ଅବସ୍ଥା : ଜାଗୃତି ଏବଂ ନିଦ୍ରା ମଧ୍ୟର ଅବସ୍ଥାକୁ ସ୍ୱପ୍ନର ଅବସ୍ଥା କହିଥା'ନ୍ତି। ସ୍ୱପ୍ନରେ ବ୍ୟକ୍ତି ଅଳ୍ପ ଜାଗ୍ରତ ହୋଇଥାଏ ଏବଂ ଅଳ୍ପ ଶୋଇଥାଏ। ଏଥିରେ ଅସ୍ପଷ୍ଟ ଅନୁଭବ ଏବଂ ଭାବ ମିଶ୍ରିତ ହୋଇ ରହିଥାଏ। ସେଥିପାଇଁ ବ୍ୟକ୍ତି କେତେବେଳେ ଯେ ସ୍ୱପ୍ନ ଦେଖିନେଇଥାଏ ତା'ର କୌଣସି ଭରସା ନଥାଏ ।

ସୁଷୁପ୍ତି ଅବସ୍ଥା : ଗଭୀର ଏବଂ ସ୍ୱପ୍ନମୁକ୍ତ ନିଦ୍ରାକୁ ସୁଷୁପ୍ତି କୁହାଯାଏ। ଏହି ଅବସ୍ଥାରେ ପାଞ୍ଚଟି ଜ୍ଞାନେନ୍ଦ୍ରିୟ ଏବଂ ପାଞ୍ଚଟି କର୍ମେନ୍ଦ୍ରୀୟ ସହିତ ଆତ୍ମା ବିଶ୍ରାମ କରିଥାଏ। ମୃତ୍ୟୁକାଳରେ ଅଧିକାଂଶ ଲୋକ ଏହି ଅବସ୍ଥାକୁ ଚାଲିଯା'ନ୍ତି ।

ତୁରୀୟ ଅବସ୍ଥା : ଚେତନାର ଚତୁର୍ଥ ଅବସ୍ଥାକୁ ତୁରୀୟ କହିଥା'ନ୍ତି। ଏହି ଅବସ୍ଥା ବ୍ୟକ୍ତିର ପ୍ରୟାସ କାରଣରୁ ପ୍ରାପ୍ତ ହୋଇଥାଏ। ଏଥିରେ ଜାଗୃତି ନଥାଏ, ସ୍ୱପ୍ନ ଏବଂ ସୁଷୁପ୍ତି ମଧ୍ୟ ନଥାଏ। ଏହା ବିଚାର ଏବଂ ଅତୀତ ଓ ଭବିଷ୍ୟତର କଳ୍ପନା ଠାରୁ ଊର୍ଦ୍ଧ୍ୱରେ ଥାଏ।

# ସ୍ମାର୍ଟ ଜଳସେଚନ ଓ ଜଳ ପରିଚାଳନା କର୍ମଶାଳା

**ଭୁବନେଶ୍ୱର, ୨୩।୮ (ମହାଭାରତ):** ରାଜ୍ୟର ଜଳସେଚନ ବ୍ୟବସ୍ଥାକୁ ଅଧିକ ଦକ୍ଷ, ଉତରଦାୟୀ ଓ ଚାଷୀକୈନ୍ଦ୍ରିକ କରିବା ସହ ଜଳର ସୁବିନିଯୋଗ ପାଇଁ ଆଧୁନିକ ପ୍ରଯୁକ୍ତି ଓ ତଥ୍ୟଭିତିକ ପରିଚାଳନା ଉପରେ ଗୁରୁତ୍ୱ ଦେଇ ଜଳ ସମ୍ପଦ ବିଭାଗ ପକ୍ଷରୁ 'ସ୍ମାର୍ଟ ଜଳସେଚନ ଓ ଚାହିଦାଭିତିକ ଜଳ ପରିଚାଳନା ପ୍ରଯୁକ୍ତି, ନବସୃଜନ ଓ ବ୍ୟାପକ ପ୍ରୟୋଗର ପଥ' ଶୀର୍ଷକରେ ଏକଦିନିଆ କର୍ମଶାଳା ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରରେ ଅନୁଷ୍ଠିତ ହୋଇଛି। ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମାଙ୍କ ସମେତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ କୁମାର ରାଉତ, ପୁନଃସ୍ଥାପନ ଏବଂ ପୁନର୍ବାସ ନିର୍ଦ୍ଦେଶକ ଅଶୋକ କୁମାର ବେହେରା ,ଜାପାନ ଆନ୍ତର୍ଜାତୀୟ ସହଯୋଗ ସଂସ୍ଥା (ଯାଇକା) ଇଣ୍ଡିଆର ମୁଖ୍ୟ ପ୍ରତିନିଧି ତାକେଉଚି ତାକୁରୋ ଏବଂ ନିପ୍ପନ କୋଇ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡଃ ଜି. ସମ୍ପତ କୁମାର ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହାସହ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ-ତଥା-ସ୍ୱତନ୍ତ୍ର ସଚିବ ଶ୍ରୀ ବିଘ୍ନରାଜ ପୁରୋହିତ, ସର୍ବୋଚ୍ଚ ଯନ୍ତ୍ରୀ, ଯୋଜନା ଓ ନକ୍ସା ଶ୍ରୀ ସୁଶୀଲ କୁମାର ବେହେରା, ସର୍ବୋଚ୍ଚ ଯନ୍ତ୍ରୀ-ତଥା-ସ୍ୱତନ୍ତ୍ର ସଚିବ- ଶ୍ରୀ ପୂର୍ଣ୍ଣଚନ୍ଦ୍ର ରଥ, ଅତିରିକ୍ତ ଶାସନ ସଚିବ ସୁବ୍ରତ କୁମାର ନାୟକ, ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଜଳବାୟୁ ପରିବର୍ତନ, ବଦଳୁଥିବା ବର୍ଷାର ଢାଂଚା ଏବଂ ବିଭିନ୍ନ କ୍ଷେତ୍ରରେ ଜଳର ବଢୁଥିବା ଚାହିଦା ପରିପ୍ରେକ୍ଷୀରେ ଜଳସେଚନ କ୍ଷେତ୍ରରେ କେବଳ ଭିତିଭୂମି ସୃଷ୍ଟି ନୁହେଁ, ବରଂ ଜଳର ଦକ୍ଷ ବ୍ୟବହାର, ବାସ୍ତବ ସମୟର ତଥ୍ୟ ଆଧାରରେ ନିଷ୍ପତି, ଉନ୍ନତ ଜଳସେଚନ ସେବା ଏବଂ ଚାଷୀଙ୍କ ଆବଶ୍ୟକତା ଅନୁଯାୟୀ ଜଳ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାର ଜଳସେଚନ ବ୍ୟବସ୍ଥାରେ ଡିଜିଟାଲ ପ୍ରଯୁକ୍ତି, ନବସୃଜନ ଓ ତଥ୍ୟଭିତିକ ପଦ୍ଧତିର ସମନ୍ୱୟ ମାଧ୍ୟମରେ ଏହି ଲକ୍ଷ୍ୟ ହାସଲ କରିବାର ସମ୍ଭାବନା ଉପରେ କର୍ମଶାଳାରେ ବିଚାରବିମର୍ଶ କରାଯାଇଥିଲା।

କର୍ମଶାଳାର ଉଦ୍‌ଘାଟନୀ ଅଧିବେଶନରେ, ଶ୍ରୀମତୀ ଶର୍ମା ତାଙ୍କ ଅଭିଭାଷଣରେ ଜଳସେଚନର ସୁଫଳକୁ କେବଳ ଜମିରେ ପାଣି ପହଞ୍ଚାଇବାରେ ସୀମିତ ନରଖି ଫସଲ ବିବିଧୀକରଣ, କୃଷି ଉତ୍ପାଦନ ବୃଦ୍ଧି ଓ ଚାଷୀଙ୍କ ଜୀବିକା ସହ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେହିପରି ଜାଇକା ସହାୟତାପ୍ରାପ୍ତ ରେଙ୍ଗାଲି ଜଳସେଚନ ପ୍ରକଳ୍ପର ପ୍ରାକ୍ତନ ମୁଖ୍ୟ ଯନ୍ତ୍ରୀ ଶ୍ରୀ ବିଜ୍ଞାନ ପ୍ରସାଦ ସାହୁଙ୍କ ପକ୍ଷରୁ ସ୍ୱାଗତ ଭାଷଣ ଓ କର୍ମଶାଳାର ପ୍ରସଙ୍ଗ ଉପସ୍ଥାପନ କରାଯାଇଥିଲା। ଭାରତସ୍ଥିତ ଜାଇକାର ମୁଖ୍ୟ ପ୍ରତିନିଧି ଶ୍ରୀ ତାକେଉଚି ତାକୁରୋ ଏବଂ ନିପ୍ପନ କୋଇ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଡଃ. ଜି ସମ୍ପଦ କୁମାର ମଧ୍ୟ ନିଜ ନିଜ ଅଭିଜ୍ଞତା ଓ ଦୃଷ୍ଟିକୋଣ ରଖିଥିଲେ। କର୍ମଶାଳାର ବୈଷୟିକ ଅଧିବେଶନଗୁଡ଼ିକରେ ଓଡ଼ିଶା, ଅନ୍ୟ ରାଜ୍ୟ ଓ ଆନ୍ତର୍ଜାତିକ ସହଯୋଗୀମାନଙ୍କ ଅଭିଜ୍ଞତା ଉପସ୍ଥାପିତ ହୋଇଥିଲା। ଓଆଇଆଇପିସିଆରଏ ଉପରେ ଜଳବାୟୁ-ସହନଶୀଳ ଜଳସେଚନ, କ୍ଷୁଦ୍ର ଜଳସେଚନ ଟାଙ୍କ୍ ବ୍ୟବସ୍ଥା ଓ ଚାଷୀକୈନ୍ଦ୍ରିକ ଜଳ ପରିଚାଳନା ସହ ଟାଙ୍କ୍ ପୁନରୁଦ୍ଧାର, ପାଣି ପଂଚାୟତ, ଜଳବାୟୁ-ସହନଶୀଳ କୃଷି, ମତ୍ସ୍ୟଚାଷ ଓ ଜୀବିକାର ସମନ୍ୱୟ ଉପରେ ଆଲୋକପାତ କରାଯାଇଥିଲା। ଜାଇକା ପକ୍ଷରୁ ଭାରତର କୃଷି ଓ ଜଳସେଚନ କ୍ଷେତ୍ରର ସାମଗ୍ରିକ ପରିସ୍ଥିତି ଏବଂ କ୍ଷେତ୍ର ପ୍ରତି ଏହାର ବିଭିନ୍ନମୁଖୀ ସହଯୋଗ ସମ୍ପର୍କରେ ଅଭିଜ୍ଞତା ବିନିମୟ କରାଯାଇଥିଲା। ଏଥିସହ ଜାଇକା ସହାୟତାପ୍ରାପ୍ତ ହିମାଚଳ ପ୍ରଦେଶ ଫସଲ ବିବିଧୀକରଣ ପ୍ରୋତ୍ସାହନ ପ୍ରକଳ୍ପର ଅଭିଜ୍ଞତା ଉପସ୍ଥାପିତ ହୋଇଥିଲା। ଝାଡ଼ଖଣ୍ଡର ବୃନ୍ଦା ଜଳସେଚନ ଓ ଫସଲ ବିବିଧୀକରଣର ଶ୍ରେଷ୍ଠ ପଦ୍ଧତି ଏବଂ ରାଜସ୍ଥାନ ଜଳ କ୍ଷେତ୍ର ଜୀବିକା ଉନ୍ନୟନ ପ୍ରକଳ୍ପର ଅଭିଜ୍ଞତା ମଧ୍ୟ ଆଲୋଚନାରେ ସ୍ଥାନ ପାଇଥିଲା।



# ହାତୀ ସଂରକ୍ଷଣ ଓ କଲ୍ୟାଣର ବାର୍ତ୍ତା

**ଭୁବନେଶ୍ୱର, ୨୩।୮ (ମହାଭାରତ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନ ପକ୍ଷରୁ ବିଭିନ୍ନ ଆକର୍ଷଣୀୟ ଓ ସଚେତନତାମୂଳକ କାର୍ଯ୍ୟକ୍ରମ ସହିତ ବିଶ୍ୱ ହାତୀ ଦିବସ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଦାରୁଠେଙ୍ଗ ସରପଂଚ ତପନ ଚକ୍ରବର୍ତୀ, ରଘୁନାଥପୁର ସରପଂଚ ଶ୍ରୀମତୀ ଖୁଲଣା ମାଝୀ ଏବଂ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଉପନିର୍ଦ୍ଦେଶକ ପ୍ରଦୀପ ମିରାସେ ଯୋଗଦେଇଥିଲେ।

ଏହି ଅବସରରେ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଫିଡିଂ ଏନ୍‌ରିଚ୍‌ମେଂଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବାସନ୍ତୀ, ହୀରା, ଆଶା ଓ ଲିଶା ହାତୀଙ୍କୁ ପ୍ରାକୃତିକ ଖାଦ୍ୟ ଗ୍ରହଣ ଆଚରଣକୁ ଉତ୍ସାହିତ କରିବା ସହ ସେମାନଙ୍କ ପୋଷଣ ଆବଶ୍ୟକତା ପୂରଣ ନିମନ୍ତେ ପୁଷ୍ଟିକର ଫଳ ଖାଦ୍ୟ ଦିଆଯାଇଥିଲା। ହାତୀଙ୍କ ଯତ୍ନ ଓ ପରିଚାଳନାରେ ନିରନ୍ତର ଓ ମୂଲ୍ୟବାନ ଅବଦାନ ପାଇଁ ନନ୍ଦନକାନନର ମାହୁନ୍ତମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପର୍ଯ୍ୟଟକ ଓ ଛାତ୍ରଛାତ୍ରୀମାନଙ୍କୁ ହାତୀଙ୍କ ଆଚରଣ, କଲ୍ୟାଣ ଓ ସଂରକ୍ଷଣ ସମ୍ପର୍କରେ ସଚେତନ କରିବା ପାଇଁ କିପର୍ସ ଟକ୍, ଅନ୍-ଦ-ସ୍ପଟ୍ କୁଇଜ୍ ଏବଂ ସ୍ୱାକ୍ଷର ଅଭିଯାନ ଆୟୋଜନ କରାଯାଇଥିଲା।

ନନ୍ଦନକାନନର ଜୁ ଲାଇବ୍ରେରୀ ଆଣ୍ଡ ଡିଜିଟାଲ୍ ହବ୍ରେ ହାତୀ ସମ୍ପର୍କିତ କାହାଣୀ କଥନ, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏସୀୟ ଓ ଆଫ୍ରିକୀୟ ହାତୀଙ୍କ ଭୂମିକା ପ୍ରଦର୍ଶନ, ହାତୀ ଓରିଗାମି, ହାତୀ ସଂରକ୍ଷଣ ସମ୍ପର୍କିତ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ହାତୀ ଚିତ୍ର ଉପରେ ହ୍ୟାଣ୍ଡ ପେଂଟିଂ ଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିସହିତ ଏଲିଫାଂଟ ଫ୍ରେମ୍ ମାଧ୍ୟମରେ ଫଟୋ ଉଠାଇବାର ସୁଯୋଗ ପର୍ଯ୍ୟଟକମାନଙ୍କ ପାଇଁ ଉତ୍ସବରେ ଏକ ଆନନ୍ଦଦାୟକ ଓ ସ୍ମରଣୀୟ ଅନୁଭୂତି ଯୋଗାଇଥିଲା। କାର୍ଯ୍ୟକ୍ରମର ଶେଷରେ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଦର୍ଶକଙ୍କ ପାଇଁ ନିର୍ଦ୍ଧାରିତ ସ୍ଥାନରୁ ହାତୀ ଆବାସସ୍ଥଳୀ ପରିଦର୍ଶନ କରାଯାଇଥିଲା।

# ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଛାତ୍ର ବୃତ୍ତି ଆହ୍ୱାନ

**ଭୁବନେଶ୍ୱର, ୨୩।୮ (ମହାଭାରତ):** ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ବିଡି, ସିନେମା ଏବଂ କୋଇଲା ବ୍ୟତୀତ ଅନ୍ୟ ଖଣି ଶ୍ରମିକଙ୍କ ପିଲାମାନଙ୍କ ପାଇଁ ଛାତ୍ର ବୃତ୍ତି ପୋର୍ଟାଲ୍ ଖୋଲାଯାଇଛି। ଇଚ୍ଛୁକ ଛାତ୍ରଛାତ୍ରୀ ଜାତୀୟ ବୃତ୍ତି ପୋର୍ଟାଲ- ମାଧ୍ୟମରେ ଛାତ୍ରବୃତ୍ତି ପାଇବା ନିମନ୍ତେ ଆବେଦନ କରିପାରିବେ। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ଏବଂ ଏକାଦଶରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ୩୧ ଅକ୍ଟୋବର ୨୦୨୬ ସୁଦ୍ଧା ଏହି ପୋର୍ଟାଲରେ ଆବେଦନ କରିପାରିବେ। ଗତ ଜୁନ୍ ପହିଲା ଠାରୁ ଏହି ପୋର୍ଟାଲ ଖୋଲାଯାଇଛି। ୨୦୨୬-୨୭ ଶିକ୍ଷାବର୍ଷରୁ ଏନଏସପି ପୋର୍ଟାଲରେ ''ଜଣେ ଛାତ୍ର – ଏକାଧିକ ବୃତ୍ତି'' ନିୟମ ଲାଗୁ କରାଯାଇଛି। ଏହି ନୂତନ ନିୟମାନୁସାରେ, ଜଣେ ଯୋଗ୍ୟ ଛାତ୍ର କିମ୍ବା ଛାତ୍ରୀ ଏକ ସଙ୍ଗେ ମେଧା-ଭିତ୍ତିକ ଛାତ୍ରବୃତ୍ତି ଏବଂ କଲ୍ୟାଣ-ଭିତ୍ତିକ ଛାତ୍ରବୃତ୍ତିର ଲାଭ ନେଇପାରିବେ। ତେଣୁ ବିଡି, ସିନେ ଓ ଖଣି ଶ୍ରମିକଙ୍କ ମେଧାବୀ ପିଲାମାନେ କଲ୍ୟାଣ-ଭିତ୍ତିକ ଆର୍ଥିକ ସହାୟତା ସହ ନିଜ ଶୈକ୍ଷିକ ଯୋଗ୍ୟତା ଭିତ୍ତିରେ ମେଧା ଛାତ୍ରବୃତ୍ତି ପାଇଁ ମଧ୍ୟ ପୃଥକ ଭାବେ ଆବେଦନ କରିପାରିବେ। ମାସିକ ୨୧ ହଜାର ଅଥବା ବାର୍ଷିକ ୨ ଲକ୍ଷ ୫୨ହଜାର ଟଙ୍କାରୁ କମ୍ ଅର୍ଥ ରୋଜଗାର କରୁଥିବା ଶ୍ରମିକଙ୍କ ପିଲାମାନେ ଏହି ବୃତ୍ତି ପାଇଁ ଯୋଗ୍ୟ ଅଟନ୍ତି। ପ୍ରଥମରୁ ଚତୁର୍ଥ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବହି ଓ ପୋଷାକ କିଣିବା ଲାଗି ବାର୍ଷିକ ୧ ହଜାର ଟଙ୍କାର ସହାୟତା ଦିଆଯିବ। ପଞ୍ଚମରୁ ଅଷ୍ଟମ ପିଲାଙ୍କ ପାଇଁ ୧୫ଶହ ଟଙ୍କା, ନବମ ଓ ଦଶମ ପିଲାଙ୍କ ପାଇଁ ୨ ହଜାର ଟଙ୍କା, ଏକାଦଶ ଓ ଦ୍ୱାଦଶ ପିଲାଙ୍କ ପାଇଁ ୩ ହଜାର ଟଙ୍କା, ଆଇଟିଆଇ ଓ ପଲିଟେକ୍ନିକ୍ ପାଇଁ ୬ ହଜାର ଟଙ୍କା ଏବଂ ଡିଗ୍ରୀ ପାଠ୍ୟକ୍ରମ ପାଇଁ ୬ ହଜାର ଟଙ୍କାର ବାର୍ଷିକ ବୃତ୍ତି ଯୋଗାଇ ଦିଆଯିବ। ଏହାବ୍ୟତୀତ ପ୍ରବେଶିକା ପରୀକ୍ଷା ଆବଶ୍ୟକ ହେଉଥିବା ବୃତ୍ତିଗତ ପାଠ୍ୟକ୍ରମ ଲାଗି ୨୫ ହଜାର ଟଙ୍କାର ବାର୍ଷିକ ବୃତ୍ତି ବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ଅଧିକ ସହାୟତା ପାଇଁ ବିଡ଼ି ଓ ଖଣି ଶ୍ରମିକମାନେ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଯୋଗାଯୋଗ କରିପାରିବେ। ନଚେତ୍ ''କଲ୍ୟାଣ ଆୟୁକ୍ତଙ୍କ କାର୍ଯ୍ୟାଳୟ: ପ୍ଲଟ ନଂ ଏନ ୭/୬୫୭, ଆଇ.ଆର.ସି. ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର, ୦୬୭୪-୨୫୫୧୭୩୯'' ଠିକଣାରେ ମଧ୍ୟ ଯୋଗାଯୋଗ କରାଯାଇପାରିବ।

# ନୂତନ ସିଡବ୍ଲୁସି ସଦସ୍ୟଙ୍କ ତାଲିମ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୨୩।୮ (ମହାଭାରତ):** ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ସୋମବାର ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ (ଏସଆଇଡବ୍ଲୁସି) ପରିସରରେ ଶିଶୁ ମଙ୍ଗଳ ସମିତି (ସିଡବ୍ଲୁସି) ର ନୂତନ ଭାବେ ଯୋଗଦେଇଥିବା ସଦସ୍ୟମାନଙ୍କ ଦ୍ୱିତୀୟ ବ୍ୟାଚ୍ ପାଇଁ ଏକ ପାଂଚଦିନିଆ ତାଲିମ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି। ଏହି ତାଲିମ କାର୍ଯ୍ୟକ୍ରମରେ ୨୭ଟି ଜିଲ୍ଲାରୁ ମୋଟ ୫୮ ଜଣ ସିଡବ୍ଲ୍ୟୁସି ସଦସ୍ୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ପ୍ରତ୍ୟେକ ଶିଶୁଙ୍କ ପାଇଁ ଏକ ସୁରକ୍ଷିତ, ନିରାପଦ ଏବଂ ଅନୁକୂଳ ପରିବେଶ ନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ଦୋହରାଇଥିଲେ। ଶିଶୁମାନଙ୍କ ଅଧିକାର, ସ୍ୱାଭିମାନ ଏବଂ କଲ୍ୟାଣର ସୁରକ୍ଷା ପାଇଁ ସମସ୍ତ ଅଂଶୀଦାରଙ୍କ ଦ୍ୱାରା ସମନ୍ୱିତ ଏବଂ ସମ୍ବେଦନଶୀଳ ପ୍ରଚେଷ୍ଟାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ନୂତନ ଭାବେ ଯୋଗଦେଇଥିବା ସିଡବ୍ଲ୍ୟୁସି ସଦସ୍ୟମାନଙ୍କୁ ସମ୍ବେଦନଶୀଳତା, ନିଷ୍ଠା ଏବଂ ସହାନୁଭୂତିର ସହ ନିଜର ଦାୟିତ୍ୱ ତୁଲାଇବାକୁ ଆହ୍ୱାନ ଦେଇ ସେ ପ୍ରତ୍ୟେକ ନିଷ୍ପତି ଓ ପଦକ୍ଷେପରେ 'ଶିଶୁର ସର୍ବୋତ୍ତମ ହିତ'କୁ ପ୍ରାଥମିକତା ଦେବାକୁ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶିଶୁ ମଙ୍ଗଳ ସମିତିର ନୂତନ ସଦସ୍ୟମାନଙ୍କ ସହ ଆଲୋଚନା କରି ଶିଶୁମାନଙ୍କ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ କ୍ଷେତ୍ରରେ ସେମାନଙ୍କ ତୃଣମୂଳ ସ୍ତରର ଅଭିଜ୍ଞତା, ଆହ୍ୱାନ ଏବଂ ଦୃଷ୍ଟିକୋଣ ବିଷୟରେ ପ୍ରତ୍ୟକ୍ଷ ମତାମତ ଗ୍ରହଣ କରିଥିଲେ। ପ୍ରଥମ ବ୍ୟାଚ୍ ରେ ୭୮ ଜଣ ନୂତନ ନିଯୁକ୍ତ ସଦସ୍ୟ ତାଲିମ ଗ୍ରହଣ କରିସାରିଛନ୍ତି। ଏହି ତାଲିମ ସେମାନଙ୍କୁ ଶିଶୁ କଲ୍ୟାଣ ଓ ସୁରକ୍ଷା ଦାୟିତ୍ୱ ପ୍ରଭାବଶାଳୀ ଭାବେ ତୁଲାଇବା ପାଇଁ ଆବଶ୍ୟକୀୟ ଜ୍ଞାନ, ଦକ୍ଷତା ଏବଂ ଦିଗଦର୍ଶନ ପ୍ରଦାନ କରିଛି। ଏହି ତାଲିମ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ହେଉଛି ସିଡବ୍ଲ୍ୟୁସି ସଦସ୍ୟମାନଙ୍କ ଦକ୍ଷତା ବୃଦ୍ଧି କରିବା ଏବଂ ଶିଶୁ ସୁରକ୍ଷା ବ୍ୟବସ୍ଥା, ବୈଧାନିକ ଦାୟିତ୍ୱ ଓ ଶିଶୁ ମଙ୍ଗଳ ପଦକ୍ଷେପଗୁଡ଼ିକର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସମ୍ପର୍କରେ ସେମାନଙ୍କ ବୁଝାମଣାକୁ ସୁଦୃଢ଼ କରିବା। ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁମାନଙ୍କ ପ୍ରତି ଏକ ଶିଶୁ-ସମ୍ବେଦନଶୀଳ, ଅଧିକାର-ଆଧାରିତ ଏବଂ ପ୍ରତିକ୍ରିୟାଶୀଳ ଦୃଷ୍ଟିକୋଣକୁ ମଜବୁତ କରିବା ଉପରେ ଏହି ତାଲିମ ଆଲୋକପାତ କରିବ। ଏହି କାର୍ଯ୍ୟକ୍ରମରେ ଓଏସସିପିସିଆର ଅଧ୍ୟକ୍ଷା ଶ୍ରୀମତୀ ବବିତା ପାତ୍ର; ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର-ତଥା- ଶାସନ ସଚିବ ଡଃ ମୃଣାଳିନୀ ଦର୍ଶୱାଲ; ଆଇସିଡିଏସ , ଏସଡବ୍ଲ୍ୟୁ ଏବଂ ଓଏସସିପିଏସ ର ନିର୍ଦ୍ଦେଶିକା ଶ୍ରୀମତୀ ମୋନୀଷା ବାନାର୍ଜୀ; ୟୁନିସେଫ୍ ର ଅଫିସର-ଇନ୍-ଚାର୍ଜ ତଥା ସିଏଫ୍‌ଓ ଶ୍ରୀମତୀ ରାଣି କୁରିଆନ୍; ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ଶିଶୁ କଲ୍ୟାଣ ଶାଖାର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ସୁମିତ୍ରା ପଟ୍ଟନାୟକଙ୍କ ସମେତ ସିଡବ୍ଲୁସି , ୟୁନିସେଫ୍ ର ସଦସ୍ୟମାନେ ଉପସ୍ଥିତ ଥିଲେ।



# ବିଏମସି ରିକ୍ରିଏସନ କ୍ଲବର ବାର୍ଷିକ କ୍ରୀଡା ଉତ୍ସବ

**ଭୁବନେଶ୍ୱର, ୨୩।୮ (ମହାଭାରତ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ରିକ୍ରିଏସନ କ୍ଲବ ପକ୍ଷରୁ ଆରମ୍ଭ ହୋଇଛି ବାର୍ଷିକ କ୍ରୀଡା ଉତ୍ସବ। ବିଏମ୍ ସି ମୁଖ୍ୟାଳୟ ଅନ୍ତର୍ଗତ ତୃତୀୟ ମହଲାରେ ଅନୁଷ୍ଠିତ ଇନଡୋର ଗେମ୍ସକୁ ମେୟର ଶ୍ରୀମତୀ ସୁଲୋଚନା ଦାସ ଉଦଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, କମିଶନର ତଥା ରିକ୍ରିଏସନ କ୍ଲବର ସଭାପତି ଚଞ୍ଚଳ ରାଣାଙ୍କ ସହ ବହୁ କର୍ପୋରେଟର, ସମସ୍ତ ବରିଷ୍ଠ ଅଧିକାରୀ, କର୍ମଚାରୀ, ରିକ୍ରିଏସନ କ୍ଲବର ସଂପାଦକ ଓ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। କର୍ମକ୍ଳାନ୍ତ ଜୀବନରେ ଟିକିଏ ଆନନ୍ଦ ପାଇବା ପାଇଁ କ୍ରୀଡା ବା ମନୋରଂଜନ ନିହାତି ଆବଶ୍ୟକ। ଏହା ଦ୍ୱାରା ଶ୍ରମ ଲାଘବ ହେବା ସହ କର୍ମ କରିବାରେ ଆଗ୍ରହ ସୃଷ୍ଟି ହୋଇଥାଏ। କେବଳ ସେତିକି ନୁହେଁ, ଏହି ବାର୍ଷିକ କ୍ରୀଡା ଦ୍ୱାରା ଅନେକ ଲୁକ୍କାୟିତ ପ୍ରତିଭା ସେମାନଙ୍କର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବାର ସୁଯୋଗ ପାଇଥାନ୍ତି। ଏହି ବାର୍ଷିକ କ୍ରୀଡା କାର୍ଯ୍ୟକ୍ରମ ନିର୍ବାଚିତ ଲୋକ ପ୍ରତିନିଧି ଏବଂ କାର୍ଯ୍ୟପାଳିକାଙ୍କ ମଧ୍ୟରେ ଦୃଢ଼ ସମନ୍ୱୟ ସେତୁ ତିଆରି କରିଥାଏ ବୋଲି କହିଛନ୍ତି ମେୟର ଶ୍ରୀମତୀ ସୁଲୋଚନା ଦାସ। ସରକାର କ୍ରୀଡାକୁ ପ୍ରୋତ୍ସାହିତ କରୁଥିବା ବେଳେ ବିଏମ୍ ସି ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ତାର ବାର୍ଷିକ କ୍ରୀଡା ଉତ୍ସବ ଆରମ୍ଭ କରିଛି। ସ୍ୱାୟତ୍ତ ଶାସନ ଦିବସ ୨୦୨୬ ଉପଲକ୍ଷେ ଏହି ଉତ୍ସବ ବିଭିନ୍ନ ପର୍ଯ୍ୟାୟରେ ଚାଲିବ। ଏଥିରେ ଚେସ୍, କ୍ୟାରେମ, କ୍ରିକେଟ, ବ୍ୟାଡମିଂଟନ ଆଦି ବିଭିନ୍ନ ବିଭାଗରେ ଏବଂ ବିଭିନ୍ନ ବର୍ଗରେ କ୍ରୀଡା ଅନୁଷ୍ଠିତ ହେବ ବୋଲି କହିଛନ୍ତି ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା। ମୁଖ୍ୟତଃ ଏଥିରେ କର୍ପୋରେଟର, କର୍ମଚାରୀ, ଅଧିକାରୀ, ଉଭୟ ମହିଳା ଓ ପୁରୁଷ ବିଭାଗରେ ଅଂଶଗ୍ରହଣ କରୁଛନ୍ତି। ଶେଷ ଦିନରେ ଅର୍ଥାତ ଅଗଷ୍ଟ ୩୧ ତାରିଖ ସ୍ୱାୟତ ଶାସନ ଦିବସ ପରଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ବିଏମ୍ ସି ରିକ୍ରିଏସନ କ୍ଲବ ପକ୍ଷରୁ କୁହାଯାଇଛି।



# ହୋମଗାର୍ଡ ପ୍ରଦୀପ ମାର୍ଥାଙ୍କ ପରିବାରକୁ ସହାୟତା

**ଭୁବନେଶ୍ୱର, ୨୩।୮ (ମହାଭାରତ):** ସ୍ୱର୍ଗତ ହୋମଗାର୍ଡ ପ୍ରଦୀପ କୁମାର ମାର୍ଥାଙ୍କ ପରିବାରକୁ ରାଜ୍ୟର ଆଇପିଏସ୍ ଅଧିକାରୀମାନଙ୍କ ଅବଦାନରୁ ସଂଗୃହୀତ ୬ ଲକ୍ଷ ୫୫ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଅପରେସନ ମୁଖ୍ୟାଳୟଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା ସ୍ୱର୍ଗତ ପ୍ରଦୀପ କୁମାର ମାର୍ଥାଙ୍କ ପତ୍ନୀ ଶ୍ରୀମତୀ ଉର୍ମିଳା ମାର୍ଥାଙ୍କୁ ଏହି ରାଶିର ଚେକ୍ ପ୍ରଦାନ କରିଥିଲେ। ଏହି ଅବସରରେ ଆଇଜିପି (ଅପରେସନ) ଦୀପକ କୁମାର ଉପସ୍ଥିତ ଥିଲେ। ହୋମଗାର୍ଡ ପ୍ରଦୀପ କୁମାର ମାର୍ଥା ୨୪ ଏପ୍ରିଲ ୨୦୨୬ରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ପରଲୋକ ଗମନ କରିଥିଲେ। ସେ ଭୁବନେଶ୍ୱରସ୍ଥିତ ଆଇପିଏସ୍ ମେସ୍ ରେ କାର୍ଯ୍ୟରତ ଥିଲେ। ସ୍ୱର୍ଗତ ଶ୍ରୀ ମାର୍ଥାଙ୍କ ପରିବାରକୁ ଓଡ଼ିଶା ପୋଲିସ ପକ୍ଷରୁ ନିରନ୍ତର ସହଯୋଗ ଯୋଗାଇ ଦିଆଯାଉଛି। ଏହାପୂର୍ବରୁ ୧୭ ଜୁନ୍ ୨୦୨୬ରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡରୁ ଶ୍ରୀମତୀ ଉର୍ମିଳା ମାର୍ଥାଙ୍କୁ ୪ ଲକ୍ଷ ଟଙ୍କାର ଅନୁଗ୍ରହ ରାଶି ପ୍ରଦାନ କରାଯାଇଥିଲା। ସେହିପରି, ଅବସରପ୍ରାପ୍ତ ଆଇପିଏସ୍ ଅଫିସର୍ସ ଆସୋସିଏସନ୍‌ର ସଭାପତି ଏଲ୍.ସି. ଅମରନାଥନ୍ ୧୮ ଜୁନ୍ ୨୦୨୬ରେ ୧ ଲକ୍ଷ ୧୨ ହଜାର ୫୦୦ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏଥିସହ, ଶ୍ରୀମତୀ ଉର୍ମିଳା ମାର୍ଥାଙ୍କୁ ୧୫ ଅଗଷ୍ଟ ୨୦୨୬ରେ ଭୁବନେଶ୍ୱର-କଟକ ପୋଲିସ କମିଶନରେଟରେ ହୋମଗାର୍ଡ ଭାବେ ନିଯୁକ୍ତି ମଧ୍ୟ ପ୍ରଦାନ କରାଯାଇଛି।



# ବନ୍ୟାଞ୍ଚଳରେ ଜଳ ଯୋଗାଣ ସ୍ୱାଭାବିକ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୩।୮ (ମହାଭାରତ):** ବନ୍ୟା ଯୋଗୁଁ ପ୍ରଭାବିତ ହୋଇଥିବା ଜଳ ଯୋଗାଣ ବ୍ୟବସ୍ଥାକୁ ଶୀଘ୍ର ସ୍ୱାଭାବିକ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଡିଭିଜନ ପକ୍ଷରୁ କ୍ଷେତ୍ରସ୍ତରରେ ପୁନରୁଦ୍ଧାର କାର୍ଯ୍ୟ ଜୋରଦାର କରାଯାଇଛି। ପର୍ଯ୍ୟାପ୍ତ ପରିମାଣରେ ପାଣି ବୋତଲ ଓ ପାଣି ପାଉଚ୍ ମହଜୁଦ ରଖାଯାଇଥିବାବେଳେ, ଆବଶ୍ୟକତା ଅନୁଯାୟୀ ବନ୍ୟା ପ୍ରଭାବିତ ଅଂଚଳରେ ତୁରନ୍ତ ପାନୀୟ ଜଳ ପହଂଚାଇବା ପାଇଁ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମନ୍ୱିତ ପଦକ୍ଷେପ ଜାରି ରହିଛି। ଅଗଷ୍ଟ ୧୭ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ବନ୍ୟା ପ୍ରଭାବିତ ୧,୪୬୧ଟି ଟ୍ୟୁବୱେଲ୍ ର ବିଶୋଧନ କାର୍ଯ୍ୟ ସମ୍ପନ୍ନ ହୋଇଛି। ସେହିପରି ପ୍ରଭାବିତ ପିଡବ୍ଲୁଏସ୍ ପ୍ରକଳ୍ପଗୁଡ଼ିକ ମଧ୍ୟରୁ ୮୯ଟିର ଜଳ ଉତ୍ସ ବିଶୋଧନ କରାଯାଇଛି। ଟ୍ୟୁବୱେଲ୍, ପ୍ରଡକ୍ସନ୍ ୱେଲ୍, ଓପନ୍ ୱେଲ୍ ଆଦି ବିଭିନ୍ନ ଜଳ ଉତ୍ସକୁ ବ୍ଲିଚିଂ ପାଉଡର ମାଧ୍ୟମରେ ବିଶୋଧନ କରାଯାଉଥିବାବେଳେ ଜଳର ମାନ ମଧ୍ୟ ନିୟମିତ ପରୀକ୍ଷା କରାଯାଉଛି। ବନ୍ୟା ପରେ ଜଳ ଉତ୍ସଗୁଡ଼ିକୁ ସୁରକ୍ଷିତ କରିବା ଓ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇବା ଉପରେ ବିଭାଗ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ବନ୍ୟା ପ୍ରଭାବିତ ଅଂଚଳରେ ୨୭ଟି ୱାଟର ଟ୍ୟାଙ୍କର ଓ ୬୯ଟି ସିଣ୍ଟେକ୍ସ ଟ୍ୟାଙ୍କ ଗାଡ଼ି ମାଧ୍ୟମରେ ପାନୀୟ ଜଳ ଯୋଗାଣ କରାଯାଉଛି। ଏଥିସହ ୬ଟି ମୋବାଇଲ୍ ଟ୍ରିଟମେଣ୍ଟ ୟୁନିଟ୍ ଦ୍ୱାରା ଜଳ ବିଶୋଧନ କରାଯାଇ ପୁରୀତ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଯେଉଁ ସ୍ଥାନରେ ବିଦ୍ୟୁତ୍ ଯୋଗାଣ ପ୍ରଭାବିତ ହୋଇଛି, ସେଠାରେ ଡିଜି ସେଟ୍ ମାଧ୍ୟମରେ ପିଡବ୍ଲୁଏସ୍ ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉଛି। ଏଥିସହ ଜିଲ୍ଲା, ବ୍ଲକ୍, ଆରଡବ୍ଲୁଏସଏସ୍. ଡିଭିଜନ ଏବଂ ଇଆଇସି, ଆରଡବ୍ଲୁଏସ୍ଏସ୍ ., ଓଡ଼ିଶାଙ୍କ କାର୍ଯ୍ୟାଳୟରେ କଂଟ୍ରୋଲ୍ ରୁମ୍ ଖୋଲାଯାଇ ପରିସ୍ଥିତିର ନିୟମିତ ଅନୁଧ୍ୟାନ ସହ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

# ଶ୍ରମିକଙ୍କ ଦାବି ପୂରଣ ଲାଗି 'ପ୍ରତିବାଦ ଦିବସ' ପାଳିତ

**ଭୁବନେଶ୍ୱର, ୨୩।୮ (ମହାଭାରତ):** ଭାରତୀୟ ମଜଦୁର ସଂଘ ର ଦେଶ ବ୍ୟାପୀ ଆନ୍ଦୋଳନ ଆହ୍ୱାନ କ୍ରମେ ଶ୍ରମିକଙ୍କ ବିଭିନ୍ନ ଦାବିର ତ୍ୱରିତ ସମାଧାନ ଦାବିରେ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ପ୍ରତିବାଦ ଦିବସ' ପାଳନ କରାଯାଇଛି। ଏହି ଅବସରରେ ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡରୁ ଶ୍ରମିକମାନଙ୍କର ଏକ ବିଶାଳ ରାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ରାଲିଟି ଏକ ବିରାଟ ସାଧାରଣ ସଭାରେ ପରିଣତ ହୋଇଥିଲା। ଏହାପରେ ପ୍ରଧାନମନ୍ତ୍ରୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରମିକଙ୍କ ବିଭିନ୍ନ ଦାବି ସମ୍ବଳିତ ଏକ ସ୍ମାରକପତ୍ର/ଦାବିପତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ଉପରେ ସରକାର ତତ୍କାଳ ବିଚାର କରି ଶ୍ରମିକ ସ୍ୱାର୍ଥରେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ଭାରତୀୟ ମଜଦୁର ସଂଘ ଆଶା ପ୍ରକାଶ କରିଛି।

ବିଏମଏସର ଜିଲ୍ଲା ସମ୍ପାଦକ ଅମରେଶ ମହାପାତ୍ର ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ. ଭାରତୀୟ ମଜଦୁର ସଂଘର ରାଞ୍ଚିରେ ଅନୁଷ୍ଠିତ ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତି ) ବୈଠକର ନିଷ୍ପରି ଅନୁଯାୟୀ ୧୭ ଅଗଷ୍ଟ ୨୦୨୬ରେ ସାରା ଦେଶର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଶ୍ରମିକ ହିତରେ ଏହି ପ୍ରତିବାଦ ଦିବସ ପାଳନ କରା ଯାଇଅଛି। ଏହି ଜାତୀୟ କାର୍ଯ୍ୟକ୍ରମକୁ ସମର୍ଥନ କରି ବିଏମଏସ ଓଡ଼ିଶା ପ୍ରାନ୍ତ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାରେ ମଧ୍ୟ ପ୍ରତିବାଦ ଦିବସ ଆୟୋଜନ କରାଯାଇଛି। ଏହି ଅବସରରେ ଶ୍ରମିକଙ୍କ ଦୀର୍ଘଦିନର ଦାବିଗୁଡ଼ିକ ଉପରେ କେନ୍ଦ୍ର ଓ ରାଜ୍ୟ ସରକାର ତତ୍କାଳ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ପ୍ରମୁଖ ଦାବିଗୁଡ଼ିକ ମଧ୍ୟରେ ଇଏସଆଇସି ଦରମା ସୀମା ୨୧,୦୦୦ ଟଙ୍କାରୁ ୪୨,୦୦୦ ଟଙ୍କାକୁ ବୃଦ୍ଧି, ଇପିଏଫ ନ୍ୟୁନତମ ପେନସନ ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି, ଇପିଏଫ ଦରମା ସୀମା ୩୦,୦୦୦ ଟଙ୍କା କରିବା, ବୋନସ ଗଣନା ସୀମା ୧୮,୦୦୦ ଟଙ୍କା ଏବଂ ବୋନସ ଯୋଗ୍ୟତା ସୀମା ୪୨,୦୦୦ ଟଙ୍କା କରିବା ଅନ୍ତର୍ଭୁକ୍ତ। ସେହିପରି ଅଙ୍ଗନୱାଡି ଓ ଆଶା ଭଳି ସ୍କିମ୍ ଶ୍ରମିକଙ୍କ ମାନଦଣ୍ଡ ବୃଦ୍ଧି, ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ "ସମାନ କାମକୁ ସମାନ ଦରମା ପ୍ରଦାନ, ଶ୍ରମିକ ବିରୋଧୀ ଶ୍ରମ ଆଇନର ଧାରାଗୁଡ଼ିକୁ ବିଲୋପ, ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଲାଗୁ, ଗ୍ରାଚୁଇଟି ସୀମା ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଜାତୀୟ ନ୍ୟୁନତମ ଦରମା ମାସିକ ୩୦,୦୦୦ ଟଙ୍କା ନିର୍ଦ୍ଧାରଣ ଏବଂ ଜୀବନ ବୀମା ନିଗମର ଡେଭଲପମେଣ୍ଟ ଅଫିସରମାନଙ୍କୁ ପୂର୍ଣ୍ଣ ଚାକିରି ସୁରକ୍ଷା ଦେବା ଆଦି ଦାବି ଉପସ୍ଥାପିତ ହୋଇଛି। ରାଜ୍ୟ ର ବିଭିନ୍ନ ସଂସ୍ଥା ରେ ବେଆଇନି ଭାବେ ଛଟେଇ ର ଶିକାର ହୋଇଥିବା କର୍ମଚାରୀ ମାନଙ୍କୁ ତୁରନ୍ତ ପୁନଃ ନିଯୁକ୍ତି ପାଇଁ ଭାରତୀୟ ମଜଦୂର ସଙ୍ଘ ଦାବି କରିଛି। ସାଧାରଣ ସଭାରେ ବକ୍ତାମାନେ, ଶ୍ରମିକମାନଙ୍କ ନାର୍ଯ୍ୟ ଦାବିଗୁଡ଼ିକ ଦୀର୍ଘଦିନ ଧରି ସରକାରଙ୍କ ବିଚାରାଧୀନ ରହିଛି।



# ଭୋଟ ବ୍ୟାଙ୍କ କୌଶଳ

ଅନେକ ସମୟରେ ଦଳିତ, ମହିଳା, ଯୁବ ବର୍ଗ, ଧାର୍ମିକ ଗୋଷ୍ଠୀ ଏଭଳି ଭାବରେ ସମାଜକୁ ବିଭାଜିତ କରି ସେମାନଙ୍କୁ ନିଜ ପକ୍ଷକୁ ଆଣିବା ଲାଗି ବିଭିନ୍ନ ରାଜାନୈତିକ ଦଳ ମଧ୍ୟରେ ଅସ୍ୱାସ୍ଥ୍ୟକର ପ୍ରତିଯୋଗିତା ଆରମ୍ଭ ହୋଇଛି । ଆଞ୍ଚଳିକ ଦଳମାନେ ଏଥିରେ ଆଗୁଆ ଅଛନ୍ତି । ଭୋଟ ବ୍ୟାଙ୍କ କୌଶଳ ଆପଣାଇ ଅଧିକାଂଶ ଆଞ୍ଚଳିକ ଦଳ ନିର୍ବାଚନୀ ସଫଳତା ହାସଲ କରୁଛନ୍ତି ଏବଂ ରାଜ୍ୟରେ କ୍ଷମତାସୀନ ହୋଇ ରହିଛନ୍ତି । ଦେଶର ସର୍ବ ପୁରାତନ ଦଳ ବୋଲି କୁହାଯାଉଥିବା କଂଗ୍ରେସ ମଧ୍ୟ ଏଥିରୁ ବାଦ ପଡ଼ିନି । ଏଥିପାଇଁ କଂଗ୍ରେସ ପକ୍ଷରୁ ୨୦୨୯ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଆରମ୍ଭ ହୋଇଛି । ନିର୍ବାଚନ ପାଇଁ ରଣନୀତି ନିର୍ଦ୍ଧାରଣ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ବିନା ରଣନୀତିରେ ଯୁଦ୍ଧକୁ ଗଲେ ବିନାଶ ସୁନିଶ୍ଚିତ । ନିର୍ବାଚନରେ କଂଗ୍ରେସ ପରାଜିତ ହେଲେ ମଧ୍ୟ ଏହାର କେନ୍ଦ୍ରୀୟ ନେତୃତ୍ୱ ଗୋଟିଏ ପରିବାର ହାତରେ ସବୁ ବେଳେ ରହି ଆସିଛି । ଏଥିରେ ପରିବର୍ତ୍ତନ ଲାଗି ଦାବି କରିବାର ସାହସ କଂଗ୍ରେସ ନେତାଙ୍କ ନିକଟରେ ନାହିଁ । ଯେ ପର୍ଯ୍ୟନ୍ତ ଏହି ମାନସିକତା ଦୂର ହୋଇନାହିଁ, ସେ ପର୍ଯ୍ୟନ୍ତ କଂଗ୍ରେସର ପୁନରୁତଥାନ ସମ୍ଭବ ନୁହେଁ । ଦଳରେ ସମସ୍ତଙ୍କର ଖୋଲାମତ ଉପସ୍ଥାପନ କରିବାର ଅଧିକାର ରହିଛି । କିନ୍ତୁ ଗଣମାଧ୍ୟମରେ ବା ଦଳୀୟ ଫୋରମ ବାହାରେ କେହି ଏଭଳି କିଛି ମନ୍ତବ୍ୟ ଦେବା କଥା ନୁହେଁ, ଯାହା ଦଳର କ୍ଷତି ଘଟାଇବ । ଚିନ୍ତନ ବୈଠକରେ ଏଥିଲାଗି ଦଳୀୟ ନେତାମାନଙ୍କୁ ତାଗିଦ କରାଯାଇଛି । ଜି-୨୩କୁ ଟାର୍ଗେଟ କରି ଏହା କୁହାଯାଇଛି । ଏହା କେତେଦୂର କାର୍ଯ୍ୟକାରୀ ହେବ ତାହା ପ୍ରଶ୍ନବାଚୀରେ । ୨୦୨୯ ନିର୍ବାଚନରେ ରାହୁଲ ଗାନ୍ଧି ଦଳର ନେତୃତ୍ୱ ନେବେ । ନଚେତ ପ୍ରିୟଙ୍କା ଦଳର ସଭାନେତ୍ରୀ ହୋଇପାରନ୍ତି । ଯଦି ପ୍ରିୟଙ୍କା ୨୦୨୯ରେ ଦଳକୁ ବିଜୟୀ କରାଇନପାରନ୍ତି ତେବେ ଦଳ ଏହାର ପରବର୍ତ୍ତୀ ବିକଳ୍ପ ଭାବେ ପୁନର୍ବାର ରାହୁଲଙ୍କ ଉପରେ ଆସ୍ଥା ସ୍ଥାପନ କରିବ । ଅର୍ଥାତ ଖଡ଼ା ବଡ଼ି ତୋଡ଼ ନୀତି ବ୍ୟତିତ କଂଗ୍ରେସ ନିକଟରେ ଅନ୍ୟ ପନ୍ଥା ନାହିଁ । କିନ୍ତୁ ନିର୍ବାଚନରେ ଜିତିବାକୁ ହେଲେ କଂଗ୍ରେସକୁ କିଛି ନୂଆ ଚିନ୍ତା କରିବାକୁ ପଡ଼ିବ, କିଛି ନୂଆ କରିବାକୁ ପଡ଼ିବ । ଜାତି, ଧର୍ମ ଏବଂ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ କିପରି କଂଗ୍ରେସ ପ୍ରତି ଆକୃଷ୍ଟ କରିବାକୁ ପଡ଼ିବ, ଦେଶର ବିକାଶ ଲାଗି କିପରି କଂଗ୍ରେସର ନୂତନ ଚିନ୍ତାଧାରାକୁ ଲୋକେ ସମର୍ଥନ କରିବେ ଏବଂ କଂଗ୍ରେସ ପ୍ରତି ଆସ୍ଥା ଓ ବିଶ୍ୱାସ ପ୍ରକଟ କରିବେ ସେଥିଲାଗି ଦଳକୁ ଚିନ୍ତା କରିବାକୁ ପଡ଼ିବ । ପରିବାରବାଦ, ଭୋଟ ବ୍ୟାଙ୍କ ରାଜନୀତିର ଊର୍ଦ୍ଧ୍ୱକୁ ଉଠି କଂଗ୍ରେସକୁ ଏକ ଆଧୁନୀକ ଚିନ୍ତାଧାରା ସମ୍ପନ୍ନ ଗଣତାନ୍ତ୍ରିକ ଦଳରେ ପରିଣତ କରିବାକୁ ପଡ଼ିବ । ଗତ ୫୦ ବର୍ଷ ଧରି କଂଗ୍ରେସ ଯେଉଁ ଧାରାରେ ପରିଚାଳିତ ହେଉଛି, ଗୋଟିଏ ପରିବାରର ଚାଟୁକାରିତାକୁ ପ୍ରାଥମିକତା ଦେଇ ଆସୁଛି, ଦଳ ଭିତରେ ଥାଇ ମୁହଁ ଖୋଲିବାକୁ ଯେପରି କାହାର ଅଧିକାର ନାହିଁ, ସେଥିରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । କଂଗ୍ରେସ ପ୍ରତି ଲୋକଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଣିବାକୁ ହେଲେ ଦଳରେ ଆମୂଳଚୁଳ ପରିବର୍ତ୍ତନ ଏବଂ ନୀତିଗତ ବିବର୍ତ୍ତନର ଆବଶ୍ୟକତା ରହିଛି । କେବଳ ସଂଖ୍ୟାଲଘୁ ତୁଷ୍ଟିକରଣ, ସଂରକ୍ଷଣବାଦ ଏବଂ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀର ସମର୍ଥନ ଲାଗି ରଣନୀତି ସବୁ ବେଳେ ସଫଳ ହେବ ନାହିଁ । କଂଗ୍ରେସ ଭଳି ବିଜେପି ମଧ୍ୟ ସମାନ ନୀତି ଆପଣାଇଛି । ଉଗ୍ର ହିନ୍ଦୁବାଦୀ ଦଳ ଭାବେ ପରିଚିତ ବିଜେପି ମଧ୍ୟ ଏବେ ଦଳିତ ଓ ମହିଳା ଭୋଟ ବ୍ୟାଙ୍କ ଉପରେ ନିର୍ଭର କରୁଛି । ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହା ସ୍ୱାଗତଯୋଗ୍ୟ ନୁହେଁ ।

# କ୍ଷେପଣାସ୍ତ୍ରଧାରୀ ବେଲୁନ ପାଇଁ ଚିନ୍ତା

II ସୌମେନ୍ଦ୍ର ଜେନା II

> " ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା ।

ଆମେରିକାର ପ୍ରତିରକ୍ଷା ବିଭାଗର ତଥ୍ୟ ସଂଗ୍ରହ କରୁଥିବା ଚୀନର ବିଶାଳକାୟ ବେଲୁନକୁ ଆମେରିକା ବାୟୁସେନା କ୍ଷେପଣାସ୍ତ୍ର ମାଡକରି ନଷ୍ଟ କରିଥିବା ଖବର ନିକଟରେ ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଉକ୍ତ ବେଲୁନଟି ଦୀର୍ଘ ସମୟ ଘରି ତଥ୍ୟ ତେରୀ କରିବାକୁ ଫଟୋ ଉଠାଉଥିବା କଥା କୁହାଯାଇଥିଲା । ଆମେରିକା ଏବଂ କାନାଡାରେ ଏମିତି ପ୍ରାୟ ତିନୋଟି ବେଲୁନ ସଂପ୍ରତି ଦେଖିବାକୁ ମିଳିଛି । ଚୀନ ସରକାର ଏହାକୁ ପାଣିପାଗ ପରୀକ୍ଷା ପାଇଁ ଛଡାଯାଇଥିବା କଥା କହୁଥିଲେ ହେଁ ଏହି ବେଲୁନର ସହାୟତାରେ ଆଗାମୀ ଦିନରେ କିପରି ମହାକାଶରୁ ବହୁ ଉଚ୍ଚରୁ ହାଇପରସୋନିକ କ୍ଷେପଣାସ୍ତ୍ର ମାଡ କରାଯାଇପାରିବ ସେହି ଲକ୍ଷ୍ୟରେ ଚୀନ ପରୀକ୍ଷା-ନିରୀକ୍ଷା ଚଳାଇଛି ।

ଚୀନ ସରକାରଙ୍କ ମାଲିକାନାରେ ଥିବା ସିସିଟିଭିରେ ୨୦୧୮ରେ ଏମିତି ଏକ ଭିଡିଓ ଛଡାଯାଇଥିଲା ଯେଉଁଥିରେ ବହୁ ଉଚ୍ଚକୁ ଖୋଲା ମଇଦାନରୁ ବେଲୁନଟିକୁ ଛଡାଯାଉଛି । ବେଲୁନଟି ସହ ତ୍ରିକୋଣ ବିଶିଷ୍ଟ କ୍ଷେପଣାସ୍ତ୍ର ସବୁ ଏକ ହାଇପରସୋନିକ ଗ୍ଲାଇଡ ଭେହିକିଲ୍‌ସରେ ଲାଗିଥିବା ଅବସ୍ଥାରେ ଉପରକୁ ଉଠୁଛନ୍ତି । ପରେ ନିର୍ଦ୍ଦିଷ୍ଟ ଉଚ୍ଚତାକୁ ବେଲୁନ୍‌ଟି ଉଠିବା ପରେ ଗୋଟିଏ ପରେ କ୍ଷେପଣାସ୍ତ୍ରଗୁଡିକ ତଳମୁହାଁ ହୋଇ ଖସୁଛି ଗୋଟିଏ ଯାହାକୁ ସେତେବେଳେ ଚୀନ କର୍ତ୍ତୃପକ୍ଷ କ୍ଷେପଣାସ୍ତ୍ର ପରୀକ୍ଷାର ଆଖ୍ୟା ଦେଇଥିଲେ । ହଂକଂସ୍ଥିତ ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ ଜଣାଇଥିଲା ଯେ ବେଲୁନ ଆକାଶରୁ ତଳକୁ ପକାଇଥିବା ହାଇପରସୋନିକ୍ ଗ୍ଲାଇଡ ଭେହିକିଲଗୁଡିକ ହାଇପରସୋନିକ କ୍ଷେପଣାସ୍ତ୍ର ବିକାଶ କାର୍ଯ୍ୟକ୍ରମର ଅନ୍ତର୍ଗତ, ଯାହାକି ଆଗାମୀ ଦିନରେ ଚୀନ ସେନାକୁ ଅଦମ୍ୟ ଆଣବିକ ଅସ୍ତ୍ରର କ୍ଷମତା ପ୍ରଦାନ କରିବ । ୨୧ ସେପ୍ଟେମ୍ବର ୨୦୧୮ରେ 'ଦାଫେଙ୍ଗ୍ କାଓ' ନାମଟ ଟ୍ୱିଟର ଆକାଉଣ୍ଟରୁ ଏ ସଂକ୍ରାନ୍ତରେ ଏକ ପୋଷ୍ଟ କରାଯାଇଥିଲା । ଯେଉଁଥିରେ କୁହାଯାଉଥିଲା ଯେ ବହୁ ଉଚ୍ଚରୁ ବେଲୁନ ସାହାଯ୍ୟରେ ତଳକୁ କ୍ଷେପଣାସ୍ତ୍ର ମାଡର ପରୀକ୍ଷା ସଫଳତାର ସହ ଶେଷ ହୋଇଛି । ଚୀନର ଉତ୍ତର ପଶ୍ଚିମରେ ଆକାଶରେ ଏହି ପରୀକ୍ଷା ହୋଇଥିଲା । ଦିନ ୧୨ଟା ୪୭ମିନିଟରେ ୨୫ସେକେଣ୍ଡର ଭିଡିଓଟିକୁ ଟ୍ୱିଟର ଆକାଉଣ୍ଟରେ ଅପ୍‌ଲୋଡ କରିବା ଦେଖାଯାଇଥିଲା ।

ଚୀନର ମଧ୍ୟମ ଦୂରଗାମୀ ବାଲିଷ୍ଟିକ କ୍ଷେପଣାସ୍ତ୍ର ଡଙ୍ଗ୍‌ଫେଙ୍ଗ୍-୧୭ ଯାହା ୫-୧୦ ମାକ୍ ଗତିରେ ଯିବାର କ୍ଷମତା ରଖିଛି ଏବଂ ଯେଉଁଥିରେ ପାରମ୍ପାରିକ ଏବଂ ଆଣବିକ କ୍ଷେପଣାସ୍ତ୍ର ବହନ କରିବାର କ୍ଷମତା ମଧ୍ୟ ରହିଛି , ତାହା ଏହି ବେଲୁନକୁ ମହାକାଶକୁ ନେଇଯାଇପାରିବ । ଡଙ୍ଗ୍‌ଫେଙ୍ଗ୍‌ର ଓଜନ ୧୫ଟନ ଥିଲାବେଳେ ମାରକ କ୍ଷମତା ୧୮୦୦ରୁ ୨୫୦୦କିମି ପର୍ଯ୍ୟନ୍ତ ରହିଥିବାର ଜଣାଯାଏ । ଭିଡିଓ ଦୃଶ୍ୟରେ ଆକାଶରୁ ତଳକୁ ବେଲୁନ ସାହାଯ୍ୟରେ କ୍ଷେପଣାସ୍ତ୍ରମାଡ କରାଯିବା ଦୃଶ୍ୟକୁ ସେ ସମୟରେ ଆମେରିକାର ପ୍ରତିରକ୍ଷା ବିଶେଷଜ୍ଞମାନେ ଗୁରୁତ୍ୱର ସହ ନେଇଥିଲେ । ଜୁଲାଇ ୨୦୨୧ରେ ଚୀନ ସେନା ପକ୍ଷରୁ ଅତି ଗୋପନୀୟ ଭାବେ ହୋଇଥିବା ଏହି ପରୀକ୍ଷା ସମୟକ୍ରମେ ଭାରତ, ତାଇୱାନ ଏବଂ ଜାପାନର ଆକାଶ ସୀମାରେ ମଧ ହୋଇଥିବା କଥା କୁହାଯାଉଛି । ସେହି ପରୀକ୍ଷା ବେଳେ ୨୪୮୦୦ ମାଇଲ (୩୯୯୧୧ କିମି) ଦୂରକୁ ମହାକାଶରେ ଅତିକ୍ରମ କରି ତାହା ବାୟୁମଣ୍ଡଳରେ ପ୍ରବେଶ କରି ମାଟି ଉପରେ ଥିବା ଟାର୍ଗେଟକୁ କ୍ଷେପଣାସ୍ତ୍ରମାଡ କରିବାକୁ ସକ୍ଷମ ହୋଇଥିଲା । ଏହି ବିଷୟରେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ଗୋଇନ୍ଦା ବିଭାଗ (ଡିଆଇଓ)ର ରିପୋର୍ଟରେ ମଧ ପ୍ରକାଶ ପାଇଥିଲା । ସେଥିଲେ ଉଲ୍ଲେଖ କରାଯାଇଥିଲା ଯେ ପରୀକ୍ଷା ୧୦୦ ମିନିଟରୁ ଅଧିକ ସମୟ ପାଇଁ ହୋଇଥିଲା, ଯାହା ଚୀନ ଦ୍ୱାରା ପ୍ରସ୍ତୁତ କୌଣସି ସ୍ଥଳଭାଗ ଆକ୍ରମଣକାରୀ ଅସ୍ତ୍ର ବ୍ୟବସ୍ଥାଠାରୁ ସର୍ବାଧିକ ଦୂର ଅତିକ୍ରମ କରିବା ସହ ଟାର୍ଗେଟକୁ ଧ୍ୱଂସ କରିବାକୁ ସକ୍ଷମ ହୋଇଥିଲା । ଆମେରିକାକୁ ଟାର୍ଗେଟ କରି ଆକ୍ରମଣ ପାଇଁ ଚୀନ ପକ୍ଷରୁ ଚାଲିଥିବା ପ୍ରସ୍ତୁତିର ସେହି ପରୀକ୍ଷା ଏକ ଅଂଶ ବିଶେଷ ବୋଲି ଆମେରିକା ସେନାର ଉପମୁଖ୍ୟ ଜେନେରାଲ ଜନ୍ ହାଇଟେନ୍ ସେତେବେଳେ ପ୍ରକାଶ କରିଥିଲେ । ପ୍ରଥମେ ଆଣବିକ ଆକ୍ରମଣ ପାଇଁ ଉକ୍ତ ଗୋପନୀୟ ପରୀକ୍ଷା ଉଦ୍ଦିଷ୍ଟ ଥିବା କଥା କୁହାଯାଇଥିଲା ।

ଆମେରିକା ପ୍ରତିରକ୍ଷା ଅଧ୍ୟୟନ ସଂସ୍ଥାର ଅଧ୍ୟକ୍ଷ ପଲ୍ କ୍ରେସ୍‌ପୋ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ ନିକଟରେ ଆମେରିକା ଏବଂ କାନାଡାର ଜାତୀୟ ଆକାଶ ସୀମାକୁ ଅତିକ୍ରମ କରିପାରିଥିବା ଚୀନର ବେଲୁନ ସାହାଯ୍ୟରେ ଆକ୍ରମଣ ପାଇଁ ଏହା ଅଭ୍ୟାସ ମାତ୍ର ରହିଥିଲା । ପୂର୍ବରୁ ଚୀନ ପକ୍ଷରୁ ହାଇପରସୋନିସ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା ହେବା ବେଳେ ତାହା ଚୀନର ଆକାଶ ସୀମାରେ ହୋଇଥିଲା । ଇପୋକ୍ ଟାଇମ୍ସକୁ ନିଜର ପ୍ରତିକ୍ରିୟା ପ୍ରଦାନ କରି କ୍ରେସ୍‌ପୋ କହିଛନ୍ତି ଯେ, ଆମେରିକା ଉପରକୁ ଉଚ୍ଚାକାଶରେ ଉଡିବାକୁ ସକ୍ଷମ ଏହିପରି ଗୋଟିଏ କିମ୍ବା ଅଧିକ ବେଲୁନ ସହ ଛୋଟ ଆଣବିକ ଇଏମ୍‌ପି (ଇଲେକ୍ଟ୍ରୋ ମ୍ୟାଗନେଟିକ୍ ପଲ୍ସ ) ସାହାଯ୍ୟରେ ଆକ୍ରମଣ ହେବାର ଆଶଙ୍କା ରହିଛି । କେବଳ ଏତିକି ନୁହେଁ ଉଚ୍ଚାକାଶରୁ ସେମାନେ ବିନା ଗୁଳିରେ ଏହି ବେଲୁନ ସାହାଯ୍ୟରେ ଆମେରିକାର ଯୋଗାଯୋଗ ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ବର୍ଷାଧିକ କାଳ ପାଇଁ ନଷ୍ଟ କରିଦେବାକୁ ସକ୍ଷମ ହେବା ସହ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିପାରିବେ । କାରଣ ଆମେରିକାର ବାଇଡେନ ପ୍ରଶାସନ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାର ସୁରକ୍ଷାଗତ ସଂକ୍ରାନ୍ତରେ ବିଶେଷ ସଚେତନ ନଥିବା ହେତୁ ଏପରି ଆକ୍ରମଣ ହେବା କିଛି ବଡ କଥା ନୁହେଁ ବୋଲି କୁହାଯାଉଛି । ମହାକାଶରୁ ସ୍ଥଳଭାଗ ଉପରେ ଆକ୍ରମଣ ସଂକ୍ରାନ୍ତରେ ଜୁଲାଇ ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ଇଏମ୍‌ପି ଟାସ୍କଫୋର୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ଦାୟିତ୍ୱରେ ଥିବା ତତ୍‌କାଳୀନ ଅଧିକାରୀ ଡକ୍ଟର ପିଟର ଭିନସେଣ୍ଟ ପ୍ରି ତାଙ୍କର ଏକ ରିପୋର୍ଟରେ ଜାତୀୟ ଏବଂ ପ୍ରାଦେଶିକ ସୁରକ୍ଷା ବିଷୟରେ ଉଲ୍ଲେଖ କରି ପ୍ରକାଶ କରିଥିଲେ ଯେ ଚୀନରୁ ପ୍ରକାଶିତ ପ୍ରତିରକ୍ଷା ସଂକ୍ରାନ୍ତୀୟ ଅନେକ ଲେଖାରେ ଆମେରିକା ବିରୁଦ୍ଧରେ ଉଚ୍ଚାକାଶରୁ ବିସ୍ଫୋରଣ କରି ଗାମାରଶ୍ମିର ବିକିରଣ ଦ୍ୱାରା ସ୍ଥଳଭାଗରେ କାର୍ଯ୍ୟରତ ସଂଚାର ଏବଂ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାକୁ ନଷ୍ଟ କରିବା ପାଇଁ ହେଉଥିବା ଆଲୋଚନା ନିଶ୍ଚିତ ରୂପେ ଆମେରିକା ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତି ବୋଲି ବୁଝିବାକୁ ହେବ । କାରଣ ଆମେରିକା ପ୍ରତିରକ୍ଷା ବିଭାଗର ବିଶେଷଜ୍ଞଙ୍କ କହିବାନୁସାରେ ଆମେରିକାର ପୂର୍ବ ଉପକୂଳରେ ଇଏମ୍‌ପି ଦ୍ୱାରା ଆକ୍ରମଣ ହେଲେ ଗୋଟିଏ ବର୍ଷ ଭିତରେ ୯୦ ପ୍ରତିଶତ ଜନସଂଖ୍ୟାକୁ ଧ୍ୱଂସ କରାଯାଇପାରିବ ଏବଂ ସେହି ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାକୁ ଠିକ୍ କରିବାକୁ ୧୮ମାସ ସମୟ ଲାଗିବ । ଏହି ପରିସ୍ଥିତିରେ ୯୯ ଆଣବିକ ରିଆକଟର ଥଣ୍ଡା ହେବା ପାଇଁ ବିଦ୍ୟୁତ ନପାଇ ତରଳିଯିବେ । ଆଣବିକ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଅଞ୍ଚଳର ୪୧ଲକ୍ଷ ଲୋକଙ୍କୁ ବାସଚ୍ୟୁତ ହେବାକୁ ପଡିବ ।

ଦେଖିବାକୁ ଗଲେ କେବଳ ଚୀନ ଯେ ଉଚ୍ଚାକାଶ ବେଲୁନ ଆକ୍ରମଣ କଥା ଏକାକୀ ଚିନ୍ତା କରୁଛି ତା ନୁହେଁ । ଆମେରିକା ସମେତ ଅନେକ ରାଷ୍ଟ୍ର ଏ କ୍ଷେତ୍ରରେ ଗୋପନରେ ସେମାନଙ୍କ ଗବେଷଣା ଜାରି ରଖିଛନ୍ତି । ଉଚ୍ଚାକାଶର ୨୩୦୦୦ ଫୁଟରୁ ୬୬୦୦୦ ଫୁଟ ମଧ୍ୟରେ ସଂଖ୍ୟାଧିକ ଡ୍ରୋନ ସାହାଯ୍ୟରେ ମଧ ଶତ୍ରୁପକ୍ଷ ଉପରେ ଆକ୍ରମଣ ପାଇଁ ଯୋଜନା ହେଉଛି । ଶତ୍ରୁପକ୍ଷର ନିରୀକ୍ଷଣକାରୀ ଗୁଇନ୍ଦା ଉପକରଣ, ହାଇପରସୋନିକ ଅସ୍ତ୍ର ଉପରେ ନଜର ରଖିବାଲାଗି ଯୁକ୍ତରାଷ୍ଟ୍ର ଆମେରିକାର ପ୍ରତିରକ୍ଷା ବିଭାଗ ଲକ୍ଷ ଲକ୍ଷ କୋଟି ଡଲାର ବେଲୁନ ପ୍ରସ୍ତୁତି ଏବଂ ଉଡାଣ ପାଇଁ ଖର୍ଚ୍ଚ କରୁଛି । ତେବେ ଚଳିତମାସ ୧୦ ଫେବୃଆରୀ ଦିନ ବାଇଡେନ ପ୍ରଶାସନ ପକ୍ଷରୁ ଚୀନର ଗୁଇନ୍ଦା ତଥ୍ୟ ସଂଗ୍ରହକାରୀ ବେଲୁନ ସଂପର୍କରେ ସୂଚନା ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି ଯେ ଚୀନ ଦ୍ୱାରା ଯେଉଁସବୁ ବେଲୁନଗୁଡିକୁ ୫ଟି ଉପମହାଦେଶର ୪୦ଟି ଦେଶ ଉପରେ ଉଡି ତଥ୍ୟ ସଂଗ୍ରହ ପାଇଁ ଛଡାଯାଇଥିଲା, ଏହି ବେଲୁନ ତନ୍ମଧ୍ୟରୁ ଗୋଟିଏ । ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେସନ ଦ୍ୱାରା ପରିଚାଳିତ ଭର୍ଜିନିଆର କ୍ୟାଣ୍ଟିକୋ ପରୀକ୍ଷାଗାରରେ ଚୀନା ବେଲୁନର ପରୀକ୍ଷା କରାଯାଇଥିଲା । ଏହିପରି ଏକ ବେଲୁନ ଗତ ୩୧ ଡିସେମ୍ବର ୨୦୨୨ଦିନ ତାଇୱାନର ଚେଙ୍ଗ୍‌ଚେନ୍‌ଫେଙ୍ଗ୍ (ନାନ୍‌ତୋଉ)ଠାରେ ଉଡୁଥିବା ଅବସ୍ଥାରେ ଗୁଳିକରି ଖସାଯାଇଥିଲା । ତେବେ ଏହି ବିଷୟକୁ ନେଇ ଆମେରିକାର ସଂସଦରେ ଏବେ ଢେର ତୁମ୍ବିତୋଫାନ ହୋଇଛି । ଚୀନ ପକ୍ଷରୁ ଏହି ବେଲୁନ ଆକ୍ରମଣ ପାଇଁ ଜାପାନ ଓ ଭାରତ ଟାର୍ଗେଟରେ ଥିବାରୁ ଭାରତ ସରକାର ଏବେଠୁ ସତର୍କ ହେବା ଜରୁରୀ ।

ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ଗୋପବନ୍ଧୁ ଦୀନବନ୍ଧୁ

II ବାଦଲ ଭୂୟାଁ II

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଉତ୍କଳମାତାର ଯୋଗ୍ୟତମ ସନ୍ତାନ । ସମାଜ ସେବା କ୍ଷେତ୍ରରେ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ । ତୁଳସୀ ଦୁଇ ପତ୍ରରୁ ବାସିବା ପରି ଗୋପବନ୍ଧୁଙ୍କ ସେବା ମନୋବୃତ୍ତିର ପରିପ୍ରକାଶ ପିଲାଟି ଦିନରୁ ଘଟିଥିଲା । ଗୋପବନ୍ଧୁ ଥିଲେ ରୂପାଦେଇପୁର ଭର୍ଣ୍ଣାକୁଲାର ସ୍କୁଲର ଛାତ୍ର । ଏକଦା ସ୍କୁଲ ପଣ୍ଡିତଙ୍କ ଦେହ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କ ପାଇଁ ଲେମ୍ବୁଟିଏ ଯୋଗାଡ଼ କରିବାକୁ ଗୋପବନ୍ଧୁ ଭାର୍ଗବୀ ନଦୀର ଖଇଫୁଟା ବାଲି ଉପରେ ଚାଲିଥିଲେ । ପଣ୍ଡିତଙ୍କୁ ଲେମ୍ବୁ ପାଣି ପିଆଇବା ପରେ ପଣ୍ଡିତ ସେଦିନ କହିଥିଲେ 'ଗୋପ ଦିନେ ଭାରି ବଡ଼ ଲୋକ ହେବ । ଦୀନ, ଦୁଃଖୀ, ଦରିଦ୍ରଙ୍କ ସେବାରେ ଜୀବନ ଉତ୍ସର୍ଗ କରିବ ।' ପଣ୍ଡିତଙ୍କ କଥା ସତ ହେଲା । ଦୀନ, ଦୁଃଖୀଙ୍କ ସେବାରେ ଗୋପବନ୍ଧୁ ସଳିତା ଭଳି ଆଜୀବନ ଜଳିଥିଲେ ଏବଂ ପାଲଟିଯାଇଥିଲେ ସମଗ୍ର ଉତ୍କଳର ତ୍ରାଣକର୍ତ୍ତା । ଗୋପବନ୍ଧୁ କେବଳ ଜନସେବକ ନଥିଲେ; ଏକାଧାରରେ ସେ ଦେଶପ୍ରେମୀ, ସଂଗଠକ, ସଂସ୍କାରକ, ସାହିତ୍ୟିକ ଓ ବାଗ୍ମୀ ଥିଲେ । ୧୯୦୯ରେ ପ୍ରତିଷ୍ଠା କରିଥିଲେ ସାକ୍ଷୀଗୋପାଳ ବନ ବିଦ୍ୟାଳୟ । ଏହାଥିଲା ଆଦର୍ଶ ମାନବ ନିର୍ମାଣ କାରଖାନା । ୧୯୨୧ରେ ମହାତ୍ମା ଗାନ୍ଧୀ ପ୍ରଥମ ଥର ଓଡ଼ିଶା ଆସିଥିବାବେଳେ ବନ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ପରେ ସେ ୟଙ୍ଗ ଇଣ୍ଡିଆରେ ଲେଖିଥିଲେ ଏ ଭଳି ନିଷ୍ପାପର ଶିକ୍ଷକ ଓ ଛାତ୍ର ଯଦି ଦେଶରେ ସୃଷ୍ଟି ହୁଅନ୍ତେ, ତେବେ ବର୍ଷକ ମଧ୍ୟରେ ସ୍ୱରାଜ୍ୟ ଲାଭ କରିବା କିଛି ବିସ୍ମୟକର କଥା ନୁହେଁ ବୋଲି ମୋର ବିଶ୍ୱାସ । ଗୋପବନ୍ଧୁ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ବିନ୍ଧାଣି । ବୈଜ୍ଞାନିକ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଗୋପବନ୍ଧୁଙ୍କୁ ଉତ୍କଳମଣି ଉପାଧି ଦେଇଥିଲେ । ଗୋପବନ୍ଧୁଙ୍କ ପ୍ରସିଦ୍ଧ ସାରସ୍ୱତ ସୃଷ୍ଟି ମଧ୍ୟରୁ ବନ୍ଦୀର ଆତ୍ମକଥା, ଧର୍ମପଦ, କାରା କବିତା, ଗୋ-ମାହାତ୍ମ୍ୟ, ନଚିକେତା ଉପାଖ୍ୟାନ, ଅବକାଶ ଚିନ୍ତା ଅନ୍ୟତମ । ୧୮୭୭, ଅକ୍ଟୋବର ୯ ତାରିଖ ଦିନରେ ସାକ୍ଷୀଗୋପାଳ ଥାନା ଅନ୍ତର୍ଗତ ସୁଆଣ୍ଡୋ ଗ୍ରାମରେ ଜନ୍ମ ହୋଇଥିଲେ ଓଡ଼ିଶାର ମଉଡମଣି ଗୋପବନ୍ଧୁ ଦାସ ।

ଓଡ଼ିଶାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଥିଲା ଉତ୍କଳ ପ୍ରାଣ ଗୋପବନ୍ଧୁଙ୍କ କର୍ମ ଓ ତ୍ୟାଗର କ୍ଷେତ୍ର । ଓଡ଼ିଆ ଭାଷା ଆଜି ଏଠାରେ ଦ୍ୱିତୀୟ ରାଜ୍ୟ ଭାଷାର ମର୍ଯ୍ୟାଦା ପାଇଛି । ଉତ୍କଳମଣିଙ୍କ ପ୍ରଧାନ ଓ ପ୍ରଥମ କର୍ମଭୂମି ଥିଲା ସିଂହଭୂମ । କଟକ, ପୁରୀ, ବାଲେଶ୍ୱର ଅଞ୍ଚଳରେ ୧୯୨୦ ପର୍ଯ୍ୟନ୍ତ ସେଥିଲେ ଜଣେ ସମାଜସେବୀ । ଗାଁ ଗାଁ ବୁଲି ବଢ଼ି, ମରୁଡ଼ି ସମୟରେ ସ୍ୱେଚ୍ଛାସେବୀ ମାନଙ୍କୁ ଧରି ଚୁଡ଼ା, ଚାଉଳ ବାଣ୍ଟୁଥିଲେ । ସିଂହଭୂମର ଚକ୍ରଧରପୁର ଠାରେ ତାଙ୍କ ରାଜନୈତିକ ଜୀବନର ଆରମ୍ଭ ହୋଇଥିଲା କହିଲେ ଭୁଲ ହେବନାହିଁ । ଏଠାରେ ହୋଇଥିବା ଉତ୍କଳ ସମ୍ମିଳନୀ ଅଧିବେଶନରେ ସେ ସମୟର ରାଜନେତା ମାନଙ୍କୁ ବିରୋଧ ଏଇ ସିଂହଭୂମ ମାଟିରୁ କରିଥିଲେ । କଂଗ୍ରେସ ଦଳର ବାର୍ତ୍ତାକୁ ପ୍ରଚାର ପ୍ରସାର କରି ସେ ସମୟର ନେତା ମାନଙ୍କ ଭିତରେ ମଧ୍ୟରେ ହୋଇପାରିଥିଲେ ଅଗ୍ରଣୀ । ଗୋପବନ୍ଧୁଙ୍କ ଅତି ଆଦରର କର୍ମପୀଠ ସିଂହଭୂମ ଓଡ଼ିଆ ଜାତି ପାଇଁ ଏକ ତୀର୍ଥ ଭୂମିଠୁଁ କମ ନଥିଲା । ୧୯୨୩ ବେଳର କଥା । ସେ ସମୟରେ ଜମିଦାର ମାନଙ୍କର ସେପରି ଆଟବାଟ ନଥାଏ । ନାମ ଓ ସଞ୍ଜ୍ଞା ସାର ହୋଇ ରହିଯାଇଥିଲେ ରାଜ ପରିବାର, କର୍ପୁର ଉଡିଯାଇ କନା ପଡ଼ି ରହିଥିବା ପରି କଥା । ନାଁ ଥିଲା ଅର୍ଥର ପ୍ରାବଲ୍ୟ ନାଁ କ୍ଷମତା, ପ୍ରତିପତ୍ତି । ଇଂରେଜ ମାନଙ୍କ କଡ଼ା ଶାସନ ଫଳରେ ଜମିଦାର ମାନଙ୍କର ଗୌରବ, ଗାଥା ସବୁ ଅସ୍ତମିତ ହୋଇ ଆସିଥିଲା । ୧୯୧୨ ମସିହାରେ ବିହାର ସହିତ ଏ ଅଞ୍ଚଳକୁ ମିଶେଇ ଦେବା ଫଳରେ ଓଡ଼ିଆ ଭାଷା, କଳା, ସଂସ୍କୃତି ସୁବ ଲୋପ ପାଇବା ଉପରେ ଥିଲା । କେରା ଆସି ଗୋପବନ୍ଧୁ ଦେଖିଲେ ବିହାରୀମାନେ ଓଡ଼ିଆ ଭାଷାର କଣ୍ଠରୋଧ କରିବା ପାଇଁ ଯେଉଁ ପ୍ରପଞ୍ଚ ଚଳେଇଛନ୍ତି ଜମିଦାର ଠାକୁର ଲକ୍ଷ୍ମୀ ନାରାୟଣଙ୍କଠୁ ଶୁଣି ସେ ସ୍ତବ୍ଧ ହୋଇଯାଇଥିଲେ । ଓଡ଼ିଆ ମାରଣ ନୀତି ତାଙ୍କ ମନ ମଗଜକୁ ଦଗ୍ଧ କରିଦେଇଥିଲା । ସିଂହଭୂମର ବିସ୍ତୃତି ଅଞ୍ଚଳ ଭ୍ରମଣ କରି, ଚାଇବସା, ଚକ୍ରଧରପୁର, ପୋଡାହାଟ, ଷଡ୍ରେଇକଳା, ଖରସୁଆଁ ଓ ବହଳାଗୋଡ଼ାର ପଞ୍ଚରୁଲିଆ, ଚୟନପୁର, ଆନନ୍ଦପୁର, ଧଳଭୂମ ଆଦି ଅଞ୍ଚଳକୁ ଆସି ସେଠାକାର ବିଶିଷ୍ଟ ଓଡ଼ିଆ ମାନଙ୍କ ସହିତ ସମନ୍ୱୟ ରକ୍ଷା କରି କିପରି ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ହୋଇପାରିବ ତାର ସରଜମିନ ତଥ୍ୟ ଗ୍ରହଣ କରି ଉପରସ୍ଥ ବ୍ରିଟିଶ ଶାସକ ମାନଙ୍କୁ ବୁଝାଇ ଥିବାର କଥା ନଜରକୁ ଆସେ ।

ୟୁରୋପରେ ବିଶ୍ୱଯୁଦ୍ଧ ଲାଗି ରହିଥିଲା ବେଳେ ସେ ଏଠାରେ ପଇସିକିଆ ଫଣ୍ଡର ଅବଧାରଣା ଆରମ୍ଭ କରିଥିଲେ । କାରଣ ତାଙ୍କ ଦ୍ୱାରା ସ୍ଥାପିତ ଓଡ଼ିଆ ବିଦ୍ୟାଳୟ ସବୁ ଅର୍ଥ ଅଭାବରୁ ବନ୍ଦ ହୋଇନଯାଉ । ୧୭.୧୧.୧୯୨୭ ତାରିଖ ସମାଜରେ ସେ ଲେଖିଥିଲେ ଅର୍ଥ ଅଭାବପରୁ ସିଂହଭୂମ, ଫୁଲଝର ପ୍ରଭୃତି ସ୍ଥାନରେ କରାଯାଇଥିବା ଓଡ଼ିଆ ସ୍କୁଲ ଗୁଡ଼ିକ ଏତେ ବେଳକୁ ଭାଙ୍ଗିଗଲାଣି । ମୁଁ ସେଥିରେ ମର୍ମାହତ । ୧୯୨୨ ପରେ ଗୋପବନ୍ଧୁ ସିଂହଭୂମ ଆଡ଼କୁ ଆଉ ପ୍ରାୟ ଆସି ନାହାନ୍ତି । ତଥାପି କଟକ, ପୁରୀ ଆଦି ଅଞ୍ଚଳରେ ରହି ମଧ ସେ ସିଂହଭୂମ ଓଡ଼ିଆ ଆନ୍ଦୋଳନ ପ୍ରତି ଆନ୍ତରିକ ଦୃଷ୍ଟି ରଖିଥିଲେ । ଏ ବିଷୟରେ ୨୨.୧୧.୧୯୨୭ ସଂଖ୍ୟା ସମାଜରେ ପ୍ରକାଶିତ ।

ସିଂହଭୂମର ବିଶିଷ୍ଟ କବି ଦିଲ୍ଲୀପ ଷଡ଼ଙ୍ଗୀ, ଦେବାନନ୍ଦ ବଟ କବିତାରେ ଗୋପବନ୍ଧୁଙ୍କ ବିଷୟରେ ଲେଖିଥିଲେ, କଟକ ଠୁ ଶହ ଶହ ମାଇଲ ଏ ପାରେ, ଏଇ ସିଂହଭୂମରେ ଯେବେ ଥାପେ ତୁମ ଘଟ, ପୂଜା ପାଇଁ ତୁମରି କଳସ, ଜଣେ ମତେ ପ୍ରଶ୍ନ କଲେ କିଏ ଥିଲେ ଗୋପବନ୍ଧୁ ଦାସ ? ଜଣେ ସମ୍ବାଦିକ ଗୋପବନ୍ଧୁ ଶତ ବାର୍ଷିକ ପାଳିତ ପାଳନ ଅବସରରେ ପଚାରିଥିବା ପ୍ରଶ୍ନ ଗୋପବନ୍ଧୁ କିଏ ଥିଲେ ? ଉତ୍ତରରେ କବି ଦିଲ୍ଲୀପ ଷଡ଼ଙ୍ଗୀ ଏକଥା ଲେଖିଥିଲେ । ଆଜି ପ୍ରବାସର ଏହି ସୁଦୂର ଝାଡ଼ଖଣ୍ଡର ଟାଟାନଗରରେ ପ୍ରବାସୀ ଓଡ଼ିଆ ମାନଙ୍କ ସହିତ ଗୋପବନ୍ଧୁଙ୍କ ଜୟନ୍ତୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହେଉଛି ।

୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,

# ନକାରାତ୍ମକ ବ୍ୟବହାର ଅବସାଦର କାରଣ

II ଡାକ୍ତର ସମ୍ରାଟ କର II

ସୂର୍ଯ୍ୟପ୍ରକାଶ ବହୁ ଦିନ ପରେ ଫୋନ କରି ତାଙ୍କ ବ୍ୟସ୍ତତା ଜଣାଇଲେ । ତାଙ୍କ ସାନ ଭାଇ ବେଳେ ବେଳେ ଉତ୍ତେଜିତ ହୋଇ ଅନ୍ୟମାନଙ୍କ ପ୍ରତି ବିରକ୍ତିକର ମନ୍ତବ୍ୟ ଦେବା ସହ ଉତ୍ତେଜିତ ହୋଇ ହିଂସାତ୍ମକ କାର୍ଯ୍ୟକଳାପ କିଛି କରିଦେଉଛି । ଯାହାଫଳରେ ତାହା ବ୍ୟକ୍ତିଗତ ଜୀବନ ଓ କର୍ମମୟ ଜୀବନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇସାରିଲାଣି । ମୁଁ ତାଙ୍କ ବ୍ୟସ୍ତତା ସବୁ ଜାଣି କହିଲି ବାସ୍ତବରେ ଏହା ହେଉଛି, ଅନ୍ୟର କ୍ଷତି କରୁଥିବା ନକାରାତ୍ମକ ବ୍ୟବହାର କିମ୍ବା କଥାକୁ ମନୋବିଜ୍ଞାନରେ ଟକ୍ସିକ ବିହେଭିୟର ବୋଲି କୁହାଯାଉଛି । ଏହାଦ୍ୱାରା ଭାବନାତ୍ମକ ଭାବେ ଜଣେ ବ୍ୟକ୍ତି ଆହାତ ହୋଇଥାଏ । ଯାହାକି ମାନସିକ ସ୍ତରରେ ଅସନ୍ତୁଳନ ସୃଷ୍ଟି କରେ । ଏହି ଟକ୍ସିକ ବିହେଭିୟରର ଅନେକ ପ୍ରକାର ହୋଇଥାଏ । ଯଥା କାହାକୁ ଧମକାଇବା, ଉକ୍ତ ବ୍ୟକ୍ତିର ଭାବନାକୁ ଆଘାତ ଦେବା, ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ମନ୍ତବ୍ୟ ଦେବା, ଅନ୍ୟର ଆଚରଣକୁ ତାଚ୍ଛଲ୍ୟ କରି କହିବା, ଅତ୍ୟଧିକ ରାଗିଯାଇ କାହାକୁ ଆକ୍ରମଣ କରିବା ଇତ୍ୟାଦି । ଏଭଳି ବ୍ୟବହାର ଦ୍ୱାରା ପୀଡ଼ିତ ଥିବା ବ୍ୟକ୍ତିର ଭାବନାତ୍ମକ ସ୍ୱାସ୍ଥ୍ୟ ଗଭୀର ଭାବେ ପ୍ରଭାବିତ ହୋଇଥାଏ, ଯାହାକି ଚିନ୍ତା, ଅବସାଦ, ଏଙ୍ଗଜାଇଟି ଏବଂ ନିଜ ପ୍ରତି ହୀନମନ୍ୟତା ଭାବ ସୃଷ୍ଟି କରେ । ଏହା କେବଳ ପୀଡ଼ିତ ବ୍ୟକ୍ତିଙ୍କ କ୍ଷେତ୍ରରେ ନୁହେଁ, ଟକ୍ସିକ ବ୍ୟବହାର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ମାନସିକ ସ୍ୱାସ୍ଥ୍ୟକୁ ମଧ କ୍ଷତି ପହଞ୍ଚାଇ ଥାଏ ବୋଲି ଏବେ ଏକ ନୂତନ ପରୀକ୍ଷଣରୁ ଜଣାପଡ଼ିଛି । କାରଣ ସବୁବେଳେ ଏଭଳି ବ୍ୟବହାର କରିବା ଦ୍ୱାରା ମସ୍ତିଷ୍କରେ ଏକ ନକାରାତ୍ମକ ଭାବନାର ଏକ ଫିଡବ୍ୟାକ ସଂଗୃହୀତ ହୋଇରହିଥାଏ । ଏହା ଧୀରେ ଧୀରେ ମସ୍ତିଷ୍କର ଦକ୍ଷତା ଉପରେ ପ୍ରଭାବ ପକାଏ ଏବଂ ଅସୁସ୍ଥ ମସ୍ତିଷ୍କ ଦ୍ୱାରା ଶାରୀରିକ କାର୍ଯ୍ୟପ୍ରଣାଳୀରେ ଅସନ୍ତୁଳନ ଦେଖାଯାଏ । ଉକ୍ତ ବ୍ୟକ୍ତିଙ୍କ ଠାରେ ଅବସାଦ, ଚିନ୍ତା, ଚିଡ଼ଚିଡ଼ାପଣ ଏବଂ ହାଇପରସେନ୍ସିଟିଭିଟି ଦେଖାଯାଏ । ଅନ୍ୟମାନଙ୍କ ସହ ଦୁର୍ବ୍ୟବହାର କରିବା ଦ୍ୱାରା ସେଲଫ ଓର୍ଥ, ବା ଆତ୍ମସମ୍ମାନ ମଧ ହାନି ହୋଇଥାଏ । ଏହା ଯୋଗୁଁ ନିଜ ଭିତରେ ଲଜ୍ୟାବୋଧ, ଅପରାଧ ଭାବନା ଓ ଆତ୍ମ ସନ୍ଦେହର ଭାବନା ଅନୁଭୂତ ହୋଇଥାଏ । ଟକ୍ସିକ ବିହେଭିୟର ଯୋଗୁଁ ନିଜ ଭିତରେ ଅଧିକ ଦିନ ପର୍ଯ୍ୟନ୍ତ ନିଜ ଭିତରେ ଏକ ନିରାଶାବୋଧ ମଧ ଅନୁଭୂତ ହୋଇଥାଏ । ଟକ୍ସିକ ବିହେଭିୟର ପ୍ରଦର୍ଶନ କରୁଥିବା ବ୍ୟକ୍ତିଙ୍କ ସହିତ କେହି ମିଶିବାକୁ ପସନ୍ଦ କରନ୍ତି ନାହିଁ । ତେଣୁ ସେମାନେ ଧୀରେ ଧୀରେ ଏକୁଟିଆ ହୋଇଯାନ୍ତି, ଯାହାଦ୍ୱାରା ସେମାନେ ଅବସାଦଗ୍ରସ୍ତ ହୋଇ ଆତ୍ମହତ୍ୟା କରିବାକୁ ମଧ ପଛାଇ ନଥାନ୍ତି । ଟକ୍ସିକ ବିହେଭିୟରର କୌଣସି ଲକ୍ଷଣ ଜଣାପଡୁ ନଥିଲେ ଅନ୍ୟମାନଙ୍କ ସହିତ କିଭଳି ବ୍ୟବହାରକୁ ଟକ୍ସିକ କୁହାଯାଏ ତାହାର କିଛି ନିର୍ଦ୍ଦିଷ୍ଟ ତଥ୍ୟ ରହିଛି । ଯଥା ଅନ୍ୟ କାହାର ବ୍ୟବହାର, ବିଚାର ଓ ଭାବନା ସହିତ ଖେଳିବା କିମ୍ବା ନିଜର କର୍ତ୍ତୃତ୍ୱ ଜାହିର କରିବା, ନିଜ ତ୍ରୁଟି ପାଇଁ ସବୁବେଳେ ଅନ୍ୟମାନଙ୍କୁ ଦୋଷ ଦେବା, ନିଜର ଭୁଲ ମାନିବାକୁ ସବୁବେଳେ ମନା କରିବା, ନିଜର କାମ ପାଇଁ ଅନ୍ୟମାନଙ୍କ ଉପରେ ଲଦି ଦେବା, ଅନ୍ୟ ସହିତ ଛଳକପଟ କରିବା, ଅନ୍ୟମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ ନକରିବା, ଅନ୍ୟର ଭାବନାକୁ ଆଘାତ କରିବା, ଅନ୍ୟମାନଙ୍କ ପ୍ରତି ଗାଳି ବା ଅପଶବ୍ଦ ବ୍ୟବହାର କରିବା କିମ୍ବା ହାଥ ଉଠାଇବା ଇତ୍ୟାଦି ଟକ୍ସିକ ବିହେଭିୟର ଅନ୍ତର୍ଗତ । ତେଣୁ ଏଭଳି ଦୁର୍ବ୍ୟବହାର କରିବାର ମନୋବୃତ୍ତିକୁ ପରିବର୍ତ୍ତନ କରିବା ନିତାନ୍ତ ଆବଶ୍ୟକ । କାରଣ ଏହା ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ।

ଏ କ୍ଷେତ୍ରରେ ଲୋକଟିର ପାଖ ଲୋକମାନଙ୍କର ଗୁରୁଦାୟିତ୍ୱ ରହିଛି । ସେମାନେ ସବୁବେଳେ ପୀଡ଼ିତ ଜଣଙ୍କ ପ୍ରତି ବିରକ୍ତିକର ବ୍ୟବହାର ନଦେଖାଇ ଉତ୍ତମ ବ୍ୟବହାର ସହ ତାଙ୍କ ପାଇଁ ଏକ ଭଲ ରୁଟିନ ଜୀବନ ତିଆରି କରନ୍ତୁ । ତାଙ୍କ ଖାଇବା, ବିଶ୍ରାମ ଓ କର୍ମବ୍ୟସ୍ତତା ସମ୍ପର୍କରେ ମଧ ସଚେତନ ରୁହନ୍ତୁ । ଅଧିକ କୌଣସି ସମସ୍ୟା ଦେଖାଗଲେ ବା ପରିସ୍ଥିତି ଜଟିଳ ଅନୁଭବ କଲେ ତୁରନ୍ତ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

## ବୋହିଗଲା ପୋଲ ସାଇଡ ଓ୍ବାଲ୍ ଠିକା ସଂସ୍ଥାର କାର୍ଯ୍ୟ ଶୈଳୀକୁ ନେଇ ପ୍ରଶ୍ନବାଚୀ



ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ବଂଶାଜାଲ ପଞ୍ଚାୟତ ଅନ୍ତର୍ଗତ ବଂଶାଜାଲ ଠାରୁ ଚାରମାଳ ରାସ୍ତାରେ ଥିବା ମୁଗପାଲ ନାଳ ପୋଲର ଉଭୟ ସାଇଡ ଓ୍ବାଲ୍ ସହ ଧସିଗଲା ପୋଲ । ପୋଲ ନିର୍ମାଣ ର ଏକ ବର୍ଷ ମଧ୍ୟରେ ଭାଙ୍ଗି ପଡ଼ିଲା ସାଇଡ ଓ୍ବାଲ୍ । ବହୁବାର ଏହା ଧସି ଖାଲ ସୃଷ୍ଟି ହୋଇଥିବା ବେଳେ ଠିକା ସଂସ୍ଥା ତଥା ବିଭାଗିୟ ଅଧିକାରୀ ଙ୍କ ଅବହେଳା ଯୋଗୁଁ ନୁତନ ନିର୍ମାଣ ଜାଗାରେ ଏହା ବର୍ଷାରେ ଧୋଇନେବା ଭୟରେ କାଠ ଠେକା ଦେଇ ସାଇଡ ଓ୍ବାଲ୍ କୁ ଅଟକାଇବା ଚେଷ୍ଟା ମଧ୍ୟ ବିଫଳ ହେଲା । ଚଳିତ ବର୍ଷ ଲଗାଣ ବର୍ଷାରେ ମଧ୍ୟ ଆଗ ଭଳିଆ ପୁଣି ପୋଲର ଦୁଇ ମୁଣ୍ଡରୁ ଦବି ସାଇଡ ଓ୍ବାଲ୍ ଭାଙ୍ଗି ଖାଲ ସୃଷ୍ଟି ହୋଇଛି । ଯାହା ଫଳରେ ଏହା ଉପରେ ମୋ ବସ୍ ତଥା ଅନ୍ୟ ସବୁ ବଡ଼ବଡ଼ ଗାଡ଼ି ଜିବା ଆସିବା ପାଇଁ ବିପଦପୂର୍ଣ୍ଣ ସାଜିଛି । ଏବଂ ଏହା ଯୋଗୁଁ ମୋବସ୍ କି ଅନ୍ୟ ଗାଡ଼ି ଜିବା ଆସିବା ବନ୍ଦ କରିଦେଇଥିବା ସ୍ଥାନୀୟ ଲୋକେ କହିଛନ୍ତି । ସବୁଠାରୁ ବଡ଼କଥା ପୋଲ ନିର୍ମାଣ ର ବର୍ଷେ ନପୁରୁଣୁ ଏହାର ଅବସ୍ଥା ସେ ସମୟରୁ ଲୋକେ ଦେଖି ଆସୁଛନ୍ତି ହେଲେ ମଧ୍ୟ ଠିକା ସଂସ୍ଥା ଏହାକୁ ପ୍ରତିବର୍ଷ ମାଟି ବାଲି ବା କାଠ ଠେକା ଦେଇ କାମଚଳା ମରାମତି କରି ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି ? । ଯାହା ଫଳରେ ପ୍ରତି ବର୍ଷ ଏହା ଧସିଯାଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ହେଲେ ଚଳିତ ବର୍ଷ କାଠ ଗଣ୍ଡି ଠେକାରେ ଚାଲିଥିବା ଠିକାଦାରଙ୍କ ଅସଲ ଚେହେରା ପଦାରେ ! ପଡ଼ିଲା । ମୁଗପାଲ ନାଳ ପୋଲର ଉଭୟ ପାର୍ଶ୍ୱରେ ବିରାଟ ଖାଲ, ଉଚ୍ଚସ୍ତରୀୟ ତଦନ୍ତ ଦାବି ପିଚୁ ସହ ବାଲି ଭାସିଯାଇ ପୋଲର ଦୁଇପଟେ ସୃଷ୍ଟି ହୋଇଛି ବିରାଟ ବିରାଟ ଖାଲ, ଯାହା ଫଳରେ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ପୋଲର ସିମେଣ୍ଟ ସାଇଡ୍ ଓ୍ୱାଲ୍ ଦୁର୍ବଳ ହୋଇ ଧସିବା ଆରମ୍ଭ କରିବା ପରେ ଠିକା ସଂସ୍ଥା ଏହାକୁ ମରାମତି କରିବା ପରିବର୍ତ୍ତେ କାଠ ଗଣ୍ଡି ଓ କାଠ ବାଡ଼ ଦେଇ ଅଟକାଇବାକୁ ଚେଷ୍ଟା କରିଥିଲା । ସିମେଣ୍ଟ ନିର୍ମାଣକୁ କାଠ ଗଣ୍ଡିରେ ଟେକି ରଖିବା ପରି ଠିକା ସଂସ୍ଥାର ଏହି ଅଭିନବ ଉପାୟ ମଧ୍ୟ ବର୍ଷା ପାଣି ଆଗରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି । ଠିକାଦାରଙ୍କ ଏଭଳି ବେପରୁଆ ନିର୍ମାଣ ଓ ନିମ୍ନମାନର କାମକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷର ନିଆଁ ଜଳୁଛି । ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ପୂର୍ବରୁ ତୁରନ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀ ଠିକାଦାର ଓ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନୂତନ ପୋଲ ନିର୍ମାଣ ପାଇଁ ଦାବି ହୋଇଛି ।

## ଭୁବନପଲ୍ଲୀ ପଞ୍ଚାୟତ ଠାରେ କୋୟା ସମାଜ କମିଟିର ପୁନର୍ଗଠନ



ମାଲକାନଗିରି, (ମହାଭାରତ) : କାଲିମେଳା ବ୍ଲକ୍ ଅନ୍ତର୍ଗତ ଭୁବନପଲ୍ଲୀ ପଞ୍ଚାୟତରେ ଓଡ଼ିଶା କୋୟା ସମାଜ, ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ପଞ୍ଚାୟତସ୍ତରୀୟ କୋୟା ସମାଜ କମିଟିର ପୁନର୍ଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ଅଧୀନସ୍ଥ ୬ଟି ଗ୍ରାମର ପ୍ରତିନିଧି ଓ ସମାଜର ସଦସ୍ୟମାନଙ୍କ ଉପସ୍ଥିତିରେ ନୂତନ କମିଟି ଗଠନ କରାଯାଇଥିଲା । କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା କୋୟା ସମାଜର ସଭାପତି ଭୀମା ବାର୍ଷେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ସାଂଗଠନିକ ଏକତା ଓ ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ । କୋୟା ସମାଜର ଶିକ୍ଷା, ସଂସ୍କୃତି, ପରମ୍ପରାର ସୁରକ୍ଷା ଏବଂ ସାମାଜିକ ପ୍ରଗତି ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏଥିରେ ପୂର୍ବତନ ଜିଲ୍ଲା କୋୟା ସମାଜ ସଭାପତି ଘନଶ୍ୟାମ ମାଡ଼କାମୀ, କାଲିମେଳା ବ୍ଲକ୍ କୋୟା ସମାଜ ସଭାପତି ବାଗା ମାଡ଼କାମୀ, ପରିଚାଳକ ମାଳା ମାଡ଼ିଙ୍କ ସମେତ ବିଭିନ୍ନ ଗ୍ରାମର ସମାଜ ନେତୃବୃନ୍ଦ ଓ କର୍ମକର୍ତ୍ତା ଯୋଗଦେଇଥିଲେ । ଭୁବନପଲ୍ଲୀ ଗ୍ରାମର ସଭାପତି ଦେବେନ୍ଦ୍ର କୁଞ୍ଜା, କୈଳାସ ଚନ୍ଦ୍ର ମାଡ଼କାମୀ ଓ ଶ୍ରୀନୁ ସଲବମ ପ୍ରମୁଖ ବୈଠକରେ ସହଯୋଗ କରିଥିବାବେଳେ ଭୀମସେନ ମାଡ଼କାମୀ ସଭା ପରିଚାଳନା କରିଥିଲେ । ନୂତନ କମିଟିର ସଦସ୍ୟମାନେ ସମାଜର ସାମୂହିକ ସ୍ୱାର୍ଥ, ଶିକ୍ଷାର ବିକାଶ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ଦିଗରେ ଏକତ୍ରିତ ହୋଇ କାର୍ଯ୍ୟ କରିବା ନେଇ ମତ ପ୍ରକାଶ କରିଥିଲେ । ବୈଠକ ଶେଷରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା । ସାଂସ୍କୃତିକ ପରିବେଷଣ ସହ କାର୍ଯ୍ୟକ୍ରମର ସମାପନ ହୋଇଥିଲା ।

## ବିଷମକଟକ ବ୍ଲକ ପାଇଁ ସାଂସଦ ପ୍ରତିନିଧି ଭାବେ ଦାୟିତ୍ୱ ପାଇଲେ ଅଶୋକ ଆଚାର୍ଯ୍ୟ

ବିଷମକଟକ, ତା,୨୩/୮/୨୬(ରବିନ୍ଦ୍ର କୁମାର ସାହୁ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ପାଇଁ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ନିଜର ସାଂସଦ ପ୍ରତିନିଧି ଭାବେ ଅଶୋକ ଆଚାର୍ଯ୍ୟଙ୍କୁ ମନୋନୀତ କରିଛନ୍ତି । ଏ ନେଇ



ସାଂସଦଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ନିର୍ଦ୍ଦେଶନାମା ଜାରି କରାଯାଇଛି । ବ୍ଲକ ସ୍ତରୀୟ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟକ୍ରମ, ସମୀକ୍ଷା ବୈଠକ ଏବଂ ଆଲୋଚନାରେ ସାଂସଦଙ୍କ ଅନୁପସ୍ଥିତିରେ ଅଶୋକ ଆଚାର୍ଯ୍ୟ ତାଙ୍କର ପ୍ରତିନିଧି ଭାବେ ଯୋଗଦେବେ । ସାଂସଦ ସପ୍ତଗିରି ଉଲାକା ଜଣାଇଛନ୍ତି ଯେ, ସମୟ ଓ ସୁବିଧା ଅନୁସାରେ ସେ ନିଜେ ବ୍ଲକ ସ୍ତରୀୟ ବୈଠକଗୁଡ଼ିକରେ ଉପସ୍ଥିତ ରହିବାକୁ ଚେଷ୍ଟା କରିବେ । ତେବେ କୌଣସି କାରଣବଶତଃ ସେ ଯୋଗ ଦେଇ ନ ପାରିଲେ, ଅଶୋକ ଆଚାର୍ଯ୍ୟ ସାଂସଦଙ୍କ ପକ୍ଷ ରଖିବେ ଏବଂ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିବେ । ଏହି ନିଯୁକ୍ତି ଦ୍ୱାରା ବିଷମକଟକ ବ୍ଲକରେ ସାଂସଦଙ୍କ କାର୍ଯ୍ୟାବଳୀ ଓ ଜନସାଧାରଣଙ୍କ ସମସ୍ୟାର ସମାଧାନ ଆହୁରି ସହଜ ଏବଂ ତ୍ୱରାନ୍ୱିତ ହୋଇପାରିବ । ଅଶୋକ ଆଚାର୍ଯ୍ୟ ଙ୍କୁ ସାଂସଦ ପ୍ରତିନିଧି ଦାୟିତ୍ୱ ମିଳିଥିବା ରୁ କଂଗ୍ରେସ କର୍ମୀଙ୍କ ମଧ୍ୟ ରେ ଉତ୍ସାହ ଦେଖାଦେଇଛି ।

## ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର




ଆଳି, (ମହାଭାରତ) : ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟର ପୂର୍ବ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ପ୍ରକାଶମଣିଜୀଙ୍କ ୧୯ ତମ ପୁଣ୍ୟ ସ୍ମୃତିରେ 'ବିଶ୍ୱ ବନ୍ଧୁତ୍ୱ ରକ୍ତଦାନ ମହା ଅଭିଯାନ' ଆଳି ସେବାକେନ୍ଦ୍ର ଆନୁକୂଲ୍ୟରେ ଆଦ୍ୟାଶକ୍ତି ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡାକ୍ତର ପ୍ରଣବ କୁମାର ଶୁକ୍ଳା ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ସେବାକେନ୍ଦ୍ର ପ୍ରଭାରୀ ବ୍ରହ୍ମକୁମାରୀ ସାଗରିକା, ରାଜନଗର ସେବାକେନ୍ଦ୍ର ସଂଚାଳିକା ବ୍ରହ୍ମକୁମାରୀ ନିର୍ମଳା ଯୋଗ ଦେଇଥିଲେ । ଏହି ଅବସରରେ ୭୭ ଜଣ ରକ୍ତଦାତା ରକ୍ତଦାନ କରିଥିଲେ । ୩୪ ଥର ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଥିବା ରାକେଶ କୁମାର ବାରିକ୍ ଙ୍କୁ ବ୍ରହ୍ମା କୁମାରୀ ସଂସ୍ଥା ପକ୍ଷରୁ ରକ୍ତବୀର ସମ୍ମାନ ପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲାକ୍ଷ ଏହି କାର୍ଯ୍ୟକ୍ରମରେ ଆଳି ଥାନା ଏସଆଇ ମାନସ ପ୍ରତାପ ସାହୁ , ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ଚାଳକ ବିରଞ୍ଚି ନାରାୟଣ ମହାପାତ୍ର, ବରିଷ୍ଠ ଆଇନଜୀବୀ ଶରତ କୁମାର ମହାନ୍ତି, ରଞ୍ଜନ କୁମାର ବେହେରା, ଅଶୋକ ବାରିକ୍, ଧନେଶ୍ୱର ରାଉତ, ଗୋବିନ୍ଦ ନନ୍ଦ, ଅକ୍ଷୟ ପଣ୍ଡା, ସୁଶାନ୍ତ ତରାଇ ଓ ଅନ୍ୟ ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦାନ କରିଥିଲେ । ପ୍ରତ୍ୟେକ ରକ୍ତଦାତାଙ୍କୁ ବୃକ୍ଷଚାରା ବଣ୍ଟନ ସହିତ ରାକ୍ଷୀ ବନ୍ଧନ କରିଥିଲେ ବ୍ରହ୍ମା କୁମାରୀ ଭଉଣୀମାନେ । ଆଳି ଓ ରାଜକନିକା ବ୍ଲକର ବିଭିନ୍ନ ସଂଗଠନର ଯୁବାବର୍ଗ ରକ୍ତଦାନ କରିଥିଲେ । ବ୍ରହ୍ମକୁମାରୀ ସଂଯୁକ୍ତାଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା ।

## ବ୍ୟାସ ଫାଉଣ୍ଡେସନର ସପ୍ତମବାର୍ଷିକ ଉତ୍ସବ ଓ ଗୀତାଜ୍ଞାନାଞ୍ଜନର ଚତୁର୍ଦ୍ଦଶ ସଂଖ୍ୟା ଉନ୍ମୋଚନ




ପାରାଦୀପ, (ମହାଭାରତ) : ବାଣୀକ୍ଷେତ୍ର ଜଗତସିଂହପୁର ଜିଲ୍ଲା ର ବାଲିକୁଦା ବ୍ଲକ ଅଧିନସ୍ଥ ଆମ୍ବଶାଳ ସ୍ଥିତ କଲ୍ୟାଣମଣ୍ଡପ ଠାରେ ବ୍ୟାସ ଫାଉଣ୍ଡେସନ ଚାରିଟେବୁଲ ଟ୍ରଷ୍ଟ ଓଡିଶା ଆନୁକୂଲ୍ୟରେ, ସେବା ଓ ଆଧ୍ୟାତ୍ମିକ ପ୍ରଚାରପ୍ରସାର କ୍ଷେତ୍ରରେ ସମର୍ପିତ, ବ୍ୟାସ ଫାଉଣ୍ଡେସନର ସପ୍ତମ ବାର୍ଷିକ ଉତ୍ସବ ଓ ଗୀତାଜ୍ଞାନାଞ୍ଜନର ଚତୁର୍ଦ୍ଦଶ ସଂଖ୍ୟାର ବିଶେଷା ର ଶୁଭ ଉନ୍ମୋଚନ କାର୍ଯ୍ୟକ୍ରମ ଆନନ୍ଦଉଲ୍ଲାସ ମଧ୍ୟରେ ରବିବାର ଦିନ ପୂର୍ବାହ୍ନ ରେ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଡ଼ଃ.ସିଦ୍‌ଧେଶ୍ୱର ପଣ୍ଡା ପ୍ରାରମ୍ଭିକ ସୂଚନା ଓ ମଞ୍ଚପରିଚାଳନା କରିଥିବା ବେଳେ ଅଧ୍ୟାପକ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ଓ ଯୁଗ୍ମ ସମ୍ପାଦକ ନଗେନ୍ଦ୍ରନାଥ ସ୍ୱାଇଁ ନିମନ୍ତ୍ରିତ ଅତିଥି ମାନଙ୍କୁ ମଞ୍ଚକୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଫାଉଣ୍ଡେସନ ର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ର ଲକ୍ଷ୍ୟ ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ପୂଜ୍ୟ ସ୍ୱାମୀ ଗିରିଜାନନ୍ଦ ପର୍ବତ, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ଏସଭିଏମ କଲେଜ ର ଅଧ୍ୟକ୍ଷା ସୁଜାତା ହୋତା, ଖ୍ୟାତନାମା ସାହିତ୍ୟିକ ଡ଼ଃ.ବଟକୃଷ୍ଣ ସ୍ୱାଇଁ, ପ୍ରାର୍ଥନା ଚ୍ୟାନେଲ ର ମୁଖ୍ୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ବିଶୋଇ, ଆଇନଜୀବି ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ଡ଼ଃ.ପ୍ରସନ୍ନ କୁମାର ବାରିକ ପ୍ରମୁଖ ବରେଣ୍ୟ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଉଦଘାଟନ କରିବା ସହିତ ନିଜନିଜର ବକ୍ତବ୍ୟ ପ୍ରଦାନ କରି ଅନୁଷ୍ଠାନର ମୁଖପତ୍ର ଗୀତାଜ୍ଞାନାଞ୍ଜନ ଉନ୍ମୋଚନ କରିଥିଲେ । ଏହି ଅବସରରେ ବରଗଡ଼ ର ବିଶ୍ୱ ପ୍ରସିଦ୍ଧ କଂସ ମହାରାଜ ଭୂମିକା ର କଳାକାର ନାଟ୍ୟଶ୍ରୀ ଦେବରାଜ ଛତ୍ରୀୟା, କିଛିସମୟ ପାଇଁ ନିଜର କଳାକୃତି ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକମାନଙ୍କୁ ସ୍ତବଦ୍ଧ କରିଦେଇଥିଲେ । ଶ୍ରୀମଦ ଭଗବତ ଗୀତା ର ଅଭିଜ୍ଞତା ଓ ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରାୟ ୭୫ ଜଣ କୃତି ଛାତ୍ରଛାତ୍ରୀ ମାନଙ୍କୁ ପ୍ରଶଂସାପତ୍ର, ପୁସ୍ତକ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ସମାଜର ବିଭିନ୍ନକ୍ଷେତ୍ରରେ ଦକ୍ଷତା ଓ ପାରଦର୍ଶିତା ଅର୍ଜନ କରିଥିବା ବହୁ ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଙ୍କୁ ମଧ୍ୟ ନିମନ୍ତ୍ରିତ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ତିମ ପର୍ଯ୍ୟାୟରେ ଶିଶୁ ନୃତ୍ୟଶିଳ୍ପୀ ଆଦ୍ୟାଶା ଙ୍କ ଶାସ୍ତ୍ରୀୟ ନୃତ୍ୟ ସମସ୍ତଙ୍କ ପାଇଁ ଖୁବ ଉପଭୋଗ୍ୟ ହୋଇଥିଲା । ତେବେ ଏହି ସମସ୍ତ କାର୍ଯ୍ୟକ୍ରମ କୁ ଉପସଭାପତି ଶରତ କୁମାର ଦାଶ, ରଞ୍ଜନ କୁମାର ପ୍ରଧାନ, ଉପଦେଷ୍ଟା ରମାକାନ୍ତ ରାଉଳ, ଆଡଭୋକେଟ ବୀର ନାରାୟଣ ପାତ୍ର, ପୂର୍ବତନ ଜିଲ୍ଲାପରିଷଦ ତଥା କବି ହେମନ୍ତ ନାୟକ, ପ୍ରଦ୍ୟୁମ୍ନ ରଥ, ପ୍ରିତୀମୟୀ ଆଚାର୍ଯ୍ୟ ପ୍ରମୁଖ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ସାଧାରଣ ସମ୍ପାଦକ ବିବେକାନନ୍ଦ ହୋତା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପାଟଣା ବନାଞ୍ଚଳ ପକ୍ଷରୁ ସମୀକ୍ଷା ବୈଠକ ଅନୁଷ୍ଠିତ



ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ପକ୍ଷ ରୁ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ବନାଞ୍ଚଳ ସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକ ବନ ପରିଚାଳନା ଓ ସମୁଦାୟ କଲ୍ୟାଣକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ବିଷୟ ଉପରେ ବିସ୍ତୃତ ଆଲୋଚନା ସହ ସମୀକ୍ଷା କରାଯାଇଛି । ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ ପ୍ରଥମ ବର୍ଷର ବୃକ୍ଷରୋପଣର ଜୀବଜନ୍ତୁ ହାର ବାଉଁଶ, ପଶୁଖାଦ୍ୟ ଓ ଫଳ ଜାତୀୟ ଚାରାରୋପଣ ଏବଂ ଚାରା ବଣ୍ଟନ, ସୌର ଆଲୋକ ଓ ବନ ସୁରକ୍ଷା ସମିତି ରିଭଲଭିଂ ଫଣ୍ଡ ଋଣ ପରିଶୋଧ, ମଣିଷ-ହାତୀ ସଂଘର୍ଷ ତଥା ନିରାକରଣ ସମ୍ବନ୍ଧୀୟ ପଦକ୍ଷେପ ଓ ଅନୁକମ୍ପା ଅନୁଧିଆନ ସହ ଅନୁମୋଦନ ସମ୍ପର୍କିତ ବିଷୟ ଗୁଡ଼ିକର ସମୀକ୍ଷା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ବୈଠକରେ ପାଟଣା ନୂତନ ବନାଞ୍ଚଳ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଦ୍ଧା ଙ୍କ ସଭାପତିତ୍ୱ ରେ ବୈଠକ ଅନୁଷ୍ଠିତ ହୋଇ ଛି । ଏହି ବୈଠକ ରେ ସମସ୍ତ ବନପାଳ,ବନରକ୍ଷୀ,ପାରା କର୍ମଚାରୀ ଏବଂ ସ୍ୱଚ୍ଛା ସେବୀ ସଂଗଠନ ସଦସ୍ୟ ମାନେ ଉପସ୍ଥିତ ଥିଲେ । ବୈଠକ କୁ ରଞ୍ଜିତ ପଲେଇ ପରିଚାଳନା କରିଥିବା ବେଳେ ବୈଠକ ସାଙ୍ଗ ରେ ଉପସ୍ଥିତ ସମସ୍ତ ଙ୍କୁ ପାଟଣା ବନପାଳ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ମଝି ସମୁଦ୍ରରେ ବୁଡିଲା ପାରାଦୀପ ବନ୍ଦରରୁ ଚାଇନା ଯାଉଥିବା ଜାହାଜ ଓସେନ୍ ଉଇନ




ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରରୁ ଲୁହାପଥର ନେଇ ଚାଇନା ଯାଉଥିବା ପଣ୍ୟବାହୀ ଜାହାଜ ଓସେନ୍ ଉଇନର ମଝି ସମୁଦ୍ରରୁ ଯୋଗାଯୋଗ ବିଛିନ୍ନ ହୋଇଛି । ଜାହାଜ ରେ ୨୦ ଜଣ ଚାଇନା ନାଗରିକ, ଜଣେ ବାଙ୍ଗଲାଦେଶ ନାଗରିକ ଓ ୩ ଜଣ ମିଆଁମାର ନାଗରିକ ଥିଲେ । ଜାହାଜଟି ଗତ ୨୦ ତାରିଖରେ ପାରାଦୀପ ବନ୍ଦର ଛାଡ଼ି ଚାଇନା ଅଭିମୁଖେ ଯାଉଥିଲା । ମାତ୍ର ୨୧ ତାରିଖରେ ପାରାଦ୍ୱୀପ ଠାରୁ ୨୪୦ ନଟିକାଲ୍ ମାଇଲ୍ ଆଣ୍ଡାମାନ ନିକୋବର ଦୀପପୁଞ୍ଜ ପାଖାପାଖି ପୋର୍ଟ ବ୍ଲେୟାର ନିକଟର ଜଳସୀମା ନିକଟରେ ଥିବା ବେଳେ ଯୋଗାଯୋଗ ବିଛିନ୍ନ ହୋଇଛି । ଉକ୍ତ ଜାହାଜ ସେଠାରେ ବୁଡ଼ି ଯାଇଥିବା ନେଇ ସୂଚନା ମିଳିଛି । ଜାହାଜର ଏଜେଣ୍ଟଙ୍କ ଠାରୁ ସାହାଯ୍ୟ ନିମନ୍ତେ ନିବେଦନ ପରେ ଏହାକୁ ଖୋଜାଖୋଜି ଆରମ୍ଭ ହୋଇଥିଲା । ତେବେ ଉକ୍ତ ଜାହାଜ ର ଅବସ୍ଥିତି ସମ୍ପର୍କରେ ସୂଚନା ମିଳିଥିବା ବେଳେ ଭାରତୀୟ କୋଷ୍ଟଗାର୍ଡ ଓ ଭାରତୀୟ ନୌସେନା ଓ ନିକଟରେ ଥିବା ଅନ୍ୟ ପଣ୍ୟବାହୀ ଜାହାଜ ସହାୟତାରେ ଉକ୍ତ ସ୍ଥାନରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଥିବା ଜଣାପଡିଛି । ଗତ କିଛିଦିନ ହେଲା ରାଜ୍ୟରେ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଥିବା ବେଳେ ପାରାଦ୍ୱୀପ କୁ ଆସୁଥିବା ଲୁହାପଥର କୁ ସଠିକ୍ ସୁରକ୍ଷାର ସହିତ ଅଣାଯାଉନଥିବା ଦେଖିବାକୁ ମିଳିଛି । ଏଥିସହିତ ଲୁହାପଥର ପାରାଦୀପ ବନ୍ଦର ମଧ୍ୟରେ ଥିବା ଖୋଲା ପ୍ଲଟ ରେ ଗଚ୍ଛିତ ରଖାଯାଇ ଏହାକୁ ଜାହାଜରେ ଲୋଡିଂ କରାଯାଉଛି । ଫଳରେ ଜାହାଜ ରେ ଯେତିକି ଉଚ୍ଚତା ପର୍ଯ୍ୟନ୍ତ ଲୁହାପଥର ଲୋଡ଼ିଂ ହେଲେ ଏହାର ଓଜନ ଜାହାଜ କ୍ଷମତା ଭିତରେ ରହିବା କଥା ତାହା ରହୁନାହିଁ । ଓଦା ଆଇରନ ଗୁଡିକ କାଦୁଆ ଆକାରରେ ଲୋଡିଂ ଯୋଗୁଁ ଏହାର ଓଜନ ପାଖାପାଖି ଦୁଇରୁ ତିନି ଗୁଣା ହେଉଛି । ଏହାଛଡା ଲୋଡିଂ ପରେ ଲୁହାପଥର ତଳେ ବସିଯିବା ପରେ ଉପରେ ପାଣି ଗୁଡିକ ଜାହାଜ ର ଭାରସମ୍ୟ ବିଗାଡିବାର ପ୍ରମୁଖ କାରଣ ହୋଇଥାଇ ପାରେ ବୋଲି ଅନୁମାନ କରାଯାଉଛି । ତେବେ ବର୍ତ୍ତମାନ ମିଳିଥିବା ସୂଚନା ଅନୁସାରେ ଏବେବି ଘଟଣାସ୍ଥଳରେ ଖୋଜାଖୋଜି ଜାରି ରହିଛି । ଏକ ତୈଳବାହୀ ଜାହାଜ ସହାୟତାରେ ଦୁଇ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟମାନଙ୍କୁ ଖୋଜା ଚାଲିଥିବା ଜଣା ପଡିଛି । ପ୍ରକାଶଥାଉକି, ୨୦୦୯ ମସିହା ସେପ୍ଟେମ୍ବର ମାସ ୯ ତାରିଖ ଦିନ ଓଦା ଆଇରନ୍ ଓର୍ ବୋଝେଇ ହୋଇ ଯାଉଥିବା ଜାହାଜ ବ୍ଲାକ୍ ରୋଜ୍ ପାରାଦୀପ ଆଙ୍କରେଜ୍ ଅଂଚଳରେ ବୁଡି ଯାଇଥିଲା ।

## ଆସୁଛି ରାକ୍ଷୀ ପୂର୍ଣ୍ଣିମା, ଜମୁଛି ବେପାର

ପାରଳାଖେମୁଣ୍ଡି, (ମହାଭାରତ) : ଆଉ କିଛି ଦିନ ପରେ ପବିତ୍ର ରାକ୍ଷୀ ପୂର୍ଣ୍ଣିମା । ଭଉଣୀ ଭାଇ ହାତରେ ରାକ୍ଷୀଟି ବାନ୍ଧି ବଡ଼ଭାଇ ଠାରୁ ଆଶୀର୍ବାଦ ନେଇ ଥାଏ । ଭାଇ ହାତରେ ଭଉଣୀ ରାକ୍ଷୀଟିଏ ବାନ୍ଧି ଭାଇ ପାଇଁ ମଙ୍ଗଳ କାମନା ସହ ଭାଇର ଦୀର୍ଘାୟୁ କାମନା କରିଥାଏ । ଏହି ରାକ୍ଷୀ ବାନ୍ଧିବା ପାଇଁ ଭଉଣୀ ମାନେ ଚାହିଁ ରହିଥାନ୍ତି ।ଦୂର ଦୁରନ୍ତାରୁ ଭାଇଟିଏ ମଧ୍ୟ ଭଉଣୀର ସେହି ସ୍ନେହର ରାକ୍ଷୀ ଟିଏ ପାଇଁ ଅପେକ୍ଷା କରିଥାଏ ।ଆଉ କିଛି ଦିନ ପରେ ରାକ୍ଷୀ ପୂର୍ଣ୍ଣିମା ।ତେଣୁ ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ବିଭିନ୍ନ ସ୍ଥାନରେ ରାକ୍ଷୀ ବିକ୍ରି ଆରମ୍ଭ ହୋଇଛି । ଭାଇ ଭଉଣୀର ଏହି ପବିତ୍ର ବନ୍ଧନକୁ ସହରରେ ଧୁମଧାମରେ ପାଳନ କରାଯାଏ ।ରାକ୍ଷୀ ବ୍ୟବସାୟ ସକାଶେ ରାକ୍ଷୀ ବେପାରୀ ମାନେ ବିଭିନ୍ନ ସ୍ଥାନରୁ ରାକ୍ଷୀ ଆଣି ବିକ୍ରି କରୁଥିବା ଜଣା ପଡ଼ିଛି ।ଏହି ବ୍ୟବସାୟ ସିଜନ ବ୍ୟବସାୟ ହୋଇ ଥିବାରୁ ବେପାରୀ ଦୁଇ ପଇସା ରୋଜଗାର କରିବା ଆଶାରେ ବେପାର କରୁଥିବା ଜଣା ପଡ଼ିଛି ।

## ସରକାରୀ ଜମି ହଡପ, ପ୍ରଶାସନ ଚୁପ

ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ରେ ଦିନକୁ ଦିନ କବଜାକାରୀଙ୍କ ଭାତୃଭାବ ବଢିବାରେ ଲାଗିଛି। ଯେଉଁ ଜମି ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଯେଉଁ ପୋଖରୀ ଆଗାମୀ ପିଢ଼ିର ଜଳସମ୍ପଦ ଯେଉଁ ମଶାଣି ଶେଷ ବିଦାୟର ପବିତ୍ର ସ୍ଥାନ ସେହି ସରକାରୀ ଓ ସାଧାରଣ ଜମି ଉପରେ ଯଦି କବଜା ହୁଏ ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ। ରାଇଘର ବ୍ଲକରେ କେଉଁଠି ପୋଖରୀ ହୁଡ଼ାରେ ଘର ନିର୍ମାଣ ହେଉଥିବା ଅଭିଯୋଗ ତ କେଉଁଠି ମଶାଣି ଜମିକୁ କବଜା କରାଯାଉଥିବା ନେଇ ଅଭିଯୋଗ। ଏପରିକି ଡେଲି ମାର୍କେଟ ଅଞ୍ଚଳରେ ମଧ୍ୟ ଘର ଓ ଦୋକାନ ନିର୍ମାଣକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି।ଏବେ ଆଉ ଏକ ଅଭିଯୋଗ ସବୁଠାରୁ ଅଧିକ ଚର୍ଚ୍ଚାରେ। ରାସ୍ତା ପ୍ରଶସ୍ତିକରଣ କାମ ଚାଲିଥିବା ବେଳେ ନିର୍ମାଣାଧୀନ ଡ୍ରେନ୍? ଉପରେ ଦୋକାନ ଗୃହ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି। ଯଦି ଏଭଳି ନିର୍ମାଣକୁ ଏବେ ରୋକା ନଯାଏ ତେବେ ଆଗାମୀ ଦିନରେ ଡ୍ରେନ୍ ସମସ୍ୟା ଜଳ ନିଷ୍କାସନ ଓ ରାସ୍ତା ବ୍ୟବସ୍ଥା ପୁଣି ଲୋକଙ୍କ ପାଇଁ ମୁଣ୍ଡବ୍ୟଥା ହେବା ଆଶଙ୍କା ରହିଛି।ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ଏସବୁ ନିର୍ମାଣ ପ୍ରଶାସନର ଆଖିକୁ ଦେଖାଯାଉନି କି? ନା ଦେଖି ମଧ୍ୟ ଚୁପ୍ ରହୁଛି ପ୍ରଶାସନ? ଅତିକ୍ରମଣ ପଛରେ କାହାର ପ୍ରଭାବ ରହିଛି କି? କାହାର ଛତ୍ରଛାୟାରେ ଏଭଳି ନିର୍ମାଣ ଚାଲିଛି କି? ରାଇଘରବାସୀଙ୍କ ଦାବି କେବଳ ନୋଟିସ୍ ନୁହେଁ ଯାଞ୍ଚ ହେଉ କେବଳ ଯାଞ୍ଚ ନୁହେଁ ଦୋଷୀ ପ୍ରମାଣିତ ହେଲେ କାର୍ଯ୍ୟାନୁଷ୍ଠାନ ହେଉ। କାରଣ ଆଜି ଯଦି ପୋଖରୀ ହୁଡ଼ା ମଶାଣି ଓ ଡ୍ରେନ୍ ଜମି ହାତଛଡ଼ା ହୋଇଯାଏ ତେବେ ଆସନ୍ତାକାଲି ରାଇଘରର ସାଧାରଣ ଲୋକଙ୍କ ପାଖରେ ରହିବ କ'ଣ ଲୋକଙ୍କ ସମ୍ପତ୍ତି ଲୋକଙ୍କ ପାଇଁ ରହୁ କବଜାକାରୀଙ୍କ ପାଇଁ ନୁହେଁ। ଏବେ ରାଇଘରବାସୀଙ୍କ ନଜର ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ।

## ଘରେ ଥିବା ସ୍କୁଟି ନାମରେ ଚାଲାଣ ! ତଦନ୍ତ ଦାବି

ଗଞ୍ଜାମ, (ମହାଭାରତ) : ଘର ଭିତରେ ତିନି ଦିନ ଧରି ରହିଥିବା ସ୍କୁଟି ନାମରେ ଚାଲାଣ କଟିବାକୁ ନେଇ ଉଠିଛି ପ୍ରଶ୍ନ। ଏଭଳି ଏକ ଅଭିଯୋଗ ଆସିଛି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ କଣ୍ଟାଇକୋଳି ଗ୍ରାମରୁ। ଗାଡ଼ି ମାଲିକ ନାର୍ଶୁ ସାହୁଙ୍କ କହିବା ଅନୁଯାୟୀ, ତାଙ୍କ ସ୍କୁଟି ଓଡ଼ି୦୭ଟ୮୨୬୨ ଗତ ତିନି ଦିନ ଧରି ଘର ଭିତରେ ରହିଛି। ଚାଷ କାମରେ ବ୍ୟସ୍ତ ଥିବାରୁ ସେ ଗାଡ଼ିକୁ ଘରୁ ବାହାର କରିନଥିବା କହିଛନ୍ତି। ତେବେ ଗତକାଲି ସନ୍ଧ୍ୟା ପ୍ରାୟ ୭ଟା ୫୫ ମିନିଟ୍ ସମୟରେ ଆରଟିଓ ପକ୍ଷରୁ ତାଙ୍କ ମୋବାଇଲକୁ ଏକ ଚାଲାଣ ସମ୍ପର୍କିତ ମେସେଜ୍ ଆସିଥିଲା। ମେସେଜ୍?ରେ ଥିବା ଲିଙ୍କ ଖୋଲିବା ପରେ ମଧ୍ୟ ଚାଲାଣର ବିବରଣୀ ଦେଖାଯାଉଥିବା କହିଛନ୍ତି ନାର୍ଶୁ। କିନ୍ତୁ ଚାଲାଣ କେଉଁ ସ୍ଥାନରେ, କେଉଁ କ୍ୟାମେରାରେ କିମ୍ବା କେଉଁ ଛବି ଆଧାରରେ କଟିଛି, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ନଥିବା ତାଙ୍କ ଅଭିଯୋଗ। ଗାଡ଼ି ମାଲିକଙ୍କ କହିବା ଅନୁଯାୟୀ, ହେଲମେଟ୍ ନ ପିନ୍ଧିବା ଏବଂ ଡ୍ରାଇଭିଂ ଲାଇସେନ୍ସର ବୈଧତା ସମାପ୍ତ ହେବା ଭଳି ଅଭିଯୋଗରେ ଦୁଇଟି ଦଫାରେ ଚାଲାଣ କଟିଥିବା ଦେଖାଯାଉଛି। ଏଥିରେ ଇଘଝ ନୁହେଁ, ମୋଟର ଯାନ ଆଇନର ସମ୍ପୃକ୍ତ ଧାରା ଲାଗୁ ହୋଇଥିବା କଥା ସେ କହିଛନ୍ତି। ତେବେ ଗାଡ଼ି ଘରୁ ବାହାରିନଥିବା ସତ୍ତ୍ୱେ ଏଭଳି ଚାଲାଣ କିପରି କଟିଲା, ତାହାକୁ ନେଇ ନାର୍ଶୁ ସାହୁ ପ୍ରଶ୍ନ ଉଠାଇଛନ୍ତି। ଏହା ଆରଟିଓର କୌଣସି ତ୍ରୁଟି ନା ଅନ୍ୟ କେହି ତାଙ୍କ ଗାଡ଼ିର ନମ୍ବର ବ୍ୟବହାର କରୁଛି, ତାହାର ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ତଦନ୍ତ ନହେବା ପର୍ଯ୍ୟନ୍ତ ଚାଲାଣ ଦେବାକୁ ସେ ଅସ୍ୱୀକାର କରିବା ସହ ଯାଞ୍ଚ ପରେ ଗାଡ଼ି ଉପରୁ ଚାଲାଣ ହଟାଇବାକୁ ନିବେଦନ କରିଛନ୍ତି। ଘଟଣାର ପ୍ରକୃତ କାରଣ କଣ ଏବଂ ଚାଲାଣ କେଉଁ ଆଧାରରେ କଟିଛି, ତାହା ତଦନ୍ତ ପରେ ହିଁ ସ୍ପଷ୍ଟ ହେବ।

## ଗୁଟଖା ଚାଲାଣ ବେଳେ ୭ କାର୍ଟୁନ ଜବତ

ମୋହନା, (ମହାଭାରତ) : ଗଜପତି ଜିଲ୍ଲା ଅଡବା ଥାନା ପୁଲିସ ପକ୍ଷରୁ ଅଡବା ଛକ ନିକଟରେ ଯାଞ୍ଚ ବେଳେ ଏକ କାମଧେନୁ ନାମକ ଏକ ଯାତ୍ରୀବାହୀ ଘରୋଇ ବସରୁ ବିପୁଳ ପରିମାଣର ଗୁଟଖା ଜବତ କରାଯାଇଛି। ବସଟି ବ୍ରହ୍ମପୁରରୁ ଉମରକୋଟ ଅଭିମୁଖେ ଯାଉଥିଲା। ଯାଞ୍ଚ ସମୟରେ ବସରୁ ୭ଟି କାର୍ଟୁନ ବାକ୍ସ ମିଳିଥିଲା। ପ୍ରତ୍ୟେକ କାର୍ଟୁନରେ ୩ଟି ଲେଖାଏଁ ବ୍ୟାଗ ଥିବା ବେଳେ ସେଥିରେ "ମାଲା ମାଲ" ଗୁଟଖା ପାଉଚ ରହିଥିଲା। ଗୁଟଖା ପରିବହନ ସମ୍ପର୍କରେ ଆବଶ୍ୟକୀୟ ଦଲିଲ ଦେଖାଇ ନପାରିବାରୁ ପୁଲିସ ନିୟମାନୁଯାୟୀ ସମସ୍ତ ଗୁଟଖା ଜବତ କରିଛି। ଏହି ଘଟଣାକୁ ନେଇ ଅଡବା ଥାନାରେ କେସ୍ ନଂ-୧୮୩/୨୦୨୬ ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଜବତ ଗୁଟଖା କେଉଁଠାରୁ ଆସିଥିଲା, ଏହାର ମାଲିକ କିଏ, କାହା ପାଖକୁ ଯାଉଥିଲା ଏବଂ ଏହି ଚାଲାଣରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସ ତଦନ୍ତ ଜାରି ରଖିଛି। ଅବୈଧ ଗୁଟଖା ଓ ଅନ୍ୟାନ୍ୟ ନିଷିଦ୍ଧ ତମାଖୁଜାତ ଦ୍ରବ୍ୟର ପରିବହନ ଓ ବେଆଇନ କାରବାର ବିରୋଧରେ ଆଗକୁ ମଧ୍ୟ କଡ଼ା ପଦକ୍ଷେପ ନିଆଯିବ ବୋଲି ଅଡବା ପୁଲିସ ପକ୍ଷରୁ କୁହାଯାଇଛି।

## ହାତୀ ଭାଙ୍ଗିଦେଲା ଘର, ବାସହରା ହେଲେ ପରିବାର



ରେଢ଼ାଖୋଲ, (ମହାଭାରତ) : ରାତିର ଅନ୍ଧାରରେ ହଠାତ୍ ଶୁଭିଲା ହାତୀର ଗର୍ଜନ। ଆଖି ଖୋଲି ଦେଖିବା ବେଳକୁ ଘର ଭିତରେ ପଶିସାରିଥିଲା ବଣୁଆ ହାତୀ। ଭୟରେ ଛୋଟ ଛୋଟ ପିଲାଙ୍କୁ ଜାବୁଡ଼ି ଧରି ଏକ କୋଣରେ ଲୁଚି ରହିଥିଲେ ପରିବାର ଲୋକେ। ଜୀବନ ବଞ୍ଚାଇବା ଛଡ଼ା ସେମାନଙ୍କ ପାଖରେ ଆଉ କିଛି ଉପାୟ ନଥିଲା। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡର ଭାଳିଆକଟା ପଞ୍ଚାୟତର ଗୋପାଳପୁର ଗ୍ରାମରେ। ଗତ ରାତି ପ୍ରାୟ ୧୨ଟାରେ ବଣୁଆ ହାତୀ ଗ୍ରାମରେ ପଶି ରଙ୍କ ମାଝୀ, ଟଙ୍କ ମାଝୀ ଓ ଅଲେଖ ମାଝୀଙ୍କ ଘର ଭାଙ୍ଗି ଦେଇଛି। ଟିଭି, କୁଲର, ଫ୍ୟାନ୍, ଆଜବେଷ୍ଟର, କବାଟ ସହ ଘରେ ରଖାଯାଇଥିବା ପ୍ରାୟ ୮ ବସ୍ତା ଚାଉଳ ମଧ୍ୟ ନଷ୍ଟ ହୋଇଛି। ପ୍ରାୟ ରାତି ୩ଟାରେ ହାତୀଟି ଚାଲିଯିବା ପରେ ପରିବାର ଲୋକେ ଘରୁ ବାହାରି ଯାହା ଦେଖିଲେ, ତାହା ସେମାନଙ୍କ ପାଇଁ ଥିଲା ଅତ୍ୟନ୍ତ ହୃଦୟବିଦାରକ। ଯେଉଁ ଘରେ ଗତକାଲି ପର୍ଯ୍ୟନ୍ତ ପରିବାରର ହସଖୁସି ଥିଲା, ଆଜି ସେହି ଘର ଭାଙ୍ଗି ମାଟିରେ ମିଶିଯାଇଛି। ଘର ହରାଇଥିବା ପରିବାର ଏବେ ଅସହାୟ। "ଘର ନାହିଁ, ଖାଇବା ପାଇଁ ଚାଉଳ ନାହିଁ, ଏବେ ପିଲାମାନଙ୍କୁ ନେଇ କେଉଁଠି ରହିବୁ?"—ଏହି ପ୍ରଶ୍ନ ଏବେ ସେମାନଙ୍କୁ ଚିନ୍ତାରେ ପକାଇଛି। ତୁରନ୍ତ ସହାୟତା ପାଇଁ ସେମାନେ ପ୍ରଶାସନ ନିକଟରେ ଗୁହାରି କରିଛନ୍ତି। ଘଟଣାସ୍ଥଳରେ ବନ ବିଭାଗ ପହଞ୍ଚି କ୍ଷୟକ୍ଷତିର ତଦନ୍ତ କରିଛି। ବଡ଼ମାଳ ରେଞ୍ଜର ଚିନ୍ମୟୀ କୁମାର ଗଡ଼ତିୟା କହିଛନ୍ତି ଯେ ନିୟମ ଅନୁଯାୟୀ କ୍ଷୟକ୍ଷତିର ଆକଳନ କରାଯାଇ ଅନୁକମ୍ପାମୂଳକ ସହାୟତା ଯୋଗାଇଦିଆଯିବ। ତଥାପି ପ୍ରଶ୍ନ ରହିଯାଉଛି—ସହାୟତା ମିଳିବା ପର୍ଯ୍ୟନ୍ତ ଭଙ୍ଗା ଘର ତଳେ ଏହି ପରିବାର କେମିତି ରାତି କାଟିବ? ଛୋଟ ପିଲାଙ୍କୁ ନେଇ କେମିତି ଜୀବନ ଚଳାଇବ?

# ପାଟିକୋଟା ସେବା ସମବାୟ ସମିତିକୁ ବିଧାୟକଙ୍କ ଅଚାନକ ଗ୍ରସ୍ତ




ଗୋଷାଣୀ, (ମହାଭାରତ): ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଉପଲଡା ପଞ୍ଚାୟତ ଅନ୍ତର୍ଗତ ପାଟିକୋଟା ସେବା ସମବାୟ ସମିତି ଲିମିଟେଡ୍?କୁ ଅଚାନକ ଗସ୍ତ କରି ସମିତିର ବିଭିନ୍ନ କାର୍ଯ୍ୟକଳାପ ଓ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରିଛନ୍ତି ପାରଳାଖେମୁଣ୍ଡି ବିଧାୟକ ଇଂ. ରୂପେଶ କୁମାର ପାଣିଗ୍ରାହୀ। ଅଚାନକ ଗସ୍ତ ସମୟରେ ବିଧାୟକ ସମିତିର ଦୈନନ୍ଦିନ କାର୍ଯ୍ୟପ୍ରଣାଳୀ, ଚାଷୀମାନଙ୍କ ସହ ଜଡ଼ିତ ସେବା, ରେକର୍ଡପତ୍ର, ଧାନ ଓ କୃଷି ସମ୍ପର୍କିତ ବ୍ୟବସ୍ଥା ସମେତ ବିଭିନ୍ନ ବିଷୟରେ ତଥ୍ୟ ନେଇଥିଲେ। ଚାଷୀମାନେ ଯେପରି ସମବାୟ ସମିତି ମାଧ୍ୟମରେ ସରକାରୀ ସୁବିଧା ଓ ସେବା ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପ୍ରତି ବିଧାୟକ ଗୁରୁତ୍ୱାରୋପ କରିଥିଲେ। ସମିତିର ବ୍ୟବସ୍ଥାରେ କୌଣସି ପ୍ରକାର ଅବହେଳା, ଅନିୟମିତତା କିମ୍ବା ଚାଷୀଙ୍କ ସ୍ୱାର୍ଥରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ବିଧାୟକ କଡ଼ା ଆଭିମୁଖ୍ୟ ପ୍ରକାଶ କରିଥିବା ଜଣାପଡ଼ିଛି। ସମିତିର ସମସ୍ତ କାର୍ଯ୍ୟକାରିତାରେ ସ୍ୱଚ୍ଛତା, ଦାୟିତ୍ୱବୋଧ ଓ ଚାଷୀମୁଖୀ ସେବାକୁ ପ୍ରାଥମିକତା ଦେବାକୁ ସେ ସମ୍ପୃକ୍ତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ବିଧାୟକଙ୍କ ଏହି ଅଚାନକ ଗସ୍ତ ଚାଷୀ ମହଲରେ ଗୁରୁତ୍ୱ ବହନ କରିଛି। ତୃଣମୂଳ ସ୍ତରରେ ସମବାୟ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଚାଷୀଙ୍କ ଅଭିଯୋଗ ଓ ସମସ୍ୟାର ତ୍ୱରିତ ସମାଧାନ ଦିଗରେ ଏଭଳି ଯାଞ୍ଚ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ଆଶା ପ୍ରକାଶ ପାଇଛି। ବିଧାୟକ ରୂପେଶ ପାଣିଗ୍ରାହୀଙ୍କ ଏଭଳି ଅଚାନକ ତଦାରଖକୁ "କାର୍ଯ୍ୟାଳୟରେ ବସି କାଗଜ ଦେଖିବା ନୁହେଁ, ମାଟିକୁ ଓହ୍ଲାଇ ବାସ୍ତବ ସ୍ଥିତି ପରଖିବା" ଭଳି ପଦକ୍ଷେପ ବୋଲି ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଛି। ଚାଷୀଙ୍କ ସ୍ୱାର୍ଥ ଓ ସମବାୟ ବ୍ୟବସ୍ଥାର ସ୍ୱଚ୍ଛତା ହିଁ ଏହି ଯାଞ୍ଚର ମୁଖ୍ୟ କେନ୍ଦ୍ରବିନ୍ଦୁ ଥିବା ଜଣାପଡ଼ିଛି।

## ଦୋକାନ ଘରୁ ମହିଳାଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, (ମହାଭାରତ): ଦୋକାନ ଘରୁ ମାଲିକାଣୀଙ୍କ ମୃତଦେହ ଉଦ୍ଧାର। ସ୍ୱାମୀଙ୍କ ବିରୋଧରେ ମାରିଦେଇଥିବା ଅଭିଯୋଗ ଆଣିଲେ ମୃତକଙ୍କ ବାପଘର ଲୋକେ । କେନ୍ଦୁଝର ଟାଉନ୍ ଥାନା ଘୁଟୁରୁରେ ସକାଳେ ଅର୍ଚ୍ଚନା ଟ୍ରେଡର୍ସ ସୋରୁମରୁ ମାଲିକାଣୀ ଅର୍ଚ୍ଚନା ପରିଡ଼ାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଦୋକାନ ଭିତରେ ତାଙ୍କ ପତ୍ନୀଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ଅଭିମନ୍ୟୁ ପରିଡ଼ା ଥାନାରେ ଅଭିଯୋଗ କରିଥିଲେ। ତେବେ ଅର୍ଚ୍ଚନାଙ୍କ ପରିବାର ଲୋକ ଅଭିମନ୍ୟୁଙ୍କ ବିରୋଧରେ ଆଣିଛନ୍ତି ସାଂଘାତିକ ଅଭିଯୋଗ । ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ କରୁଥିଲେ ଅଭିଯୋଗ ହୋଇଛି । ତାଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ଧମକ ଦେଉଥିଲେ । ଭଡ଼ା ଘରେ ଅର୍ଚ୍ଚନାଙ୍କୁ ହତ୍ୟା କରି ତାଙ୍କ ମୃତଦେହକୁ ଦୋକାନ ଘରେ ଆଣି ରଖିଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି ।

## ରାଜ୍ୟସ୍ତରୀୟ ମଞ୍ଚରେ ରାଇଘର ଓ ନବରଙ୍ଗପୁରର ଗୌରବ




ଭୁବନେଶ୍ୱର/ରାଇଘର, (ମହାଭାରତ) : ଯୁଗ ଶକ୍ତି ଗାୟତ୍ରୀ ଭବନ, ରସୁଲଗଡ଼, ଭୁବନେଶ୍ୱର ଠାରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା (ବି. ଏସ. ଜି. ପି.) ର ରାଜ୍ୟସ୍ତରୀୟ ପୁରସ୍କାର ବିତରଣ ଉତ୍ସବ-୨୦୨୫ ଉତ୍ସାହ ଓ ଗରିମାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନବରଙ୍ଗପୁର ଜିଲ୍ଲାର ଦୁଇଜଣ ପ୍ରତିଭାବାନଙ୍କ ସଫଳତା ଜିଲ୍ଲା ପାଇଁ ଗୌରବ ଆଣିଛି। ରାଇଘର ବ୍ଲକର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଯୋଡ଼ିଙ୍ଗାର ସହକାରୀ ଶିକ୍ଷକ ଶ୍ରୀ ପବିତ୍ର କୁମାର ରାଉତ ଙ୍କୁ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ଓ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ପ୍ରତି ନିଷ୍ଠା ପାଇଁ ଶିକ୍ଷକ ସମ୍ମାନ-୨୦୨୫ ରେ ସମ୍ମାନିତ କରାଯାଇଥିଲା।ସେହିପରି ନବରଙ୍ଗପୁର ବ୍ଲକର ବିଦ୍ୟାର୍ଥୀ ଡିଗ୍ରୀ କଲେଜର ଛାତ୍ରୀ ସୁଶ୍ରୀ ଚେତନା ରାଣୀ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାରେ ସମଗ୍ର ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରି ସମ୍ମାନିତ ହୋଇଛନ୍ତି। ତାଙ୍କର ଏହି ସଫଳତା ନବରଙ୍ଗପୁର ଜିଲ୍ଲାର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।ଭାରତୀୟ ସଂସ୍କୃତି ନୈତିକ ମୂଲ୍ୟବୋଧ ମାନବୀୟ ଚେତନା ଓ ଉତ୍ତମ ଚରିତ୍ର ଗଠନରେ ଏଭଳି ପରୀକ୍ଷାର ଗୁରୁତ୍ୱ ରହିଛି। ଶ୍ରୀ ରାଉତଙ୍କ ଶିକ୍ଷକ ସମ୍ମାନ ଏବଂ ସୁଶ୍ରୀ ଚେତନା ରାଣୀଙ୍କ ରାଜ୍ୟସ୍ତରୀୟ ସଫଳତା ଜିଲ୍ଲାର ଶିକ୍ଷକ ଅଭିଭାବକ ଓ ଶିକ୍ଷାର୍ଥୀ ମହଲରେ ଆନନ୍ଦ ଓ ଗର୍ବର ପରିବେଶ ସୃଷ୍ଟି କରିଛି। ଏହି ସଫଳତା ପାଇଁ ଉଭୟଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ନବରଙ୍ଗପୁର ଜିଲ୍ଲାର ଜିଲ୍ଲା ସଂଯୋଜକ ଉପେନ୍ଦ୍ର ନାଗ, ସହ ସଂଯୋଜକ ମନୋରଞ୍ଜନ ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ମନୋଜ ପଟ୍ଟନାୟକ ଓ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା (ବି. ଏସ. ଜି. ପି.) ର ଜିଲ୍ଲା ସଂଯୋଜକ ପ୍ରକାଶ ସାମଲ ଶୁଭେଚ୍ଛା ଜଣାଇଛନ୍ତି। ପ୍ରକାଶ ଥାଉକି ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଗତ ବର୍ଷ ନବରଙ୍ଗପୁର ଜିଲ୍ଲାରେ ମୋଟ ୪୮ ଟି ବିଦ୍ୟାଳୟରେ ୧୪୭୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ ଚଳିତ ବର୍ଷ ଏହାକୁ ଆହୁରି ବ୍ୟାପକ କରାଯିବ ବୋଲି ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷାର ଜିଲ୍ଲା ସଂଯୋଜକ ଶ୍ରୀଯୁକ୍ତ ସାମଲ ସୂଚନା ଦେଇ ଛନ୍ତି।

## ବୈଜ୍ଞାନିକ ମନୋଭାବ ଗଠନରେ ଧ୍ୟାନ ଓ ଯୋଗର ଭୂମିକା

ପାରଳାଖେମୁଣ୍ଡି, (ମହାଭାରତ): ସ୍ଥାନୀୟ ଡ଼ଃ ସତ୍ୟନାରାୟଣ ରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ବାଳ-ମୁକୁନ୍ଦ କେନ୍ଦ୍ର' ଆନୁକୂଲ୍ୟରେ 'ଜାତୀୟ ମହାକାଶ ଦିବସ' ତଥା ରବିବାସରୀୟ ନୈତିକ ଓ ସାମାଜିକ ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଏମ୍. ରବି କୁମାରଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ବାଳ-ମୁକୁନ୍ଦ କେନ୍ଦ୍ର ସଂଯୋଜକ ଶ୍ରୀ ନିତ୍ୟାନନ୍ଦ ଚୌଧୁରୀ ଚନ୍ଦ୍ରଯାନ-୩ର ଐତିହାସିକ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ। ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ସଂକଳ୍ପ ଓ ଏକାଗ୍ରତା ସୃଷ୍ଟି ପାଇଁ ନିୟମିତ ଧ୍ୟାନ ଓ ଯୋଗର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିବା ସହ ଭଗବଦ୍ ଗୀତାର କର୍ମଯୋଗ ଶିକ୍ଷା ଦେଇଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗତ ସପ୍ତାହ ଏବଂ ଆଗାମୀ ସପ୍ତାହର ବିଭିନ୍ନ ଗୌରବମୟ ତଥା ମହତ୍ତ୍ୱପୂର୍ଣ୍ଣ ଦିବସ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ବିଶ୍ୱ ମାନବିକତା ଦିବସ, ସଦ୍‌ଭାବନା ଦିବସ, ଆସନ୍ତା ଜାତୀୟ କ୍ରୀଡ଼ା ଦିବସ ଓ ଲଘୁ ଉଦ୍ୟୋଗ ଦିବସର ସାମାଜିକ ଗୁରୁତ୍ୱ ବିଷୟରେ ପିଲାମାନଙ୍କୁ ସଚେତନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀ ଏମ୍. ରବି କୁମାର ଛାତ୍ରଛାତ୍ରୀମାନଙ୍କୁ ନୈତିକ ମୂଲ୍ୟବୋଧ ଏବଂ ଶୃଙ୍ଖଳିତ ଜୀବନଶୈଳୀ ଆପଣାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରବାସର ଛାତ୍ରମାନେ ଉପସ୍ଥିତ ରହି ସାମୂହିକ ଧ୍ୟାନ ଅଭ୍ୟାସ କରିଥିଲେ।

## ପରଜା ଅଲଚି ପାଇଁ ଖୁସିର ଦିନ, ଆରମ୍ଭ ହେଲା କଫି ଚାଷ



ଲକ୍ଷ୍ମୀପୁର, (ମହାଭାରତ): ଦୀର୍ଘଦିନର ଅପେକ୍ଷାର ଅନ୍ତ ଘଟିଛି। ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ପରଜା ଅଲଚି ଗ୍ରାମରେ ଶୁଭାରମ୍ଭ ହୋଇଛି କଫି ଚାଷ। କଫି ଚାଷ ଆରମ୍ଭକୁ ନେଇ ଗ୍ରାମର ଚାଷୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ସାହ ଓ ଖୁସିର ମାହୋଲ ଦେଖିବାକୁ ମିଳିଛି। ଏହି ଅବସରରେ କୋରାପୁଟ କଫି ବୋର୍ଡର ଡେପୁଟି ଡାଇରେକ୍ଟର ପ୍ରମଦ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ରିବନ କାଟି କଫି ଚାଷର ଶୁଭାରମ୍ଭ କରିଥିଲେ। କଫି ଚାରା ରୋପଣ ପରେ ଏହାର ଯତ୍ନ, ପରିଚାଳନା, ଉତ୍ପାଦନ ଓ ଚାଷୀମାନେ କିଭଳି ଭାବେ ଏହାର ଲାଭ ପାଇପାରିବେ, ସେ ସମ୍ପର୍କରେ ଶ୍ରୀ ବେହେରା ଚାଷୀମାନଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ। କଫି ଗଛର ନିୟମିତ ଯତ୍ନ ଓ ଉପଯୁକ୍ତ ପରିଚାଳନା କଲେ ଆଗାମୀ ଦିନରେ ଚାଷୀମାନେ ଏଥିରୁ ଭଲ ଆୟ ପାଇପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଗୌଡ଼ଗୁଡ଼ା ସରପଞ୍ଚ ଭଗବତୀ ମୁଦୁଲି, ପୂର୍ବତନ ସରପଞ୍ଚ ଡମ୍ବରୁ ମୁଦୁଲି, ଲକ୍ଷ୍ମୀପୁର ବ୍ଲକର ଇଖଉ ପ୍ରକାଶ କୁମାର ସେଠୀ ଓ ଇଝଉଙ୍ଗ ସୁଜିତ କୁମାର ପ୍ରଧାନ ଉପସ୍ଥିତ ରହି କଫି ଚାଷର ଚାହିଦା, ଉପକାରିତା ଓ ଚାଷୀଙ୍କ ପାଇଁ ଏହା କିପରି ଏକ ଲାଭଦାୟକ ଜୀବିକାର ମାଧ୍ୟମ ହୋଇପାରିବ, ସେ ନେଇ ଚାଷୀମାନଙ୍କୁ ସଚେତନ କରିଥିଲେ। କୋରାପୁଟ ଜିଲ୍ଲାରେ କଫି ଚାଷର ଚାହିଦା ଓ ସମ୍ଭାବନା ଦିନକୁ ଦିନ ବୃଦ୍ଧି ପାଉଥିବାବେଳେ, ଲକ୍ଷ୍ମୀପୁର ଅଞ୍ଚଳରେ ମଧ୍ୟ ଚାଷୀମାନେ କଫି ଚାଷ ପ୍ରତି ଆଗ୍ରହୀ ହେଉଛନ୍ତି। କଫି ଚାଷ ମାଧ୍ୟମରେ ଚାଷୀଙ୍କ ଆୟ ବୃଦ୍ଧି ସହ ଗ୍ରାମୀଣ ଅଞ୍ଚଳରେ ଜୀବିକାର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି ଆଶା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ବର୍ତ୍ତମାନ ପରଜା ଅଲଚି ଗ୍ରାମର ୪୦ ଜଣ ହିତାଧିକାରୀଙ୍କୁ ସାମିଲ କରାଯାଇ ୧୬ ହେକ୍ଟର ଜମିରେ କଫି ଚାଷ କରାଯାଉଛି। ଏହି ପଦକ୍ଷେପ ଆଗାମୀ ଦିନରେ ଚାଷୀମାନଙ୍କ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ଅଞ୍ଚଳରେ କଫି ଚାଷର ବିକାଶ ପାଇଁ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମରେ ଶତାଧିକ ମହିଳା, ପୁରୁଷ ଓ ଚାଷୀ ଯୋଗଦେଇ କଫି ଚାଷର ଶୁଭାରମ୍ଭକୁ ସ୍ୱାଗତ କରିଥିଲେ।

## ଟ୍ରେନ ବଗିକୁ ଛାଡ଼ି ଇଞ୍ଜିନ ଫେରାର



ବଲାଙ୍ଗିର, (ମହାଭାରତ): ବଲାଙ୍ଗିର ଇଣ୍ଟରସିଟି ଟ୍ରେନ୍‌ରୁ ବଗି ଛାଡ଼ି ଚାଲିଗଲା ଇଞ୍ଜିନ । ଇଞ୍ଜିନ ଓ ବଗି ଅଲଗା ହୋଇଯିବାରୁ ଟ୍ରେନ୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରେ ଦେଖାଦେଇଛି ଆତଙ୍କ । ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଛନ୍ତି ରେଳଯାତ୍ରୀ । ୧୦୦ ରୁ ୨୦୦ ମିଟର ପର୍ଯ୍ୟନ୍ତ ଇଞ୍ଜିନ ବଗି ଛାଡ଼ି ପଳାଇଯାଇଥିବା ଦେଖିବାକୁ ମିଳିଥିଲା । ଘଟଣାସ୍ଥଳରେ ରେଳ ବିଭାଗର ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଇଞ୍ଜିନ କାହିଁକି ବଗି ଛାଡ଼ି ଅଲଗା ହୋଇଗଲା, ତାହାର କାରଣ ଜଣାପଡ଼ିନାହିଁ । ଘଟଣାରେ କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇଛି କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ । ୩୦ ମିନିଟ୍ ପରେ ଇଞ୍ଜିନ ଫେରିବା ପରେ ଭୁବନେଶ୍ୱରକୁ ଫେରିଥିଲା ପୁରୁଣା କଟକ ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ଟ୍ରେନ।

# ପୋର୍ଟ ଆଣ୍ଡ ଡକ୍ ମଜଦୁର ମହାସଂଘର ଜାତୀୟ କାର୍ଯ୍ୟକାରିଣୀ ବୈଠକ




ତୁଟିକୋରିନ/ପାରାଦୀପ, (ମହାଭାରତ): ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘର ଏକ ଦୁଇ ଦିନିଆ ଜାତୀୟ କାର୍ଯ୍ୟକାରିଣୀ ବୈଠକ ଅଗଷ୍ଟ ୨୨ ଓ ୨୩ ତାରିଖରେ ତାମିଲନାଡୁର ତୁଟିକୋରିନ ବନ୍ଦରଠାରେ ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ତଥା ପାରାଦୀପ ବନ୍ଦରର ଟ୍ରଷ୍ଟି ଶ୍ରୀକାନ୍ତ ରାଏଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମହାସଂଘର ସାଧାରଣ ସମ୍ପାଦକ ସୁରେଶ ପାଟିଲ ଓ କୋଷାଧ୍ୟକ୍ଷ ସୁଧୀର ଗାରାତ ସଭା ପରିଚାଳନା କରିଥିବାବେଳେ ପୋର୍ଟ ପ୍ରଭାରୀ ଆନ୍ନା ଧୂମାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଦେଶର ବିଭିନ୍ନ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ପୋର୍ଟ ୟୁନିଅନ ଗୁଡ଼ିକର କାର୍ଯ୍ୟକାରୀ ସଦସ୍ୟମାନେ ବୈଠକରେ ଯୋଗଦେଇଥିଲେ। ଏହି ଅବସରରେ ତୁଟିକୋରିନଠାରେ ଭାରତୀୟ ମଜଦୂର ସଂଘ ସହ ଅନୁବନ୍ଧିତ ଭାରତୀୟ ଥୁରାଇମୁଗ ଥୋଜହିଲରା ସଂଘର ନୂତନ କାର୍ଯ୍ୟାଳୟ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ବୈଠକରେ ମହାସଂଘ ଓ ଏହା ସହ ଅନୁବନ୍ଧିତ ସମସ୍ତ ପୋର୍ଟ ୟୁନିଅନର ପୂର୍ବ କାର୍ଯ୍ୟକଳାପର ସମୀକ୍ଷା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକର ଏକ ପ୍ରମୁଖ ବିଷୟ ଥିଲା ଆଗାମୀ ୨୦୨୭-୨୦୩୧ ଅବଧିର ନୂତନ ୱେଜ୍ ସେଟଲମେଣ୍ଟ। ବର୍ତ୍ତମାନର ୨୦୨୨-୨୦୨୬ ୱେଜ୍ ସେଟଲମେଣ୍ଟର ଅବଧି ୩୧ ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଥିବାରୁ ଆଗାମୀ ମଜୁରୀ ଚୁକ୍ତି ପାଇଁ ମହାସଂଘ ପକ୍ଷରୁ ଚାର୍ଟର ଅଫ୍ ଡିମାଣ୍ଡ ପ୍ରସ୍ତୁତ କରାଯାଇ ତାହାର ବିଭିନ୍ନ ଦାବି ଉପରେ ବିସ୍ତୃତ ବିଶ୍ଳେଷଣ ଓ ଆଲୋଚନା କରାଯାଇଥିଲା। ପ୍ରସ୍ତୁତ ଚାର୍ଟର ଅଫ୍ ଡିମାଣ୍ଡକୁ ଆଗାମୀ ଦିନରେ ସର୍ବଭାରତୀୟ ଫେଡେରେସନ କୋ-ଅର୍ଡିନେସନ କମିଟି ନିକଟରେ ଉପସ୍ଥାପନ କରାଯିବ। ସେଠାରେ ବିସ୍ତୃତ ଆଲୋଚନା ପରେ ଇଣ୍ଡିଆନ ପୋର୍ଟ୍ସ ଆସୋସିଏସନ (ଆଇପିଏ) ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଙ୍କ ନିକଟରେ ଦାଖଲ କରାଯିବ। ଏହାର ନକଲ ଭାରତ ସରକାରଙ୍କ କେନ୍ଦ୍ରମନ୍ତ୍ରୀ, ଜଳପଥ ଓ ଜାହାଜ ଚଳାଚଳ ମନ୍ତ୍ରାଳୟଙ୍କ ସମେତ ଦେଶର ୧୨ଟି ପ୍ରମୁଖ ପୋର୍ଟ ଅଥରିଟିର ଅଧ୍ୟକ୍ଷମାନଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ବନ୍ଦର ଶ୍ରମିକମାନଙ୍କର ବେତନ, ଭତ୍ତା, ସେବା ସର୍ତ୍ତାବଳୀ, ଚାକିରି ସୁରକ୍ଷା ଓ ଅନ୍ୟାନ୍ୟ ସ୍ଥାନୀୟ ଏବଂ ଜାତୀୟ ସମସ୍ୟା ସମ୍ପର୍କରେ ମଧ୍ୟ ଆଗାମୀ ଦିନରେ ସଂଗଠିତ ଭାବେ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ଜାତୀୟ କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ବନ୍ଦର ମଜଦୂର ସଂଘ, ପାରାଦ୍ୱୀପ ପୋର୍ଟ ପକ୍ଷରୁ ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଏ, ଉପସଭାପତି ଦେବୀ ପ୍ରସନ୍ନ ମାଝୀ ଏବଂ ଡିଏଲଆର, କଣ୍ଟ୍ରାକ୍ଟ ଓ କଣ୍ଟ୍ରାକ୍ଟୁଆଲ ଶାଖା ର କାର୍ଯ୍ୟକାରିଣୀ ସଦସ୍ୟ ମୁରଲୀ ବେହେରା ଯୋଗଦେଇଥିଲେ। ବୈଠକ ଶେଷରେ ଦେଶର ବନ୍ଦର ଶ୍ରମିକମାନଙ୍କର ନ୍ୟାୟସଙ୍ଗତ ଦାବି ଓ ଅଧିକାର ପାଇଁ ଭାରତୀୟ ମଜଦୂର ସଂଘର ନେତୃତ୍ୱରେ ମହାସଂଘ ଓ ଏହାର ଅନୁବନ୍ଧିତ ୟୁନିଅନଗୁଡ଼ିକ ଏକତ୍ରିତ ଭାବେ ଆଗାମୀ ଦିନରେ କାର୍ଯ୍ୟ କରିବା ପାଇଁ ସଙ୍କଳ୍ପବଦ୍ଧ ହୋଇଥିଲେ।

# ଚୀନ୍ ଯିବେ ଅଜିତ ଡୋଭାଲ, ୱାଙ୍ଗ୍ ୟିଙ୍କ ସହ ବଡ଼ ଆଲୋଚନା

ନୂଆଦିଲ୍ଲୀ, ୨୩/୦୮: ଭାରତ-ଚୀନ୍ ସମ୍ପର୍କରେ କୂଟନୈତିକ ଆଲୋଚନା ଆଗକୁ ବଢ଼ିବାକୁ ଯାଉଛି । ସୀମା ବିବାଦର ସମାଧାନ ପାଇଁ ଆସନ୍ତାକାଲି ଚୀନ୍ ଭାରତର ଜାତୀୟ ସୁରକ୍ଷା ଉପଦେଷ୍ଟା ଅଜିତ ଡୋଭାଲ ଗସ୍ତ କରିବେ । ବେଜିଂରେ ଚୀନ୍‌ର ବିଦେଶ ମନ୍ତ୍ରୀ ତଥା ସ୍ପେଶାଲ ରିପ୍ରେଜେଣ୍ଟେଟିଭ୍ ୱାଙ୍ଗ୍ ୟିଙ୍କ ସହ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବ । ଅଗଷ୍ଟ ୨୫ ତାରିଖରେ ଦୁଇ ଦେଶର ସ୍ପେଶାଲ ରିପ୍ରେଜେଣ୍ଟେଟିଭ୍‌ଙ୍କ ମଧ୍ୟରେ ସୀମା ପ୍ରସଙ୍ଗରେ ୨୫ତମ ପର୍ଯ୍ୟାୟ ଆଲୋଚନା ହେବ । ଏଥିରେ ପ୍ରକୃତ ନିୟନ୍ତ୍ରଣ ରେଖା ବା ଖଇଉରେ ଶାନ୍ତି ଓ ସ୍ଥିରତା ସହ ସୀମା ବିବାଦର ସମାଧାନ ନେଇ ଆଲୋଚନା ହେବା ସମ୍ଭାବନା ରହିଛି । ଭାରତ-ଚୀନ୍ ମଧ୍ୟରେ ପ୍ରାୟ ୩,୪୮୮ କିଲୋମିଟର ଲମ୍ବା ସୀମାକୁ ନେଇ ଦୀର୍ଘଦିନ ଧରି ବିବାଦ ରହିଛି । ଏଲଏସିର ବିଭିନ୍ନ ଅଞ୍ଚଳକୁ ନେଇ ଦୁଇ ଦେଶର ଦାବି ଭିନ୍ନ ଥିବାରୁ ସମୟ ସମୟରେ



ସୀମାରେ ଉତ୍ତେଜନା ଦେଖାଦେଇଛି । ତେଣୁ ଆଗାମୀ ଦିନରେ ସୀମାରେ ଶାନ୍ତି ବଜାୟ ରଖିବା ଏହି ବୈଠକର ଏକ ପ୍ରମୁଖ ଏଜେଣ୍ଡା ହୋଇପାରେ । ଭାରତ-ଚୀନ୍ ସୀମା ବିବା ଦର ରାଜନୈତିକ ସମାଧାନ ପାଇଁ ୨୦୦୩ରେ ସ୍ପେଶାଲ ରିପ୍ରେଜେଣ୍ଟେଟିଭ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ଏହି ମଞ୍ଚରେ ଦୁଇ ଦେଶର ବରିଷ୍ଠ ପ୍ରତିନିଧି ସିଧାସଳଖ ଭାବେ ସୀମା ସମ୍ପର୍କିତ ଜଟିଳ ପ୍ରସଙ୍ଗ ଉପରେ ଆଲୋଚନା କରିଥାନ୍ତି । ଅଜିତ ଡୋଭାଲ ଓ ୱାଙ୍ଗ୍ ୟି ଦୁଇ ଦେଶର ସ୍ପେଶାଲ ରିପ୍ରେଜେଣ୍ଟେଟିଭ୍ ଭାବେ ସୀମା ପ୍ରସଙ୍ଗରେ ଆଲୋଚନା କରିବେ । ସୀମା ବିବାଦ ସହ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ଏବଂ ସୀମାରେ ସ୍ଥିରତା ଫେରାଇବା ନେଇ ମଧ୍ୟ ଏହି ବୈଠକରେ ମତ ବିନିମୟ ହୋଇପାରେ । ଦୁଇ ଦେଶ ମଧ୍ୟରେ ଦୀର୍ଘ ସମୟ ଧରି ଚାଲିଆସୁଥିବା ତିକ୍ତତା ପରେ ଏହି ଆଲୋଚନାକୁ ଭାରତ-ଚୀନ୍ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହେବାକୁ ଯାଉଛି ।

# 'ଅପରେସନ ସିନ୍ଦୂର' ଭୁଲିଗଲା ପାକିସ୍ତାନ ! ୧୧ କୋଟି ଖର୍ଚ୍ଚ କରି ପୁଣି ଛିଡ଼ା କଲା ଜୈସ ମୁଖ୍ୟାଳୟ 'ମର୍କଜ୍ ସୁଭାନାଲ୍ଲାହ'

ନୂଆଦିଲ୍ଲୀ, ୨୩/୦୮: ଭାରତର 'ଅପରେସନ ସିନ୍ଦୂର'ର ପ୍ରଚଣ୍ଡ ପ୍ରହାରରୁ ପାକିସ୍ତାନ କିଛି ବୁଦ୍ଧି ଶିଖିଥିବା ପରି ମନେହେଉନାହିଁ । ମେ' ୨୦୨୫ରେ ଭାରତୀୟ ସେନା 'ଅପରେସନ ସିନ୍ଦୂର' ଜରିଆରେ ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ ବାହାୱଲପୁରରେ ଥିବା ଜୈସ-ଏ-ମହମ୍ମଦର କୁଖ୍ୟାତ ଆତଙ୍କବାଦୀ ମୁଖ୍ୟାଳୟ 'ମର୍କଜ୍ ସୁଭାନାଲ୍ଲାହ କମ୍ପ୍ଲେକ୍ସ'କୁ ଟାର୍ଗେଟ କରି ମାଟିରେ ମିଶାଇ ଦେଇଥିଲା । ଏହି ଆକ୍ରମଣରେ ସମଗ୍ର କମ୍ପ୍ଲେକ୍ସ ଧ୍ୱଂସ ହୋଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହୋଇଥିଲା । ମାତ୍ର ଆକ୍ରମଣର ମାତ୍ର ୧୫ ମାସ ପରେ ପାକିସ୍ତାନ ସେହି ଆତଙ୍କୀ ଆଡ୍ଡାକୁ ସମ୍ପୂର୍ଣ୍ଣ ନୂଆ ରୂପରେ ପୁନଃନିର୍ମାଣ କରିସାରିଥିବା ଜଣାପଡ଼ିଛି । ସାମ୍ନାକୁ ଆସିଥିବା ସଦ୍ୟ ଭିଡିଓ ଓ ଫଟୋରୁ କମ୍ପ୍ଲେକ୍ସର ପୁନରୁଦ୍ଧାର ସମ୍ପର୍କରେ ସାଂଘାତିକ ତଥ୍ୟ ପଦାକୁ ଆସିଛି । ଧ୍ୱଂସପ୍ରାପ୍ତ



କମ୍ପ୍ଲେକ୍ସର ଗମ୍ବୁଜ ଏବଂ କେନ୍ଦ୍ରୀୟ ହଲ୍‌କୁ ପ୍ଲାଷ୍ଟର, ନୂଆ ରଙ୍ଗ ଓ ଆମଦାନୀ ହୋଇଥିବା ଦାମୀ ମାର୍ବଲ ଲଗାଇ ପୂର୍ବ ଅପେକ୍ଷା ଆହୁରି ଭବ୍ୟ ଭାବେ ସଜାଯାଇଛି । ଜାତିସଂଘ ଦ୍ୱାରା ଆତଙ୍କବାଦୀ ଘୋଷିତ ସଙ୍ଗଠନ ଜୈସ୍‌ର ମୁଖ୍ୟ ମସୁଦ ଆଝାର ଦୀର୍ଘ ଦିନ ଧରି ଏହି ସ୍ଥାନରୁ ଭାରତ ବିରୋଧୀ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇ ଆସୁଥିଲା । ଭାରତୀୟ ଏୟାର ଷ୍ଟ୍ରାଇକ୍‌ରେ ନଷ୍ଟ ହୋଇଥିବା ଏହି ଆଡ୍ଡାକୁ ପୁଣି ଥରେ କାର୍ଯ୍ୟକ୍ଷମ କରିବା ପାକିସ୍ତାନର ଆତଙ୍କବାଦ ପ୍ରତି ଦୋମୁହାଁ ନୀତିକୁ ପଦାରେ ପକାଇଛି । ଆକ୍ରମଣ ପରେ ପାକିସ୍ତାନ ସରକାର ପ୍ରତ୍ୟକ୍ଷ ଭାବେ ଆତଙ୍କବାଦୀ ସଙ୍ଗଠନ ଜୈସ୍‌କୁ ପ୍ରାୟ ୨୫ କୋଟି ପାକିସ୍ତାନୀ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ । ଏହି ବିପୁଳ ପାଣ୍ଠି ମଧ୍ୟରୁ ପ୍ରାୟ ୧୧ କୋଟି ପାକିସ୍ତାନୀ ଟଙ୍କା କେବଳ ବାହାୱଲପୁରସ୍ଥିତ ମର୍କଜ୍ ସୁଭାନାଲ୍ଲାହ କମ୍ପ୍ଲେକ୍ସର ପୁନଃନିର୍ମାଣ ପାଇଁ ଖର୍ଚ୍ଚ କରାଯାଇଛି । ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ନିଜ ଦେଶର ଲୋକଙ୍କ ଉନ୍ନତି ବଦଳରେ ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଆତଙ୍କବାଦୀ ଭିତ୍ତିଭୂମି ଗଠନ କରୁଥିବା ଏହି ତଥ୍ୟରୁ ସ୍ପଷ୍ଟ ପ୍ରମାଣିତ ହୋଇଛି । ଅନ୍ୟପକ୍ଷରେ, ଅସୁସ୍ଥତା କାରଣରୁ ମସୁଦ ଆଝାରକୁ ଜୈସ୍ ନେତୃତ୍ୱରୁ ଦୂରେଇ ରଖାଯାଇଛି ଏବଂ ଏହି ନୂତନ ମୁଖ୍ୟାଳୟର ସମସ୍ତ ଦାୟିତ୍ୱ ତା'ର ଭାଇ ତଲହା ଅଲ-ସୈଫ ଓ ମୋହିନୁଦ୍ଦିନ ଔରଙ୍ଗଜେବ ଓରଫ ଅମ୍ମାର ଆଲଭିଙ୍କ ହାତକୁ ହସ୍ତାନ୍ତର କରାଯାଇଛି । ବର୍ତ୍ତମାନ ମସୁଦ ଆଝାର ତା'ର ଅନ୍ୟତମ ଭାଇ ରୌଫ ଅସଗର ସହିତ ସିନ୍ଧ ପ୍ରଦେଶର ନବାବଶାହ ଜିଲ୍ଲାରେ ଆତ୍ମଗୋପନ କରିଛି । ସବୁଠାରୁ ବଡ଼ କଥା ହେଉଛି, ପାକିସ୍ତାନ ସରକାର ନିଜେ ଏହି ଅନ୍ତର୍ଜାତୀୟ ଆତଙ୍କବାଦୀମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେଉଛନ୍ତି, ଯାହା ଭାରତ ସମେତ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି ।

## ଚନ୍ଦ୍ରଯାନ-୩ ସଫଳତାକୁ ପୂରିଲା ୩ ବର୍ଷ

ନୂଆଦିଲ୍ଲୀ: ଆଜି ଜାତୀୟ ମହାକାଶ ଦିବସ । ଚନ୍ଦ୍ରଯାନ-୩ ସଫଳତାର ୩ ବର୍ଷ । ଆଜିର ଦିନରେ ଚନ୍ଦ୍ରରେ ଇତିହାସ ଲେଖିଥିଲା ଭାରତ । ଆଜି ଦେଶ ପାଳନ କରୁଛି ଜାତୀୟ ମହାକାଶ ଦିବସ । ତିନି ବର୍ଷ ତଳେ ଠିକ୍ ଏହି ଦିନ, ୨୩ ଅଗଷ୍ଟ ୨୦୨୩ରେ ଚନ୍ଦ୍ରଯାନ-୩ର 'ବିକ୍ରମ' ଲ୍ୟାଣ୍ଡର ଚନ୍ଦ୍ରପୃଷ୍ଠରେ ସଫଳ ସଫ୍ଟ ଲ୍ୟାଣ୍ଡିଂ କରି ଭାରତୀୟ ମହାକାଶ ଇତିହାସରେ ଯୋଡ଼ିଥିଲା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ । ଏହି ଐତିହାସିକ ସଫଳତାର ସ୍ମୃତିରେ ପ୍ରତିବର୍ଷ ଅଗଷ୍ଟ ୨୩କୁ ଜାତୀୟ ମହାକାଶ ଦିବସ ଭାବେ ପାଳନ କରାଯାଉଛି । ୨୦୨୩ ଅଗଷ୍ଟ ୨୩ରେ ଚନ୍ଦ୍ରଯାନ-୩ର 'ବିକ୍ରମ' ଲ୍ୟାଣ୍ଡର ଚନ୍ଦ୍ରର ଦକ୍ଷିଣ ମେରୁ ନିକଟବର୍ତ୍ତୀ ଅଞ୍ଚଳରେ ସଫଳତାର ସହ ଅବତରଣ କରିଥିଲା । ଏହାପରେ 'ପ୍ରଜ୍ଞାନ' ରୋଭର ଚନ୍ଦ୍ରପୃଷ୍ଠରେ ଓହ୍ଲାଇ ନିଜର ବୈଜ୍ଞାନିକ ଅନୁସନ୍ଧାନ ଆରମ୍ଭ କରିଥିଲା । ଏହି ସଫଳତା ସହ ଭାରତ ଚନ୍ଦ୍ରପୃଷ୍ଠରେ ସଫ୍ଟ ଲ୍ୟାଣ୍ଡିଂ କରିଥିବା ବିଶ୍ୱର ଚତୁର୍ଥ ଦେଶ ହୋଇଥିଲା । ସେହିପରି ଚନ୍ଦ୍ରର ଦକ୍ଷିଣ ମେରୁ ନିକଟବର୍ତ୍ତୀ ଅଞ୍ଚଳରେ ଅବତରଣ କରିବାରେ ଭାରତ ପ୍ରଥମ ଦେଶ ଭାବେ ଇତିହାସ ରଚିଥିଲା । ଚନ୍ଦ୍ରଯାନ-୩ର ବିକ୍ରମ ଲ୍ୟାଣ୍ଡର ଯେଉଁ ସ୍ଥାନରେ ଅବତରଣ କରିଥିଲା, ସେହି ସ୍ଥାନକୁ 'ଶିବ ଶକ୍ତି ପଏଣ୍ଟ' ନାମ ଦିଆଯାଇଥିଲା ।

## ବାଂଲାଦେଶରେ ଚାଲିଗଲା ହିନ୍ଦୁ ପରିବାରର ୪ ଜୀବନ ! ପୋଲିସର ତଦନ୍ତ ଜାରି

ବାଂଲାଦେଶ: ବାଂଲାଦେଶରେ ଏକ ହିନ୍ଦୁ ପରିବାରର ଚାରି ଜଣଙ୍କ ମୃତଦେହ ସେମାନଙ୍କ ଘରୁ ଉଦ୍ଧାର ହୋଇଛି । ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସୂଚନା ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି । ସେମାନଙ୍କୁ ହତ୍ୟା କରାଯାଇଛି ପ୍ରାରମ୍ଭିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି । ସୂଚନା ଅନୁଯାୟୀ, ଘରଟି କିଛି ସମୟ ପାଇଁ ବନ୍ଦ ଥିଲା । କିଛି ସମୟ ପରେ ଘର ଭିତରୁ ଦୁର୍ଗନ୍ଧ ଆସିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ଭିତରକୁ ପଶିଥିଲା । ସେମାନେ ଘରୁ ଚାରି ଜଣଙ୍କ ମୃତଦେହ ଉଦ୍ଧାର କରିଥିଲେ । ଗତକାଲି ବିଳମ୍ବିତ ରାତିରେ ବାଂଲାଦେଶର ରଙ୍ଗପୁର ସହରର ଏକ ବନ୍ଦ ଘରୁ ଜଣେ ଅବସରପ୍ରାପ୍ତ ସ୍କୁଲ ଶିକ୍ଷକ, ତାଙ୍କ ସ୍ତ୍ରୀ, ଝିଅ ଏବଂ ପୁଅଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି । ମୃତକଙ୍କ ପରିଚୟକୁ ଚିହ୍ନଟ କରିଛି ପୋଲିସ୍ । ମୃତକମାନେ ହେଲେ ଅବସରପ୍ରାପ୍ତ ରଙ୍ଗପୁର ଜିଲ୍ଲା ସ୍କୁଲ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ (୬୫), ତାଙ୍କ ସ୍ତ୍ରୀ ପ୍ରୀତିଲତା ଚକ୍ରବର୍ତ୍ତୀ (୫୦), ଝିଅ ଆମି ଚକ୍ରବର୍ତ୍ତୀ ପ୍ରାଥୀ (୨୩) ଏବଂ ପୁଅ ପ୍ରିୟମ ଚକ୍ରବର୍ତ୍ତୀ (୧୨) । ଏହାରି ମଧ୍ୟରେ ରଙ୍ଗପୁର ମେଟ୍ରୋପଲିଟାନ ସିଆଇଡି ଇନଚାର୍ଜ ସୁବୀର ଚୌଧୁରୀ କହିଛନ୍ତି ଯେ, ମା ଏବଂ ଝିଅଙ୍କ ମୃତଦେହ ସିଡ଼ିରେ ମିଳିଥିଲାବେଳେ ଗଣପତିଙ୍କ ମୃତଦେହ ଛାତ ଉପରୁ ଉଦ୍ଧାର କରାଯାଇଥିଲା । ଏହା ବ୍ୟତୀତ ଘରର ଖଟ ତଳୁ ପୁଅ ପ୍ରିୟମର ମୃତଦେହ ମିଳିଥିଲା । ଅନ୍ୟପଟେ ୪ ଜଣଙ୍କ ମୃତଦେହକୁ ଉଦ୍ଧାର କରି ପୋଷ୍ଟମର୍ଟମ ପାଇଁ ରଙ୍ଗପୁର ମେଡିକାଲ କଲେଜ ହସ୍ପିଟାଲ ମର୍ଚ୍ଚୁରୀକୁ ପଠାଯାଇଛି । ପୋଷ୍ଟମର୍ଟମ ଏବଂ ତଦନ୍ତ ପରେ ହିଁ ମୃତ୍ୟୁର ସଠିକ୍ କାରଣ ଜଣାପଡିବ । କିନ୍ତୁ ଏହା ଯୋଜନାବଦ୍ଧ ହତ୍ୟା ବୋଲି ସନ୍ଦେହ କରାଯାଉଛି । ଏଥିସହ ପୋଲିସ ଏବଂ ଉଓଉ ର ଫୋରେନସିକ୍ ଦଳ ମୃତ୍ୟୁର ସଠିକ୍ କାରଣ ଏବଂ ସମୟ ନିର୍ଣ୍ଣୟ କରିବା ପାଇଁ ତଦନ୍ତ କରୁଛନ୍ତି ।

## ଆଗ୍ରା ଟ୍ରେନ୍ ସୁଟକେସ୍ ମର୍ଡର ମିଷ୍ଟ୍ରି: ଚେନ୍ନାଇ ଭଡ଼ା ଘରୁ ମିଳିଲା ଝୁଲନ୍ତା ଶବ, ବିରିୟାନୀ ହାଣ୍ଡିରେ ଥିଲା କଟା ମୁଣ୍ଡ

ନୂଆଦିଲ୍ଲୀ, ୨୩/୦୮: ଆଗ୍ରାରେ ଟ୍ରେନରୁ ମିଳିଥିବା ଏକ ଲାଲ ସୁଟକେସ୍ ଭିତରୁ ଜଣେ ମହିଳାଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଉଦ୍ଧାର ଘଟଣାରେ ପର୍ଦ୍ଦାଫାଶ ହୋଇଛି ଏକ ଲୋମହର୍ଷଣକାରୀ ହତ୍ୟାକାଣ୍ଡ । ଅଗଷ୍ଟ ୬ ତାରିଖରେ ମିଳିଥିବା ଏହି ଶରୀର ଅଂଶର ତଦନ୍ତ କରୁଥିବା ପୁଲିସ ଟିମ୍ ଏବେ ସୁଦୂର ଚେନ୍ନାଇରେ ଥିବା ଅଭିଯୁକ୍ତଙ୍କ ଭଡ଼ା ଘରେ ପହଞ୍ଚିଛି । ସିସିଟିଭି ଫୁଟେଜ୍, ରେଳବାଇ ଯାତ୍ରୀ ତାଲିକା ଏବଂ ଫରେନସିକ୍ ପରୀକ୍ଷା ସହାୟତାରେ ପୁଲିସ ଘଟଣାର ମୂଳ ପର୍ଯ୍ୟନ୍ତ ପହଞ୍ଚିବାରେ ସଫଳ ହୋଇଛି । ଚେନ୍ନାଇର ଗୁଡୁଭାଞ୍ଚେରୀ ଅଞ୍ଚଳରେ ଦୁଇ ସନ୍ଦିଗ୍ଧଙ୍କ ଦ୍ୱାରା ନିଆଯାଇଥିବା ଏକ ଭଡ଼ା ଘରକୁ ପୁଲିସ ଯାଞ୍ଚ କରିବା ସମୟରେ ଅତ୍ୟନ୍ତ ଭୟାନକ ଦୃଶ୍ୟ ସାମ୍ନାକୁ ଆସିଛି । ସେହି ଘର ଭିତରେ ମୃତଦେହ ଝୁଲୁଥିବା ଅବସ୍ଥାରେ ଥିବା ବେଳେ ମହିଳାଙ୍କ ଶରୀରର କିଛି କଟା ଅଂଶ ବିରିୟାନୀ ରାନ୍ଧିବା ପାଇଁ ବ୍ୟବହୃତ ଏକ ବଡ଼ ହାଣ୍ଡି ବା ପାତ୍ର ଭିତରେ ରଖାଯାଇଥିଲା । ପ୍ରାଥମିକ ତଦନ୍ତରୁ



ସ୍ପଷ୍ଟ ହୋଇଛି ଯେ ଏହି ଘରେ ମହିଳାଙ୍କୁ ନୃଶଂସ ଭାବେ ହତ୍ୟା କରିବା ପରେ ଖଣ୍ଡ ଖଣ୍ଡ କରାଯାଇଥିଲା । ସିସିଟିଭି ଫୁଟେଜ୍ ?ରୁ ଜଣାପଡ଼ିଛି ଯେ ଜଣେ ପୁରୁଷ ଓ ଜଣେ ମହିଳା ସେହି ଲାଲ ସୁଟକେସ୍ ଧରି ଚେନ୍ନାଇ ସେଣ୍ଟ୍ରାଲ୍ ଷ୍ଟେସନରେ ପହଞ୍ଚିଥିଲେ ଏବଂ ସେଠାରୁ ତାମିଲନାଡୁ ଏକ୍ସପ୍ରେସ୍ ଯୋଗେ ଆଗ୍ରା ଅଭିମୁଖେ ଯାଇଥିଲେ । ସୁଟକେସ୍ ଭିତରୁ 'ଚେନ୍ନାଇ' ଲେଖାଥିବା ଏକ ପଲିଥିନ୍ ବ୍ୟାଗ୍ ମଧ୍ୟ ମିଳିଥିଲା, ଯାହା ପୁଲିସକୁ ଏହି ଲିଙ୍କ୍ ଖୋଜିବାରେ ବଡ଼ ସାହାଯ୍ୟ କରିଥିଲା । ପୁଲିସ ଭଡ଼ା ଘରୁ ରକ୍ତଭିଜା ବିରିୟାନୀ ପାତ୍ର ଜବତ କରିବା ସହ ଅଭିଯୁକ୍ତଙ୍କୁ ଠାବ କରିବା ପ୍ରକ୍ରିୟା ଜାରି ରଖିଛି । ହତ୍ୟାକାଣ୍ଡର ଶିକାର ହୋଇଥିବା ମହିଳାଙ୍କ ସଠିକ୍ ପରିଚୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ । ଘଟଣାର ସତ୍ୟାସତ୍ୟ ଏବଂ ମୃତ୍ୟୁର ପ୍ରକୃତ କାରଣ ଜାଣିବା ପାଇଁ ଉଦ୍ଧାର ଅବଶେଷାଂଶକୁ ବ୍ୟବଚ୍ଛେଦ ନିମନ୍ତେ ପଠାଯାଇଛି । ମୃତ ମହିଳାଙ୍କ ପରିଚୟ ଖୋଜିବା ପାଇଁ ଆଖପାଖ ଥାନାର ନିଖୋଜ ରିପୋର୍ଟ ଯାଞ୍ଚ କରାଯାଉଛି । ଉଭୟ ଅଭିଯୁକ୍ତଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ହତ୍ୟାର ପ୍ରକୃତ କାରଣ ଜାଣିବାକୁ ପୁଲିସ ତଦନ୍ତକୁ ଆହୁରି ଜୋରଦାର କରିଛି ।

## ବନ୍ଦେ ମାତରମ୍‌କୁ ନେଇ ବିବାଦ: ଅଧାରୁ ଚାଲିଗଲେ ୟୁପି ବାଚସ୍ପତି, ଟାର୍ଗେଟ୍ କଲେ ଅଖିଳେଶ

ନୂଆଦିଲ୍ଲୀ, ୨୩/୦୮: 'ବନ୍ଦେ ମାତରମ୍'କୁ ନେଇ ଦେଶରେ ରାଜନୈତିକ ବିବାଦ ଜୋର ଧରିଥିବା ବେଳେ ଏବେ ଉତ୍ତରପ୍ରଦେଶ ବିଧାନସଭା ବାଚସ୍ପତି ସତୀଶ ମହାନାଙ୍କ ଏକ ଭିଡିଓକୁ ନେଇ ତେଜିଛି ରାଜନୀତି । ଭାଇରାଲ ଭିଡିଓରେ ଜାତୀୟ ଗୀତ ଗାନ ସମୟରେ ବାଚସ୍ପତି ଅଧାରୁ ଚାଲିଯାଉଥିବା ଦେଖାଯାଉଛି । ଏହାକୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ବିଜେପିକୁ ଟାର୍ଗେଟ୍ କରିଛନ୍ତି । ଅଖିଳେଶ ଯାଦବ ନିଜ 'ଏକ୍ସ' ହ୍ୟାଣ୍ଡେଲରେ ଭିଡିଓ ପୋଷ୍ଟ କରି ଉତ୍ତରପ୍ରଦେଶ ବିଧାନସଭା ବାଚସ୍ପତିଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି । ଜାତୀୟ ଗୀତ ପ୍ରତି ଅନାଦର ପ୍ରଦର୍ଶନ ଅଭିଯୋଗ କରି ସେ ମୋଦୀ-ଯୋଗୀଙ୍କୁ ପ୍ରଶ୍ନ କରିଛନ୍ତି ଯେ, ନିଜ ବିଧାନସଭା ବାଚସ୍ପତିଙ୍କ ବିରୋଧରେ କେଉଁ ପଦକ୍ଷେପ ନିଆଯିବ । ସୂଚନା ଅନୁସାରେ, ଉନ୍ନାଓରେ ଗାର୍ଡ ଅଫ୍ ଅନର ସମୟର ଏହି ଭିଡିଓ ବୋଲି କୁହାଯାଉଛି । ଜାତୀୟ ଗୀତ ବାଜୁଥିବା ସମୟରେ ସତୀଶ ମହାନା ଅଧାରୁ ସେଠାରୁ ଚାଲିଯାଉଥିବା ଭିଡିଓରେ ନଜର ଆସୁଛି । ତେବେ ଏହି ଘଟଣାକୁ



ନେଇ ବିଜେପି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ଆସିନାହିଁ । ଏପଟେ କଂଗ୍ରେସ ମଧ୍ୟ ଏହି ଭିଡିଓକୁ ନେଇ ବିଜେପିକୁ ଘେରିଛି । କଂଗ୍ରେସର ଉତ୍ତରପ୍ରଦେଶ 'ଏକ୍ସ' ହ୍ୟାଣ୍ଡେଲରେ ପୋଷ୍ଟ କରାଯାଇ କୁହାଯାଇଛି ଯେ, ଯେଉଁମାନେ ଅନ୍ୟମାନଙ୍କୁ ଦେଶଭକ୍ତିର ପାଠ ପଢ଼ାନ୍ତି, ସେମାନେ ନିଜେ ଜାତୀୟ ଗୀତକୁ ସମ୍ମାନ କରିପାରୁନାହାନ୍ତି । ବାଚସ୍ପତିଙ୍କ ପାଖରେ ୫୨ ସେକେଣ୍ଡ ଠିଆ ହେବାକୁ ମଧ୍ୟ ସମୟ ନଥିଲା କି ବୋଲି କଂଗ୍ରେସ ପ୍ରଶ୍ନ କରିଛି । ଅନ୍ୟପଟେ 'ବନ୍ଦେ ମାତରମ୍'କୁ ନେଇ ବିଜେପି ଓ କଂଗ୍ରେସ ମଧ୍ୟରେ ପୂର୍ବରୁ ହିଁ ରାଜନୈତିକ ତୁତୁମେମେ ଲାଗିରହିଛି । କଂଗ୍ରେସ ପକ୍ଷରୁ ଗୀତର କେବଳ ଦୁଇଟି ପଦ ଗାଇବା ଉପରେ ଜୋର ଦିଆଯାଉଥିବା ବେଳେ ବିଜେପି ଏହାକୁ ନେଇ କଂଗ୍ରେସକୁ ତୀବ୍ର ସମାଲୋଚନା କରୁଛି । ସ୍ୱାଧୀନତା ଦିବସରେ କଂଗ୍ରେସ କାର୍ଯ୍ୟାଳୟରେ ସମ୍ପୂର୍ଣ୍ଣ 'ବନ୍ଦେ ମାତରମ୍' ବାଜିବା ପରେ ଏହି ବିବାଦ ଆହୁରି ତୀବ୍ର ହୋଇଥିଲା । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଓ ସୋନିଆ ଗାନ୍ଧୀ ଦୁଇଟି ପଦ ପରେ ଗୀତ ବନ୍ଦ କରିବାକୁ ଇଙ୍ଗିତ କରୁଥିବା ଭିଡିଓକୁ ନେଇ ବିଜେପି ଆକ୍ରମଣ କରିଥିଲା । ଏବେ ୟୁପି ବାଚସ୍ପତିଙ୍କ ଭିଡିଓକୁ ନେଇ ବିରୋଧୀ ବିଜେପି ଓ ଯୋଗୀ ସରକାରଙ୍କୁ ଘେରିଛନ୍ତି ।

## ୟୁକ୍ରେନରେ ନିର୍ବାଚନ କରାଇବା ବିପଜ୍ଜନକ: ଜେଲେନସ୍କି

ନୂଆଦିଲ୍ଲୀ, ୨୩/୦୮: ଋଷ ସହ ଯୁଦ୍ଧ ଚାଲିଥିବା ସମୟରେ ୟୁକ୍ରେନରେ ନିର୍ବାଚନ ଆୟୋଜନ କରିବା ଅତ୍ୟନ୍ତ ବିପଜ୍ଜନକ ହେବ ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ପ୍ରକାଶ କରିଛନ୍ତି । ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ମିଖାଇଲୋ ଫେଡୋରୋଭ ନିର୍ବାଚନ ପାଇଁ ଦାବି କରିବା ପରେ ଜେଲେନସ୍କି ଏହି ପ୍ରତିକ୍ରିୟା ରଖିଛନ୍ତି । ଏପରି ସଙ୍କଟଜନକ ପରିସ୍ଥିତିରେ ନିର୍ବାଚନ କରିବା ଦେଶ ପାଇଁ ଏକ ବଡ଼ ବିପଦ ଏବଂ ଏହା ୟୁକ୍ରେନକୁ ବିଭାଜିତ କରିଦେବ ବୋଲି ସେ ଚେତାଇ ଦେଇଛନ୍ତି । ଦେଶକୁ ନଷ୍ଟ କରିବାର ଉଦ୍ଦେଶ୍ୟ ଥିଲେ ହିଁ ଏହି ଯୁଦ୍ଧ ସମୟରେ ନିର୍ବାଚନ ଆଡ଼କୁ ଗତି କରାଯାଇପାରିବ ବୋଲି ୪୮ ବର୍ଷୀୟ ଏହି ନେତା କହିଛନ୍ତି । ସାମରିକ ଆଇନ (ମାର୍ଶଲ ଲ'') ବଳବତ୍ତର ଥିବାରୁ ୟୁକ୍ରେନରେ ବର୍ତ୍ତମାନ ନିର୍ବାଚନ ପ୍ରକ୍ରିୟାକୁ ସ୍ଥଗିତ ରଖାଯାଇଛି, ଯାହାକୁ ଦେଶର ଜନସାଧାରଣ ବ୍ୟାପକ ସମର୍ଥନ କରୁଛନ୍ତି । ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ଜେଲେନସ୍କି ନିଜର ପୂର୍ବତନ



ପ୍ରତିରକ୍ଷା ମନ୍ତ୍ରୀଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଫେଡୋରୋଭ ଭୁଲ୍ ବାଟରେ ଯାଉଛନ୍ତି କିମ୍ବା ତାଙ୍କୁ ଭୁଲ୍ ଦିଗକୁ ନିଆଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି । କିଭ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଓଲୋଜିର ଏକ ସର୍ଭେ ଅନୁଯାୟୀ, ମାତ୍ର ୧୫ ପ୍ରତିଶତ ନାଗରିକ ଯୁଦ୍ଧ ଶେଷ ହେବା ପୂର୍ବରୁ ନିର୍ବାଚନ ଚାହୁଁଥିବା ବେଳେ ବହୁ ସଂଖ୍ୟାକ ଜନସାଧାରଣ ଯୁଦ୍ଧ ଉପରେ ହିଁ ଧ୍ୟାନ କେନ୍ଦ୍ରୀଭୂତ କରିବାକୁ ଶ୍ରେୟସ୍କର ମଣୁଛନ୍ତି । ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ ଫେଡୋରୋଭଙ୍କୁ ପଦରୁ ହଟାଯିବା ପରେ କିଛି ସଂସ୍କାରମୂଳକ ଦାବିକୁ ନେଇ ଗଣବିକ୍ଷୋଭ ଦେଖାଦେଇଥିଲା, ଯେଉଁଥିରେ ସାମରିକ କମାଣ୍ଡର-ଇନ୍-ଚିଫ୍ ଓଲେକ୍ସାଣ୍ଡର ସିରସ୍କିଙ୍କୁ ବହିଷ୍କାର କରିବାକୁ ଦାବି ହୋଇଥିଲା । ଏହି ଘଟଣାକୁ ନେଇ ଜେଲେନସ୍କି କହିଛନ୍ତି ଯେ ନାଗରିକମାନଙ୍କର ପ୍ରତିବାଦ କରିବାର ଅଧିକାର ରହିଛି, ମାତ୍ର ସେନା ଓ ବଳିଦାନ ଦେଉଥିବା ସୈନିକମାନଙ୍କ ପ୍ରତି ଅସମ୍ମାନଜନକ ମନୋଭାବ ଗ୍ରହଣୀୟ ନୁହେଁ । ଯୁଦ୍ଧ ସମୟରେ ବିଭାଜନ ସୃଷ୍ଟି ହେବାର ଆଶଙ୍କା ରହିଛି ଏବଂ ସମାଜ ଓ ସୈନିକମାନଙ୍କ ମଧ୍ୟରେ କୌଣସିପ୍ରକାରେ ବିଭାଜନ ନହେବା ଉଚିତ୍ ବୋଲି ସେ ଦୃଢ଼ ଭାବେ ପ୍ରକାଶ କରିଛନ୍ତି ।

# ଥାନାରେ ଅମିତ ଶାହଙ୍କ ଫଟୋ ଦେଖି ରାଗିଲେ ରାହୁଲ

ନୂଆଦିଲ୍ଲୀ, ୨୩/୦୮: ଥାନା ଭିତରେ ରାହୁଲ ଗାନ୍ଧୀଙ୍କର ଗୋଟିଏ ପ୍ରଶ୍ନ ଏବେ ସୋସିଆଲ ମିଡିଆରେ ନିଆଁ ଲଗାଇ ଦେଇଛି । ଜନ୍ତରମନ୍ତର ଆନ୍ଦୋଳନରେ ଆଖି ହରାଇଥିବା ଛାତ୍ରଙ୍କ ପାଇଁ ଏଫ୍ଆଇଆର୍ ଦେବାକୁ ପହଞ୍ଚି ଖୋଦ୍ ପୁଲିସ ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରାଇଛନ୍ତି ରାହୁଲ । ଜାଣନ୍ତୁ, ଥାନା ଭିତରେ ପ୍ରକୃତରେ କ'ଣ ଘଟିଥିଲା କଂଗ୍ରେସ ସାଂସଦ ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ନିଜର ଆକ୍ରମଣାତ୍ମକ ଶୈଳୀ ଓ ତୀକ୍ଷ୍ଣ ପ୍ରଶ୍ନ ପାଇଁ ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି । ନିକଟରେ ଜନ୍ତରମନ୍ତର ଆନ୍ଦୋଳନରେ ଆଖି ହରାଇଥିବା ଛାତ୍ରଙ୍କ ପାଇଁ ବାହାରିଥିଲେ ରାହୁଲ । ଆଉ ଏଫଆଇଆର ଦେବାକୁ ପୁଲିସ ଷ୍ଟେସନରେ ପହଞ୍ଚିଥିବା ରାହୁଲ ଗାନ୍ଧୀଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଥାନାର କାନ୍ଥରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଫଟୋଚିତ୍ର ଟଙ୍ଗାଯାଇଥିବା



ଦେଖି ସେ ସିଧାସଳଖ ଉପସ୍ଥିତ ପୁଲିସ ଅଧିକାରୀଙ୍କ ଉପରେ ପ୍ରଶ୍ନର ବର୍ଷା କରିଥିଲେ ।

ପେଲେଟ୍ ଗନ୍ ଆକ୍ସନ ବିରୋଧରେ ଏଫ୍ଆଇଆର୍ ରୁଜୁ କରିବା ପାଇଁ ରାହୁଲ ଗାନ୍ଧୀ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ସେଠାରେ ଆଲୋଚନା ଚାଲିଥିବା ସମୟରେ ହଠାତ୍ ତାଙ୍କ ନଜର କାନ୍ଥରେ ଲାଗିଥିବା ଗୃହମନ୍ତ୍ରୀ ଅମିତ ଶାହଙ୍କ ଫଟୋ ଉପରେ ପଡ଼ିଥିଲା । ଫଟୋ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ କରି ରାହୁଲ ଗାନ୍ଧୀ ପୋଲିସ ଅଧିକାରୀଙ୍କୁ ପଚାରିଥିଲେ— 'ଆପଣଙ୍କ ଇନଚାର୍ଜ କ'ଣ ଅମିତ ଶାହ ଜୀ ଡିପାର୍ଟମେଣ୍ଟକୁ କ'ଣ ଅମିତ ଶାହ ଚଳାଉଛନ୍ତି ତା'ହେଲେ ତାଙ୍କ ଫଟୋ ଏଠାରେ କାହିଁକି ଲଗାଯାଇଛି

ଏହି ଅପ୍ରତ୍ୟାଶିତ ପ୍ରଶ୍ନ ପରେ ଉପସ୍ଥିତ ପୋଲିସ ଅଧିକାରୀମାନେ କିଛି ସମୟ ପାଇଁ ନିରବ ରହିଯାଇଥିବା ଦେଖିବାକୁ ମିଳିଥିଲା । ଏହି ଘଟଣାର ଭିଡିଓ ସାମ୍ନାକୁ ଆସିବା ମାତ୍ରେ ରାଜନୈତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କଂଗ୍ରେସ ସମର୍ଥକମାନେ ଏହାକୁ ପୋଲିସ ପ୍ରଶାସନର ସ୍ୱାଧୀନତା ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ବୋଲି ଦର୍ଶାଇଛନ୍ତି । ସେମାନଙ୍କ ଯୁକ୍ତି ହେଉଛି— ପୋଲିସ ବ୍ୟବସ୍ଥା ସମ୍ବିଧାନ ଓ ଆଇନ ଦ୍ୱାରା ପରିଚାଳିତ ହେବା ଉଚିତ, କୌଣସି ନିର୍ଦ୍ଦିଷ୍ଟ ରାଜନେତାଙ୍କ ବ୍ୟକ୍ତିଗତ ପ୍ରଭାବ କିମ୍ବା ଚିତ୍ର ଦ୍ୱାରା ନୁହେଁ । ଅନ୍ୟପକ୍ଷରେ, ବିଜେପି ନେତା ତଥା ସମର୍ଥକମାନେ ରାହୁଲ ଗାନ୍ଧୀଙ୍କ ଏହି ପ୍ରଶ୍ନକୁ ସମାଲୋଚନା କରିଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ଦିଲ୍ଲୀ ପୋଲିସ ସିଧାସଳଖ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରେ । ତେଣୁ ବିଭାଗୀୟ ମୁଖ୍ୟ ତଥା କେନ୍ଦ୍ର ଗୃହମନ୍ତ୍ରୀଙ୍କ ଫଟୋ ସରକାରୀ କାର୍ଯ୍ୟାଳୟରେ ରହିବା ଏକ ସାଧାରଣ ପ୍ରଶାସନିକ ପରମ୍ପରା ଏବଂ ଏଥିରେ କୌଣସି ଅସ୍ୱାଭାବିକତା ନାହିଁ । ଏହି ଘଟଣା କେବଳ ଏକ ଫଟୋ ଉପରେ ସୀମିତ ନ ରହି ଏବେ ଭାରତୀୟ ଗଣତନ୍ତ୍ରରେ ସରକାରୀ ଅନୁଷ୍ଠାନ ଏବଂ ରାଜନୈତିକ ନେତୃତ୍ୱ ମଧ୍ୟରେ ଥିବା ସମ୍ପର୍କ ଉପରେ ଏକ ବଡ଼ ବିତର୍କ ସୃଷ୍ଟି କରିଛି । ବିରୋଧୀ ଦଳ ନେତା ଭାବେ ରାହୁଲଙ୍କ ଏହି ଆଭିମୁଖ୍ୟ ପୁଣି ଥରେ ଦର୍ଶାଉଛି ଯେ ସେ ଶାସକ ଦଳକୁ କୌଣସି ବି ପ୍ରସଙ୍ଗରେ ଘେରିବାକୁ ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି । ଥାନା ଭିତରେ ରାହୁଲଙ୍କ ଏହି କଡ଼ା ପ୍ରଶ୍ନ ଏବେ ଉଭୟ ରାଜନୀତି ଦୁନିଆରେ ଝଡ଼ ସୃଷ୍ଟି କରିଛି ।

# ପଡିକ୍କଲଙ୍କ ଆଉ ଏକ ଶତକ, ଭାରତ ୩୦୦/୫

କଲମ୍ବୋ, ୨୩।୮: ପ୍ରଥମ ଟେଷ୍ଟ ଭଳି ଦ୍ୱିତୀୟ ଟେଷ୍ଟରେ ଗର୍ଜିଛି ଦେବଦତ୍ତ ପଡିକ୍କଲଙ୍କ ବ୍ୟାଟ୍। ସେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଇନିଂସରେ ପୁଣି ମାରିଛନ୍ତି ଶତକ। ସେ ୧୧୭ ରନର ଇନିଂସ ଖେଳିବାରୁ ଭାରତ ପ୍ରଥମ ଦିନରେ ୮୫ ଓଭର ବ୍ୟାଟିଂ କରି ୫ ୱିକେଟ ବଳରେ ୩୦୦ ରନ କରି ନେଇଛି।

ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଜୁରେଲ ୭ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନ କରି ଅପରାଜିତ ରହିଛନ୍ତି। ପଡିକ୍କଲ ୧୧୭ ରନ କରିଥିବା ବେଳେ ଅଧିନାୟକ ଶୁବମନ ଗିଲ୍ ୫୦, ଯଶସ୍ୱୀ ଜୈସୱାଲ ୪୪

## ଗିଲ୍‌ଙ୍କ ଅର୍ଦ୍ଧଶତକ, ଜାଡେଜା ଓ ଜୟସ୍ୱାଲ ବଂଚିତ

ଓ ରବୀନ୍ଦ୍ର ଜାଡେଜା ୪୩ ରନର ଇନିଂସ ଖେଳିଛନ୍ତି।

ଋଷଭ ପନ୍ତ ବ୍ୟାଟିଂ କରିବାକୁ ଆସିଥିଲେ ହେଁ ରିଟାୟର୍ଡ ହର୍ଟ ଯୋଗୁ ୩ ରନରେ ପ୍ୟାଭିଲିୟନ ଫେରିଛନ୍ତି। ଯଦି ସେ ଫିଟ ଘୋଷିତ ହେବେ, ତା'ହେଲେ ଆସନ୍ତାକାଲି ବ୍ୟାଟିଂ କରିପାରିବେ।

ପ୍ରଥମ ଟେଷ୍ଟକୁ ବେଶ ନାଟକୀୟ ଢଙ୍ଗରେ ଜିତିଥିବା ଟିମ ଇଣ୍ଡିଆ ଆଜି ଟସ୍ ଜିତି ପ୍ରଥମ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ପାଇଁ କେଏଲ ରାହୁଲ ଓ ଯଶସ୍ୱୀ ଜୈସୱାଲ ଠିକଠାକ ଆରମ୍ଭ କରିଥିଲେ ହେଁ ଏହାକୁ ବଡ ସ୍କର କରିପାରି



ନଥିଲେ। ପ୍ରଥମେ ରାହୁଲ ୧୮ ରନ କରି ଲାହିରୁ କୁମାର ଓ ପରେ ଯଶସ୍ୱୀ ୪୪ ରନ କରି ଅସିଥା ଫର୍ଣ୍ଣାଣ୍ଡୋଙ୍କ ବଲରେ କ୍ଲିନବୋଲ୍ଡ ହୋଇଯାଇଥିଲେ।

ଦଳ ୬୬ ରନରେ ଦୁଇ ୱିକେଟ ହରାଇଥିବା ବେଳେ ସ୍ଥିତି ସମ୍ଭାଳିଥିଲେ ପଡିକ୍କଲ ଓ ଗିଲ୍। ଉଭୟ ନିଜ ନିଜର ଅର୍ଦ୍ଧଶତକ ହାସଲ କରି ପିଚ୍‌ରେ ସମୟ ବିତାଇଥିଲେ। ତୃତୀୟ ୱିକେଟ ପାଇଁ ୧୨୦ ରନର ଭାଗିଦାରୀ ମଧ୍ୟ କରିଥିଲେ। କିନ୍ତୁ ଗିଲ ନିଜ ଟେଷ୍ଟ କ୍ୟାରିୟରର ୯ମ ଅର୍ଦ୍ଧଶତକ କରିବା କ୍ଷଣି ଅସିଥା ଫର୍ଣ୍ଣାଣ୍ଡୋଙ୍କ ବଲରେ ଆଉଟ ହୋଇ ଯାଇଥିଲେ।

୫ ନମ୍ବରରେ ଆସିଥିବା ପନ୍ତ ୩ ରନ କରିଥିବା ବେଳେ ଲାହିରୁ କୁମାରଙ୍କୁ ପୁଲ ଶଟ ମାରି ରିଟାୟର୍ଡ ହର୍ଟ ହୋଇଥିଲେ। କିନ୍ତୁ ପଡିକ୍କଲ ଗୋଟିଏ ପଟେ ଛିଡା ହୋଇଥିଲେ। ବ୍ୟକ୍ତିଗତ ଶୂନ ଓ ୧ରେ ସେ ଶ୍ରୀଲଙ୍କା ଖେଳାଳିଙ୍କୁ ଆଉଟ କରିବାର ସୁଯୋଗ ଦେଇଥିଲେ। ହେଲେ ଏହାକୁ ହାତ ଛଡା କରିବା ସେମାନଙ୍କୁ ମହଙ୍ଗା ପଡିଥିଲା।

ଶେଷରେ ପଡିକ୍କଲ ପୁଣି ଗୋଟିଏ ଶତକ ହାସଲ କରିଥିଲେ। ତାଙ୍କୁ ରବୀନ୍ଦ୍ର ଜାଡେଜା ଭରପୂର ସାଥ ଦେଇଥିଲେ। ଶତକ ହାସଲ କରିବା ପରେ ପଡକ୍କଲ ପୁଣି ଇନିଂସ ବିଲ୍ଡ କରିବାକୁ ଚାହିଁଥିଲେ। କିନ୍ତୁ ସେ ୧୧୭ ରନ କରିଥିବା ବେଳେ କେଶରା ନୁୱାନ୍ଥ ସ୍ପିନ ଯାଦୁରେ ଫସି ବୋଲ୍ଡ ହୋଇ ଯାଇଥିଲେ।

ହେଲେ ସେତେବେଳକୁ ଭାରତ ଗୋଟିଏ ଭଲ ସ୍ଥିତିରେ ପହଞ୍ଚି ଯାଇଥିଲା। ପଡିକ୍କଲ ଆଉଟ ହେବା ବେଳକୁ ଦଳୀୟ ସ୍କର ୨୮୧ ରନ ରହିଥିଲା। ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟର ପ୍ରଥମ ଇନିଂସରେ ପଡିକ୍କଲ ୧୪୧ ରନ ଓ ଦ୍ୱିତୀୟ ରନରେ ୪୪ ରନ କରିଥିଲେ। ଭାରତର ବିଜୟରେ ତାଙ୍କ ରନ ବେଶ ଗୁରୁତ୍ୱବହନ କରିଥିଲା। ଆଜି ପଡିକ୍କଲ ଆଉଟ ହେବା ପରେ ମଧ୍ୟ ଜାଡେଜା ଭଲ ଲୟରେ ରହିଥିଲେ। ସେ ବ୍ୟକ୍ତିଗତ ୪୩ ରନରେ ପହଞ୍ଚି ଯାଇଥିଲେ। ସେହିପରି ଖେଳ ସରିବାକୁ ମଧ୍ୟ ଆଉ କିଛି ଓଭର ହିଁ ବାକି ଥିଲା। ହେଲେ ଏତିକି ବେଳେ ଫର୍ଣ୍ଣାଣ୍ଡୋ ଏକ ବଲକୁ ସେ ଛାଡିବାକୁ ଚେଷ୍ଟା କରୁଥିବା ବେଳେ ବୋଲ୍ଡ ହୋଇଯାଇଥିଲେ। ଜାଡେଜାଙ୍କ ପରେ ଆସିଥିଲେ ଡେବ୍ୟୁଟାଣ୍ଟ ସାରାଂଶ ଜୈନ। ସେ ୪ ରନ କରିବା ପରେ ଦିବସର ଖେଳକୁ ବନ୍ଦ ଘୋଷଣା କରାଯାଇଥିଲା। ଆସନ୍ତାକାଲି ଜୁରେଲ ଓ ସାରଂଶ ଭାରତର ଇନିଂସ ଆରମ୍ଭ କରିବେ। ଭାରତ ପ୍ରଥମ ଇନିଂସରେ ଗୋଟିଏ ବଡ ସ୍କର କରିବା ଲକ୍ଷ୍ୟରେ ରହିଛି। କାରଣ ଦଳ ହାତରେ ଆହୁରି ୫ ୱିକେଟ ରହିଛି। ସେହିପରି ପନ୍ତ ମଧ୍ୟ ଆଉଥରେ ବ୍ୟାଟିଂ କରିବାର ସମ୍ଭାବନା ଅଛି। ଆଜି ଶ୍ରୀଲଙ୍କା ପକ୍ଷରୁ ଫର୍ଣ୍ଣାଣ୍ଡୋ ୩ଟି ୱିକେଟ ନେଇଥିବା ବେଳେ ନୁୱାନ୍ଥା ଓ କୁମାର ଗୋଟିଏ ଲେଖାଏ ସଫଳତା ପାଇଛନ୍ତି। କାଲି ଘରୋଇ ଟିମ ଯଥାଶୀଘ୍ର ଭାରତକୁ ଆଉଟ କରିବାକୁ ଚେଷ୍ଟା କରିବ। ଆଜି ୮୫ ଓଭର ଖେଳା ଯାଇଥିବାରୁ ଶ୍ରୀଲଙ୍କା ନୂଆ ବଲରେ କାଲି ଆଟାକ ଷ୍ଟାର୍କ କରିବ।

# ପନ୍ତ ଆହତ

କଲମ୍ବୋ, ୨୨।୮: ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଘଟିଛି ବଡ ଘଟଣା। ଭାରତର ପ୍ରଥମ ଇନିଂସରେ ବ୍ୟାଟିଂ କରୁଥିବା ବେଳେ ଅଧାରୁ ପଡିଆ ଛାଡିଛନ୍ତି ୱିକେଟ କିପର ବ୍ୟାଟର୍ ଋଷଭ ପନ୍ତ। ସେ ୩ ନ କରିଥିବା ବେଳେ ରିଟାୟର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଛନ୍ତି।

ପୂରା ଘଟଣା ଭାରତୀୟ ଇନିଂସର



୫୮ତମ ଓଭରରେ ଘଟିଥିଲା। ଶ୍ରୀଲଙ୍କାର ଦ୍ରୁତ ବୋଲର ଲାହିରୁ କୁମାରଙ୍କ ଗୋଟିଏ ବଲ ହଠାତ୍ ପନ୍ତଙ୍କ ରିଷ୍ଟରେ ବାଜିଥିଲା। ପନ୍ତ ଶର୍ଟ ବଲରେ ପୁଲ ଶଟ୍ ମାରୁଥିବା ବେଳେ ଏହା କେବଳ ତାଙ୍କ ଗ୍ଲୋବସରେ ହିଁ ମାଡ ହୋଇଥିଲା।

ପ୍ରଥମେ ଏହା ସାଧାରଣ ଲାଗୁ ଥିଲା। କିନ୍ତୁ ପନ୍ତ ବଲ ମାଡ ହେବା ପରେ ଅସହଜ ଅନୁଭବ କରିଥିଲେ। ତୁରନ୍ତ ଫିଜିଓ ମଧ୍ୟ ଆସି ଆଇସ ପ୍ୟାକ୍ ଲଗାଇଥିଲେ। ଟେପ ଗୁଡାଇଥିଲେ। ତଥାପି ପନ୍ତଙ୍କ ଯନ୍ତ୍ରଣା କମି ନଥିଲା। ସମୟ ଗଡି ଯାଉଥିବାରୁ ଅମ୍ପାୟାର ଏଥିରେ ବାଧ୍ୟ ହୋଇ ହସ୍ତକ୍ଷେପ କରିଥିଲେ। ଶେଷରେ ପନ୍ତ ବାଧ୍ୟ ହୋଇ ରିଟାୟର୍ଡ ହର୍ଟ ହୋଇ ପ୍ୟାଭିଲିୟନ ଫେରିଥିଲେ।

# ଡବ୍ଲୁଟିସି ବର୍ଷରେ ଗିଲ୍‌ଙ୍କ ୧ ହଜାର ରନ୍

କଲମ୍ବୋ, ୨୩।୮: ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି ଟିମ ଇଣ୍ଡିଆର ଟେଷ୍ଟ ଓ ଦିନିଆ ଅଧିନାୟକ ଶୁବମନ ଗିଲ୍। ଟିମ ଇଣ୍ଡିଆର ଦୁଇ ଭେଟରାନ କ୍ରିକେଟର ରୋହିତ ଶର୍ମା ଓ ବିରାଟ କୋହଲିଙ୍କୁ ଗିଲ୍ ଆଜି ପଛରେ ପକାଇ ଦେଇଛନ୍ତି। ବିରାଟ ଓ ରୋହିତ ହାସଲ କରିପାରି ନଥିବା ଗୋଟିଏ ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି ଗିଲ୍।



ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଗିଲ୍‌ଙ୍କ ନାଁରେ ଯୋଡି ହୋଇଯାଇଛି ନୂଆ ରେକର୍ଡ। ୨୬ ବର୍ଷୀୟ ଗିଲ୍ ଭାରତର ପ୍ରଥମ ଅଧିନାୟକ ଭାବେ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ବର୍ଷରେ(୨୦୨୫-୨୭) ୧ ହଜାର ରନ ପୂରଣ କରିଛନ୍ତି। ଦ୍ୱିତୀୟ ଟେଷ୍ଟ ଆରମ୍ଭ ହେବା ପୂର୍ବରୁ ଗିଲ୍‌ର ରନ ୯୭୬ ରହିଥିଲା। ଆଜି ସେ ୫୦ ରନର ଇନିଂସ ଖେଳି କ୍ୟାପ୍‌ଟେନ ଭାବେ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ବର୍ଷରେ (୨୦୨୫-୨୭)ରେ ୧ ହଜାର ରନ ପୂରଣ କରିବାର କୀର୍ତ୍ତିମାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। ପୂର୍ବରୁ ଏହି ରେକର୍ଡ ବିରାଟ କୋହଲିଙ୍କ ନାଁରେ ଥିଲା। ସେ ଭାରତର ଅଧିନାୟକ ଭାବେ ଗୋଟିଏ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ବର୍ଷରେ(୨୦୧୯-୨୧) ୯୩୨ ରନ କରିଥିଲେ। ହେଲେ ଗିଲ୍ ପ୍ରଥମ ଅଧିନାୟକ ଭାବେ ୧ ହଜାର ରନର ମାଇଲଖୁଣ୍ଟ ଛୁଇଁଛନ୍ତି। ଏହାବାଦ ଗିଲ୍ ୪ର୍ଥ ସର୍ବକନିଷ୍ଠ ଖେଳାଳି ଭାବେ ଟେଷ୍ଟ କ୍ରିକେଟରେ ୩ ହଜାର ରନ ମଧ୍ୟ ପୂରଣ କରିଛନ୍ତି। ଆଜି ସେ ୧୩ ରନ କରିବା ମାତ୍ରେ ନିଜ ଟେଷ୍ଟ କ୍ୟାରିୟରରେ ୩ ହଜାର ରନ ପୂରଣ କରିଥିଲେ। ଏଯାଏ ଗିଲ୍ ୪୩ଟି ଟେଷ୍ଟରେ ୩୦୩୭ ରନ କରିଛନ୍ତି। ୭୭ଟି ଇନିଂସରେ ତାଙ୍କ ବ୍ୟାଟିଂ ହାର ୪୩.୫୩ ରହିଛି। ଗିଲ୍ ୧୧ଟି ଶତକ ଓ ୯ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସର୍ବକନିଷ୍ଠ ଖେଳାଳି ଭାବେ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ୩ ହଜାର ରନ ପୂରଣ କରିଥିବା ଖେଳାଳିଙ୍କ ତାଲିକାର ୧ ନମ୍ବରରେ ସଚିନ ତେନ୍ଦୁଲକର ରହିଛନ୍ତି। ସେ ୨୩ ବର୍ଷ ଓ ୨୨୮ ଦିନ ବୟସରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ଗିଲ ୨୬ ବର୍ଷ ଓ ୩୪୯ ଦିନ ବୟସରେ ୩ ହଜାର ରନ ପୂରଣ କରି ୪ର୍ଥ ସ୍ଥାନରେ ଅଛନ୍ତି। ଗିଲ୍‌ଙ୍କ ଉପରେ ବୀରେନ୍ଦ୍ର ସେହୱାଗ ଓ ଦିଲୀପ ଭେଙ୍ଗସରକାର ରହିଛନ୍ତି। ସେହୱାଗ ୨୬ ବର୍ଷ ୧୫୭ ଦିନ ବୟସରେ ଓ ଭେଙ୍ଗସରକାର ୨୬ ବର୍ଷ ୨୬୩ ଦିନ ବୟସରେ ଏହି ସଫଳତା ହାସଲ କରିଥିଲେ।

# ପଦାର୍ପଣ କଲେ ସାରାଂଶ: ୨୧ତମ ଶତାବ୍ଦୀରେ ବୟୋଜ୍ୟେଷ୍ଠ

କଲମ୍ବୋ, ୨୩।୮: ଭାରତୀୟ ଅଫ୍‌ସ୍ପିନ୍ ବୋଲିଂ ଅଲ୍‌ରାଉଣ୍ଡର ସାରାଂଶ ଜେନ ରବିବାର ଟେଷ୍ଟ୍ ପଦାର୍ପଣ କରିଛନ୍ତି। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ୍‌ରେ ସେ ଏହି ସୁଯୋଗ ପାଇଛନ୍ତି। ମ୍ୟାଚ୍ ପୂର୍ବରୁ ତାଙ୍କୁ ବାମହାତୀ ସ୍ପିନର୍ ରବୀନ୍ଦ୍ର ଜାଡଜା ଟେଷ୍ଟ କ୍ୟାପ୍ ପ୍ରଦାନ କରିଥିଲେ। ଅସୁସ୍ଥତା ଯୋଗୁଁ ଚୂଡାନ୍ତ ଏକାଦଶରୁ ବାଦ୍ ପଡିଥିବା କୁଲଦୀପଙ୍କ ସ୍ଥାନରେ ୩୩ ବର୍ଷୀୟ ଏହି ମଧ୍ୟପ୍ରଦେଶ କ୍ରିକେଟର୍ ଦଳରେ ସାମିଲ ହୋଇଛନ୍ତି। ୩୩ ବର୍ଷ ୧୪୫ ଦିନ ବୟସରେ ଭାରତ ପକ୍ଷରୁ ୨୧ତମ ଶତାବ୍ଦୀରେ ଟେଷ୍ଟ୍ ପଦାର୍ପଣ କରିବାରେ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ୨୦୦୦ ମସିହାରେ ଢାକାରେ ବାଂଲାଦେଶ ବିପକ୍ଷରେ ସବା କରିମ (୩୨ ବର୍ଷ ୩୬୨ ଦିନ ବୟସ)ଙ୍କୁ ସେ ଟପିଛନ୍ତି। ସାରାଂଶ ୫୪ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ୩୧.୭୫ ହାରରେ ୨୨୨୩ ରନ୍ କରିବା ସହ ୨୭.୩୦ ହାରରେ ୧୮୮ ୱିକେଟ୍ ଅକ୍ତିଆର କରିଛନ୍ତି।



୨୦୨୫-୨୬ ଦଲୀପ ଟ୍ରଫିରେ କେନ୍ଦ୍ରାଞ୍ଚଳ ପକ୍ଷରୁ ଖେଳୁଥିବା ସାରାଂଶ ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ପୁରସ୍କାର ପଇଥିଲେ। ଅଫ୍‌ସ୍ପିନର ୱାସିଂଟନ୍ ସୁନ୍ଦର ଆହତ ଥିବାରୁ ସାରାଂଶଙ୍କୁ ଶ୍ରୀଲଙ୍କା ଗସ୍ତ ଲାଗି ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଏହା ପୂର୍ବରୁ ସେ ଭାରତ 'ଏ' ପକ୍ଷରୁ ଶ୍ରୀଲଙ୍କା 'ଏ' ବିପକ୍ଷରେ ଅପରାଜିତ ୭୦ ରନ୍ କରିବା ସହ ୬ ୱିକେଟ୍ ନେଇ ଚୟନକର୍ତ୍ତାଙ୍କ ଦୃଷ୍ଟିକୁ ଆସିଥିଲେ। ସେ ମଧ୍ୟ ୨୦୨୧ ଜାନୁଆରିରେ ୱାସିଂଟନଙ୍କ ପରେ ପ୍ରଥମ ସ୍ପିନର ଭାବେ ଭାରତ ପକ୍ଷରୁ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି।

# ଜୟସ୍ୱାଲ-ଫର୍ଣ୍ଣାଣ୍ଡୋଙ୍କ ମଧ୍ୟରେ ବାକ୍‌ଯୁଦ୍ଧ

କଲମ୍ବୋ, ୨୩।୮ :କଲମ୍ବୋରେ ରବିବାର ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ୍‌ରେ ଭାରତୀୟ ଓପନର୍ ଯଶସ୍ୱୀ ଜୟସ୍ୱାଲ ଓ ଶ୍ରୀଲଙ୍କା ବୋଲର ଅସିତ ଫର୍ଣ୍ଣାଣ୍ଡୋ ମଧ୍ୟରେ ବାକ୍‌ଯୁଦ୍ଧ ଦେଖିବାକୁ ମିଳିଛି। ଜୟସ୍ୱାଲଙ୍କୁ ଫର୍ଣ୍ଣାଣ୍ଡୋ ଆଉଟ୍ କରିବା ପରେ ୧୭ତମ ଓଭରରେ ଏହି ଅଘଟଣ ଘଟିଥିଲା। ଫର୍ଣ୍ଣାଣ୍ଡୋଙ୍କ ଏହି ଓଭରରେ ୩ଟି ଚୌକା ମାରିବା ପରେ ଜୟସ୍ୱାଲ ଆଉଟ୍ ହୋଇଥିଲେ।

ଜୟସ୍ୱାଲ ପ୍ୟାଭିଲିୟନ୍ ଯାଉଥିବା ବେଳେ ଫର୍ଣ୍ଣାଣ୍ଡୋ ତାଙ୍କୁ ଆଙ୍ଗୁଠି ଦେଖାଇଥିଲେ। ଏଥିରେ ଜୟସ୍ୱାଲ ଉତ୍କ୍ଷିପ୍ତ ହୋଇ ଫର୍ଣ୍ଣାଣ୍ଡୋଙ୍କ ପାଖକୁ ମାଡି ଯାଇ ମୁହାଁମୁହିଁ ହୋଇଥିଲେ। ଏପରକି ହେଲ୍‌ମେଟ୍ ଫର୍ଣ୍ଣାଣ୍ଡୋଙ୍କ ମୁହଁରେ ଲଗାଇବାକୁ ଯାଉଥିଲା ବେଳେ ଶ୍ରୀଲଙ୍କା ଅଧିନାୟକ ଧନଞ୍ଜୟ ଡି'ସିଲ୍‌ଭା ଏଥିରେ ହସ୍ତକ୍ଷେପ କରି ଉଭୟଙ୍କୁ ଅଲଗା କରିଥିଲେ। ଏହାପରେ ଜୟସ୍ୱାଲ ପ୍ୟାଭିଲିୟନ୍ ଫେରିଥିଲେ। ଆଉଟ୍ ହେବା ବେଳକୁ ଜୟସ୍ୱାଲ ୯ ଚୌକା ସହ ୫୩ ବଲ୍‌ରୁ ୪୫ ରନ୍ କରିଥିଲେ। ପ୍ରଥମ ଟେଷ୍ଟର ଦ୍ୱିତୀୟ ପାଳିରେ ନିରୋଶାନ ଡିକ୍‌ୱେଲା ବ୍ୟାଟିଂ କରୁଥିଲା ବେଳେ ଜୟସ୍ୱାଲ ସ୍ଲେଜିଂ କରି ଚର୍ଚ୍ଚାରେ ରହିଥିଲେ।

# ଅବସର ନେଲେ କର୍ଣ୍ଣ ଶର୍ମା




ନୂଆଦିଲ୍ଲୀ: ଭାରତୀୟ ଲେଗ୍ ସ୍ପିନର୍ କର୍ଣ୍ଣ ଶର୍ମା ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟ୍‌ରୁ ଅବସର ନେଇଛନ୍ତି। ୩୮ ବର୍ଷୀୟ କର୍ଣ୍ଣ ଭାରତ ପକ୍ଷରୁ ଗୋଟିଏ ଟେଷ୍ଟ, ୨ ଦିନିକିଆ ଓ ଗୋଟିଏ ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳିଥିଲେ। ସଂପ୍ରତି ୟୁପିଟି୨୦ ଲିଗରେ କାନପୁର ସୁପରଷ୍ଟାର୍‌ରୁ ଖେଳୁଥିବା ଅବସରରେ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ସେ ନିଜର ଶେଷ ମ୍ୟାଚ୍ ମଙ୍ଗଳବାର ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ମେରୁଟ୍ ମାଭରିକ୍ସ ବିପକ୍ଷରେ ଖେଳିବେ। ''ମୁଁ କେବଳ ଅବସର ଚାହୁଁଛି। ମଙ୍ଗଳବାର ମୁଁ ଶେଷ ମ୍ୟାଚ୍ ଖେଳିବି। ସମସ୍ତ କ୍ରିକେଟ୍‌ରୁ ଅବସର ନେଉଛି। ଏହାପରେ ମୁଁ କ୍ରିକେଟ୍ ସହ ପ୍ରଶିକ୍ଷକ ଓ ଅନ୍ୟ ଦାୟିତ୍ୱରେ ଯୋଡି ରହିବି। ମୋର ଏହି ଯାତ୍ରାରେ ସହଯୋଗ କରିଥିବା ମୋ ପରିବାର, ବିସିସିଆଇ, ରେଳବାଇ, ୟୁପିସିଏ ଓ ଆନ୍ଧ୍ର ସହ ଅନ୍ୟସମସ୍ତଙ୍କୁ ଧନ୍ୟବାଦ ଦେଉଛି'' ବୋଲି କର୍ଣ୍ଣ ଅବସର ଘୋଷଣା ବେଳେ କହିଛନ୍ତି। ମେରୁଟ୍ ବାସିନ୍ଦା କର୍ଣ୍ଣ ୨୦୧୪ରେ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ଆଡିଲେଡ୍‌ରେ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ୍ ଖେଳିବା ପରେ ବର୍ମିଂହାମରେ ଇଂଲଣ୍ଡ ବିପକ୍ଷରେ ଟ୍ୱେଣ୍ଟି-୨୦ ଖେଳିଥିଲେ। ସେହିବର୍ଷ ଶ୍ରୀଲଙ୍କା ବିପକ୍ଷରେ ୨ଟି ଯାକ ଦିନିକିଆ ଖେଳିଥିଲେ। ଘରୋଇ କ୍ରିକେଟ୍‌ରେ ଏହି ଭେଟରାନ୍ ୯୭ ପ୍ରଥମ ଶ୍ରେଣୀରେ ୨୭୦, ୧୨୩ ଲିଷ୍ଟ୍-ଏ'ରେ ୧୨୩ ଓ ୧୯୧ ଟ୍ୱେଣ୍ଟି-୨୦ରେ ୧୬୮ ୱିକେଟ୍ ଅକ୍ତିଆର କରିଛନ୍ତି। ରେଳବାଇ, ଆନ୍ଧ୍ରପ୍ରଦେଶ ଓ ବିଦର୍ଭ ପକ୍ଷରୁ ସେ ଘରୋଇ କ୍ରିକେଟ୍ ଖେଳିଥିଲା ବେଳେ ଉତ୍ତରପ୍ରଦେଶ ପକ୍ଷରୁ ବୟସ ଗ୍ରୁପ୍‌ରେ ଖେଳିଥିଲେ।

# ବେୟର୍ନ ମ୍ୟୁନିକ୍ ଜିତିଲା ଜର୍ମାନ ସୁପରକପ୍

ନୂଆଦିଲ୍ଲୀ, ୨୩।୮: ଗତ ଋତୁରେ ଯୁଗଳ ଘରୋଇ ପ୍ରତିଯୋଗିତା ଜିତିଥିବା ବେୟର୍ନ ମ୍ୟୁନିକ୍ ଚଳିତ ବର୍ଷ ଜର୍ମାନ ସୁପର କପ୍‌ରେ ବିଜେତା ହୋଇଛି। ଶନିବାର ଫାଇନାଲ୍‌ରେ ଅୟୋଜକ ବୋରୁସିଆ ଡର୍ଟମୁଣ୍ଡକୁ ୨-୧ରେ ହରାଇ ଏହି ଟ୍ରଫି ଜିତିଥିଲା। ମ୍ୟାଚ୍‌ର ୨୮ତମ ମିନିଟ୍‌ରେ ପଦାର୍ପଣକାରୀ ନାଥାନିଲ ବ୍ରାଉନ୍‌ଙ୍କ ଗୋଲ୍‌ରେ ବେୟର୍ନ ମ୍ୟୁନିକ୍ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାପରେ ପ୍ରଥମ ଇନ୍‌ଜୁରି ସମୟରେ ଫ୍ରାନ୍ସ ଅନ୍ତର୍ଜାତୀୟ ଖେଳାଳି ମାଇକେଲ ଓଲିସ (୪୫+୧ ମିନିଟ୍)ଙ୍କ ଗୋଲ୍‌ରେ ଦଳ ୨-୦ରେ ପ୍ରଥମାର୍ଦ୍ଧକୁ ନିଜ ପକ୍ଷରେ ରଖିଥିଲା। ତେବେ ଦ୍ୱିତୀୟାର୍ଦ୍ଧରେ ଫାବିଓ ସିଲ୍‌ଭା (୭୫ ମିନିଟ୍)ଙ୍କ ଗୋଲ୍‌ରେ ଡର୍ଟମୁଣ୍ଡ ମ୍ୟାଚ୍‌କୁ ୧-୨ ସ୍ଥିତିକୁ ଆଣିବା ସହ ପ୍ରତ୍ୟାବର୍ତ୍ତନ ଆଶା ସଞ୍ଚାର କରିଥିଲା। ୯୦ତମ ମିନିଟ୍‌ରେ ରାମି ବେନ୍‌ସେବାଇନି ରେଡ୍‌କାର୍ଡ ପାଇ ପଡିଆ ଛାଡିବାରୁ ୧୦ ଜଣିଆ ଡର୍ଟମୁଣ୍ଡ ଆଉ ଫେରି ନପାରି ପରାଜୟ ବରଣ କରିଥିଲା।

# ଗଦ୍ଦାଫୀ ଷ୍ଟାଡିୟମକୁ କ୍ଲିନ ଚିଟ୍

ମୁମ୍ବାଇ, ୨୩।୮ : ପାକିସ୍ତାନକୁ ଆଇସିସିର ବଡ଼ ଆଶ୍ୱସ୍ତ । ଡିମେରିଟ ପଏଣ୍ଟ ମିଳିଥିବା ଷ୍ଟାଡିୟମକୁ ମିଳିଲା କ୍ଲିନ ଚିଟ୍। ଆଇସିସି ପିଚର ଫଟୋ ଏବଂ ଭିଡ଼ିଓ ଦେଖିବା ପରେ ନେଇଛି ଏଭଳି ନିଷ୍ପତ୍ତି । ଜୁନରେ ଅଷ୍ଟ୍ରେଲିଆ କ୍ରିକେଟ ଟିମ୍ ୱାନଡେ ସିରିଜ ଖେଳିବା ଲାଗି ପାକିସ୍ତାନ ଆସିଥିଲା । ଯାହାର ଏକ ମ୍ୟାଚ୍ ଗଦ୍ଦାଫୀ ଷ୍ଟାଡିୟମରେ ଖେଳାଯାଇଥିଲା । ଏହି ମ୍ୟାଚରେ ପିଚକୁ ନେଇ ପ୍ରଶ୍ନ ଉଠିଥିଲା, ମ୍ୟାଚ୍ ରେଫରୀ ପିଚକୁ ଅସନ୍ତୋଷଜନକ କହିଥିଲେ । ଷ୍ଟାଡିୟମକୁ ଏକ ଡିମେରିଟ୍ ପଏଣ୍ଟ ବି ଦିଆଯାଇଥିଲା, କିନ୍ତୁ ଆଇସିସି ପିସିବିକୁ ବଡ଼ ଆଶ୍ୱସ୍ତ ଦେଇଛି । ଷ୍ଟାଡିୟମ ସହ ଯୋଡ଼ି ହୋଇଥିବା ଡିମେରିଟ ପଏଣ୍ଟ ବି ହଟାଇ ଦେଇଛି ।



ପାକିସ୍ତାନ ବନାମ ଅଷ୍ଟ୍ରେଲିଆ ମ୍ୟାଚର ପିଚକୁ ରେଫରୀ ଅସନ୍ତୋଷଜନକ କହିଥିଲେ । ପାକିସ୍ତାନ କ୍ରିକେଟ ବୋର୍ଡ଼ ନିଷ୍ପତ୍ତି ବିରୁଦ୍ଧରେ ଅପିଲ କରିଥିଲେ । ଯାହାପରେ ଆଇସିସି ଗଦ୍ଦାଫୀ ଷ୍ଟାଡିୟମ ସହ ଯୋଡ଼ି ହୋଇଥିବା ଡିମେରିଟ୍ ପଏଣ୍ଟକୁ ହଟାଇ ଦେଇଛି । ଆଇସିସି ପିଚର ଫଟୋ ଏବଂ ଭିଡ଼ିଓ ଦେଖିଥିଲା । ଏହାପରେ ନିଷ୍ପତ୍ତି ବଦଳାଇବା ଏବଂ ଡିମେରିଟ ପଏଣ୍ଟ ହଟାଇବାକୁ ନିଷ୍ପତ୍ତି ନେଇଥିଲା ।

ପ୍ରକାଶ ଯେ, ୱାନଡେ ସିରିଜର ଶେଷ ମ୍ୟାଚ୍ ଥିଲା, ଯାହା ଜୁନ୍ ୪ରେ ଗଦ୍ଦାଫି ଷ୍ଟାଡିୟମରେ ହୋଇଥିଲା । ପିଚ୍ ବୋଲରଙ୍କୁ ବହୁତ ସାହାଯ୍ୟ କରିଥିଲା । ବ୍ୟାଟିଂ କରିବାକୁ ଏଠାରେ ବହୁତ କଷ୍ଟ କରିବାକୁ ପଡ଼ିଥିଲା । ଅଷ୍ଟ୍ରେଲିଆ ଟିମ୍ ୧୫୭ରନରେ ଅଲଆଉଟ ହୋଇଯାଇଥିଲା । ଯାହାପରେ ପିଚକୁ ଅସନ୍ତୋଷଜନକ ଘୋଷଣା କରାଯାଇଥିଲା । ଷ୍ଟାଡିୟମକୁ ଏକ ଡିମେରିଟ୍ ପଏଣ୍ଟ ବି ଦିଆଯାଇଥିଲା । ପରେ ପାକିସ୍ତାନ କ୍ରିକେଟ ବୋର୍ଡ଼ ଅପିଲ କରିଥିଲା ।

ଗଦ୍ଦାଫି ଷ୍ଟାଡିୟମ ପିଚର ଫଟୋ ଏବଂ ଭିଡ଼ିଓରେ ଦେଖିବା ପରେ ଆଇସିସି ପିଚକୁ ଠିକ୍ କହିଛି । ସେ କହିଛି କି ପିଚରେ ଏଭଳି କିଛି ଖରାପ ନ ଥିଲା, ଯାହାଦ୍ୱାରା ଅସନ୍ତୋଷଜନକ କୁହାଯାଇଥିଲା । ପିଚ ଏଭଳି ବିପଦପୂର୍ଣ୍ଣ ନ ଥିଲା କି ବ୍ୟାଟରଙ୍କ ଲାଗି ବିପଦ ସୃଷ୍ଟି କରିବ । ସେହି ମ୍ୟାଚରେ ଅଷ୍ଟ୍ରେଲିଆ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫୭ରନରେ ଅଲଆଉଟ ହୋଇଯାଇଥିଲା । ଅଷ୍ଟ୍ରେଲିଆର ଅଧିନାୟକ ଜୋଶ୍ ଇଂଲିଶ ସେହି ପାଳିରେ ସବୁଠାରୁ ଅଧିକ ୬୫ରନ୍ କରିଥିଲେ । ୬ ଅଷ୍ଟ୍ରେଲିଆ ବ୍ୟାଟର ଦୁଇ ଅଙ୍କ ବିଶିଷ୍ଟ ସଂଖ୍ୟା ଛୁଇଁପାରିନଥିଲେ । ପାକିସ୍ତାନର ବ୍ୟାଟିଂ ବି ଭଲ ନ ଥିଲା । ସେ ୧୫୮ରନର ଲକ୍ଷ୍ୟକୁ ୪୧.୫ଓଭରରେ ହାସଲ କରିଥିଲା ।

# ଦେଢ ଦିନରେ ବାଂଲାଦେଶ ଚିତପଟାଙ୍ଗ

## ୬୪ ପରେ ୯୫ରେ ଅଲ୍‌ଆଉଟ୍, ଇନିଂସ ଓ ୫୧ ରନରେ ଜିତିଲା ଅଷ୍ଟ୍ରେଲିଆ, ସିରିଜ୍ ଡ୍ର

ମ୍ୟାକକେ, ୨୩।୮: ମାତ୍ର ଦେଢ଼ ଦିନରେ ଶେଷ ହୋଇ ଯାଇଛି ଟେଷ୍ଟ ମ୍ୟାଚ୍। ବାଂଲାଦେଶକୁ ଧୂଳି ଚଟାଇଛି ଅଷ୍ଟ୍ରେଲିଆ। ପ୍ରଥମ ଟେଷ୍ଟକୁ ଅପ୍ରତ୍ୟାଶିତ ଭାବେ ଜିତି ନେଇଥିବା ବାଂଲାଦେଶ ଏବେ ମ୍ୟାକେରେ ମାଟି କାମୁଡିଛି।

ପ୍ରଥମ ଇନିଂସରେ ମାତ୍ର ୬୪ ରନ କରିପାରିଥିବା ବାଂଲାଦେଶ ଦ୍ୱିତୀୟ ଇନିଂସରେ ୯୫ ରନ କରି ଅଲଆଉଟ ହୋଇ ଯାଇଛି। ଏଥିଯୋଗୁ ଘରୋଇ କଙ୍ଗାରୁ ଟିମ ଗୋଟିଏ ଇନିଂସ ଓ ୫୧ ରନରେ ମ୍ୟାଚ୍ ଜିତି ନେଇଛି। ଏହି ମ୍ୟାଚ୍ ଜିତି ଦୁଇ ଟିକିଆ ଟେଷ୍ଟ ସିରିଜକୁ ମଧ୍ୟ ୧-୧ରେ ଡ୍ର କରିବାକୁ ସକ୍ଷମ ହୋଇଛି ଅଷ୍ଟ୍ରେଲିଆ।



ଅଷ୍ଟ୍ରେଲିଆର ଏହି ବଡ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ। ସେ ପ୍ରଥମ ଇନିଂସରେ ୬ଟି ଓ ଦ୍ୱିତୀୟ ଇନିଂସରେ ଦଖଲ କରିଛନ୍ତି ୪ ୱିକେଟ। ୧୦ ୱିକେଟ ସଫଳତା ଯୋଗୁ ତାଙ୍କୁ ମିଳିଛି ମ୍ୟାନ ଅଫ ଦି ମ୍ୟାଚ୍। ସିରିଜର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ଷ୍ଟାର୍କ ହାସଲ କରିଛନ୍ତି।

ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବାଂଲାଦେଶ କେବଳ ୬୪ ରନ କରିପାରିଥିଲା। ଷ୍ଟାର୍କ ୧୦ ଓଭରରେ ୧୨ ରନ ଦେଇ ୬ଟି ୱିକେଟ ଦଖଲ କରିଥିଲେ। ତାଙ୍କ ସହ ଅଧିନାୟକ ପାଟ କମିନ୍ସ ୩ଟି ଓ ୱେବଷ୍ଟର ଗୋଟିଏ ସଫଳତା ପାଇଥିଲେ। ବାଂଲାଦେଶ ଭଳି ଅଷ୍ଟ୍ରେଲିଆ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପ୍ରଥମ ଦିନର ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ୮ ୱିକେଟ ହରାଇ ୧୬୫ ରନ କରିଥିଲା। କାମେରନ ଗ୍ରୀନ ୫୧ ଓ ନାଥନ ଲାୟନ ୧୦ ରନ କରି ଅପରାଜିତ ରହିଥିଲେ। ଆଜି ଗ୍ରୀନ ଦଳୀୟ ସ୍କର ୧୮୬ ଥିବା ବେଳେ ୯ମ ବ୍ୟାଟର ଭାବେ ୬୭ ରନ କରି ଆଉଟ ହୋଇଥିଲେ। କିନ୍ତୁ ଜୋଶ ହାଜେଲଉଡଙ୍କୁ ସାଥୀ କରି ଲାୟନ ଶେଷ ୱିକେଟ ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ରନ ଯୋଡିଥିଲେ। ତେବେ ଦଳୀୟ ସ୍କର ୨୧୦ ଥିବା ବେଳେ ତାଇଜୁଲ ଇସଲାମ ୬ ନ କରିଥିବା ହାଜେଲଉଡଙ୍କୁ ଆଉଟ କରି ଅଷ୍ଟ୍ରେଲିଆ ଇନିଂସରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ।

ଲାୟନ ୩୨ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ବାଂଲାଦେଶ ପାଇଁ ଶୋରିଫୁଲ ଇସଲାମ ଏକାକୀ ୭ଟି ୱିକେଟ ନେଇଥିବା ବେଳେ ତାଇଜୁଲ, ମେହିଦ ହାସନ ମିରାଜ ଓ ତସ୍କିନ ଅହମଦଙ୍କୁ ଗୋଟିଏ ଲେଖାଏ ସଫଳତା ମିଳିଥିଲା।

ଅଷ୍ଟ୍ରେଲିଆ ଅଲଆଉଟ ହେବାକୁ ବାଂଲାଦେଶ ଇନିଂସ ଆରମ୍ଭ କରିଥିଲା। କିନ୍ତୁ ଷ୍ଟାର୍କ, କମିନ୍ସ ଓ ଲାୟନ ତାସର ଘର ଭଳି ବାଂଲାଦେଶ ଲାଇନ ଅପକୁ ଭୁଶୁଡାଇ ଦେଇଥିଲେ। ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ(୩୧) ଓ ମୁସଫିକର ରହିମଙ୍କ ଅପରାଜିତ ୨୯ ରନକୁ ଛାଡି ଦେଲେ ଆଉ କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁ ପାରି ନଥିଲେ। ଶେଷରେ ବାଂଲାଦେଶ ୯୫ ରନରେ ହିଁ ଅଲଆଉଟ ହୋଇଥିଲା।

ଦ୍ୱିତୀୟ ଇନିଂସରେ ଷ୍ଟାର୍କ ୪ଟି ୱିକେଟ ନେଇଥିବା ବେଳେ କମିନ୍ସ ଓ ଲାୟନ ୩ଟି ଲେଖାଏ ସଫଳତା ପାଇଛନ୍ତି। ଅଷ୍ଟ୍ରେଲିଆ ଘାତକ ବୋଲିଂ କରି ଦେଢ ଦିନରେ ହିଁ ମ୍ୟାଚ୍ ଶେଷ କରି ଦେଇଛି। ୪ର୍ଥ ଥର ପାଇଁ କୌଣସି ଟେଷ୍ଟ ଏତେ କମ ସମୟରେ ଶେଷ ହେବାର ରେକର୍ଡ ସୃଷ୍ଟି ହୋଇଛି। ୩ଟି ଯାକ ଇନିଂସରେ ମୋଟ ୧୨୫ ଓଭର ବୋଲିଂ ହୋଇଛି। ପ୍ରଥମ ଇନିଂସରେ ବାଂଲାଦେଶ ୩୪ ଓଭର ବ୍ୟାଟିଂ କରିଥିଲା। ଏହାର ଜବାବରେ ଅଷ୍ଟ୍ରେଲିଆ ୫୨.୩ ଓଭରରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ବାଂଲାଦେଶ କେବଳ ୩୮.୩ ଓଭର ହିଁ ବ୍ୟାଟିଂ କରିପାରିଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982